READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବର୍ଷ-୨ ସଂଖ୍ୟା-୩୦ ୦୬ - ୧୨ ଅଗଷ୍ଟ, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-30 06th - 12th AUGUST, 2018 BHUBANESWAR ₹ 5/- (8 Pages)




### ଲୋକାର୍ପଣ ଅପେକ୍ଷାରେ ପୋଖରୀପୁଟ ଓଭରବ୍ରିଜ୍

ଭୁବନେଶ୍ୱର : ଦୀର୍ଘଦିନର ଅପେକ୍ଷା ପରେ ଜନସାଧାରଣଙ୍କ ପାଇଁ ଲୋକାର୍ପିତ ହେବାକୁ ଯାଉଛି ପୋଖରୀପୁଟ ରେଳ ଓଭରବ୍ରିଜ୍। ସୂଚନାଯୋଗ୍ୟ, ୨୦୧୨ ଅଗଷ୍ଟ ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭ ଦେଇଥିଲେ।

### ପୋଲାଭରମ ପରିବେଶ ମଞ୍ଜୁରୀ ନେଇ ଓଡ଼ିଶା ସରକାରଙ୍କ ଆପତ୍ତି

## କେନ୍ଦ୍ର ଓ ଆନ୍ଧ୍ରକୁ ନୋଟିସ



**ନୂଆଦିଲ୍ଲୀ :** ପୋଲାଭରମ ପ୍ରକଳ୍ପର ପରିବେଶ ମଞ୍ଜୁରୀ ନେଇ କେନ୍ଦ୍ର ଓ ଆନ୍ଧ୍ର ସରକାରଙ୍କ ଉପରେ ନୋଟିସ ଜାରି କରିଛନ୍ତି ସୁପ୍ରିମକୋର୍ଟ। ଓଡ଼ିଶା ସରକାରଙ୍କ ଆପତ୍ତି ଭିତ୍ତିରେ ଏହି ନୋଟିସ ଜାରି କରାଯାଇ ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟର ବିଚାରପତି ମଦନ ବି ଲୋକୁର ଏବଂ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ପୋଲାଭରମ ପ୍ରକଳ୍ପର ପାରିବେଶ ଅନୁମୋଦନ ନେଇ ଓଡ଼ିଶା ସରକାର ଦାଏର କରିଥିବା ଆପତ୍ତି ସଂପର୍କରେ ଶୁଣାଣି କରିଥିଲେ। ଓଡ଼ିଶାର ଆପତ୍ତି ନେଇ ୩ ସପ୍ତାହ ମଧ୍ୟରେ କେନ୍ଦ୍ର ଓ ଆନ୍ଧ୍ର ସରକାର ଜବାବ ଦାଖଲ କଲେ ମାମଲାର ପରବର୍ତ୍ତୀ ଶୁଣାଣି ୪ ସପ୍ତାହ ପରେ ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଓଡ଼ିଶା ସରକାର ଏବଂ ହାଇଦ୍ରାବାଦସ୍ଥିତ ରେଡିନେସ୍ ଫର୍ ଏମ୍ପାୱାର୍‌ମେଣ୍ଟ୍ ଥ୍ରୁ ଲେଜିଟିମେଟ୍ ଆକ୍ସନ ବା ରେଲା ତରଫରୁ ଏନେଇ ଆପତ୍ତି ଉଠାଯାଇଛି। ଦୀର୍ଘ ଦିନ ହେବ ଏହି ଆପତ୍ତି ସଂପର୍କରେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନଥିବାରୁ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ପାଇଁ ପୋଲାଭରମ ପ୍ରକଳ୍ପ କ୍ଷତିକାରକ ହୋଇଥିବା ଦର୍ଶାଇ ଓଡ଼ିଶା ସରକାର ଏହି ପ୍ରକଳ୍ପକୁ ମୂଳରୁ ବିରୋଧ କରୁଛନ୍ତି। ➤ ପୃ-୬

### ଆସାମ ବିତାଡିତ ବାଂଲାଦେଶୀ ଓଡ଼ିଶା ମୁହାଁ !

## ତଟ ସୁରକ୍ଷା ପାଇଁ କଡା ନିର୍ଦ୍ଦେଶ



**ଭୁବନେଶ୍ୱର :** ଆସାମ ନାଗରିକତ୍ୱରୁ ବାଦ୍ ପଡ଼ିଥିବା ପ୍ରାୟ ୪୦ ଲକ୍ଷ ବାଂଲାଦେଶୀ ଅନ୍ୟ ରାଜ୍ୟକୁ ମୁହାଁଇଥିବା ନେଇ ଗୁଇନ୍ଦା ସୂଚନା ମିଳିବା ପରେ ଓଡ଼ିଶା ପୋଲିସ ବିଶେଷ ତତ୍ପର ହୋଇ ଉଠିଛି। ବିଶେଷ କରି ଆସାମରୁ ବିତାଡ଼ିତ ଏହି ବଂାଲାଦେଶୀମାନେ ଓଡ଼ିଶା ପଳାଇ ଆସିବାର ସମ୍ଭାବନା ଥିବାରୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି। ତଟ ସୁରକ୍ଷା ବାହିନୀ ସମେତ ଉପକୂଳ ଥାନା ଓ ଏସପିଙ୍କୁ ଅନୁପ୍ରବେଶ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂଚନା ଦେଇଛନ୍ତି ତଟ ସୁରକ୍ଷା ଅତିରିକ୍ତ ଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟ। ଏଥିସହ ସେ କହିଛନ୍ତି, ସମୁଦ୍ରରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ତଥ୍ୟ ଅନୁସାରେ ରାଜ୍ୟରେ ଏବେ ୩୭ ହଜାର ବାଂଲାଦେଶୀ ଶରଣାର୍ଥୀ ରହିଥିବା ବେଳେ ଏବେ ପୁଣି ଉପକୂଳ ବାଟ ଦେଇ ଓଡ଼ିଶାକୁ ବାଂଲାଦେଶୀମାନେ ଅନୁପ୍ରବେଶ କରିବାର ସମ୍ଭାବନା ରହିଛି। ଏମାନଙ୍କ ପାଇଁ ବାଲେଶ୍ୱରରୁ ଗଞ୍ଜାମ ପର୍ଯ୍ୟନ୍ତ ସୁଦୀର୍ଘ ୪୭୬ କିଲୋମିଟର ବେଳାଭୂମି ଅନୁପ୍ରବେଶ ପାଇଁ ଅତ୍ୟନ୍ତ ସହଜ ରାସ୍ତା ବୋଲି କୁହାଯାଉଛି। କିନ୍ତୁ ପୋଲିସ୍‌ର କହିବାନୁଯାୟୀ ଉପକୂଳ ସୁରକ୍ଷା ଓ ଅନୁପ୍ରବେଶକାରୀଙ୍କ ➤ ପୃ-୬

### ପଦୋନ୍ନତିରେ ସଂରକ୍ଷଣ

## ସପକ୍ଷରେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ :** ସରକାର ଅନୁସୂଚିତ ଜାତି-ଜନଜାତିଙ୍କ ପଦୋନ୍ନତିରେ ସଂରକ୍ଷଣ ସୁବିଧା ଦିଆଯିବା ନିମନ୍ତେ ସୁପ୍ରିମକୋର୍ଟରେ ଦୃଢ଼ ଯୁକ୍ତି ବାଢ଼ିଛନ୍ତି। ସରକାରଙ୍କ ପକ୍ଷରୁ ଆଟର୍ଣ୍ଣି ଜେନେରାଲ କେକେ ଭେନୁଗୋପାଲ ସୁପ୍ରିମକୋର୍ଟଙ୍କୁ କହିଛନ୍ତି, ଅତି ପଛୁଆବର୍ଗ ଭାବେ ବିବେଚିତ ଅନୁସୂଚିତ ଜାତି-ଜନଜାତିର ସରକାରୀ କର୍ମଚାରୀଙ୍କୁ ଯଦି ପଦୋନ୍ନତି ଦିଆନଯାଏ, ତାହାହେଲେ ସରକାରଙ୍କ ଏହି ଲକ୍ଷ୍ୟ କେବଳ ସ୍ୱପ୍ନରେ ରହିଯିବ। ଏହି ବର୍ଗ ହଜାର ବର୍ଷରୁ ଅଧିକ କାଳ ହେଲା ବିଭିନ୍ନ କ୍ଷେତ୍ରରେ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ଲାଗି ପଦୋନ୍ନତି କ୍ଷେତ୍ରରେ ୨୨.୫% କୋଟା ରଖିବାକୁ ପଡ଼ିବ। ୨୦୦୬ରେ ସୁପ୍ରିମକୋର୍ଟ ଏକ ରାୟରେ ପଦୋନ୍ନତିରେ କ୍ରିମିଲେୟର (ସ୍ୱଚ୍ଛଳବର୍ଗ) ସଂରକ୍ଷଣ ବିରୋଧରେ ରୁଲିଂ ଦେଇଥିଲେ। ସରକାର ଯଦି ଏ କ୍ଷେତ୍ରରେ ସଂରକ୍ଷଣର ଯଥାର୍ଥତା ସମ୍ପର୍କରେ ➤ ପୃ-୬

## 'ଡୋକଲାମ ବିବାଦ ସମାଧାନ ସମ୍ଭବ'



**ନୂଆଦିଲ୍ଲୀ :** ଡୋକଲାମରେ ଉପୁଜିଥିବା ଭାରତ-ଚୀନ ବିବାଦ ସମାଧାନ ପାଇଁ ଏକମାତ୍ର ବାଟ ହେଉଛି ଆପୋଷ ଆଲୋଚନା। ଉଭୟ ପକ୍ଷ ଇଞ୍ଚେ ମଧ୍ୟ ଜାଗା ନ ହରାଇ ବିବାଦ ସମାଧାନ କରାଯାଇପାରିବ। ଏପରି ସମ୍ଭାବନା ପ୍ରକାଶ କରିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ ରାଷ୍ଟ୍ରପତି ଜି ଜିନପିଙ୍ଗଙ୍କ ମଧ୍ୟରେ ସଂଘଟିତ ମୁକ୍ତ ଆଲୋଚନା, ପାରସ୍ପରିକ ବୁଝାମଣା ଓ ଭରସାକୁ ଆଧାର କରି ସୁଷମା ଏଭଳି ମନ୍ତବ୍ୟ ପ୍ରଦାନ କରିଛନ୍ତି। ➤ ପୃ-୬


### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ତାଇୱାନ ପ୍ରତିନିଧି ମଣ୍ଡଳୀ

## ୪୩ ହଜାର କୋଟି ପୁଞ୍ଜିନିବେଶ ପ୍ରସ୍ତାବ



**ଭୁବନେଶ୍ୱର :** ଓଡ଼ିଶାରେ ୪୩ ହଜାର କୋଟି ପୁଞ୍ଜିନିବେଶ ପ୍ରସ୍ତାବ ନବୀନଙ୍କୁ ଭେଟିଲେ ତାଇୱାନ୍ ପ୍ରତିନିଧି ପାରାଦୀପରେ ତାଇୱାନ କମ୍ପାନୀ ସିପିସି କର୍ପୋରେସନ୍ ୪୩ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଇୱାନ୍ ସିପିସି କର୍ପୋରେସନ୍‌ର ସଭାପତି ସୁନ-ଚିନ୍ ଲିଙ୍କ ନେତୃତ୍ୱରେ ବ୍ୟବସାୟିକ ପ୍ରତିନିଧି ଦଳ ଏ ସମ୍ପର୍କରେ ଭେଟି ଆଲୋଚନା କରିଛନ୍ତି। ପାରାଦୀପରେ ତାଇୱାନ ସିପିସି କର୍ପୋରେସନ୍ କମ୍ପାନୀ ଏକ ପେଟ୍ରୋଲିୟମ କ୍ରାକର୍ କମ୍ପାନୀ ପ୍ରତିଷ୍ଠା କରିବ ବୋଲି ଆଲୋଚନାରୁ ଜଣାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ପ୍ରକଳ୍ପ ପ୍ରତିଷ୍ଠା ଦ୍ୱାରା ପାରାଦୀପରେ ପେଟ୍ରୋଲିୟମ କ୍ଷେତ୍ରରେ ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠା ଦିଗରେ ସହାୟକ ହେବ। ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ➤ ପୃ-୬

## ହେବନାହିଁ ଆଗୁଆ ନିର୍ବାଚନ



**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ଆଗୁଆ ହେବା ନେଇ ଦୀର୍ଘଦିନ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ୨୦୧୮ ନୁହେଁ ୨୦୧୯ରେ ହିଁ ହେବ ସାଧାରଣ ନିର୍ବାଚନ। ଏ ନେଇ ସ୍ପଷ୍ଟ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର। ସେପ୍ଟେମ୍ବର ପହିଲାରୁ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବ। ଭୋଟର ତାଲିକାରେ ନାଁ ସାମିଲ ଓ ବାଦ ଦେବା କିମ୍ବା ସଂଶୋଧନ କରିବା ପ୍ରକ୍ରିୟା ଆସନ୍ତା ଅକ୍ଟୋବର ୩୧ ତାରିଖ ➤ ପୃ-୬

### ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାକୁ ମଞ୍ଜୁରୀ

## ପ୍ରଥମ ଦଫାରେ ଉପକୃତ ହେବେ ୨୫ ଲକ୍ଷ



**ଭୁବନେଶ୍ୱର :** ଓଡ଼ିଶା ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାକୁ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ଆସନ୍ତା ଅକ୍ଟୋବର ୨ ଗାନ୍ଧିଜୟନ୍ତୀଠାରୁ ଏହା ସାରା ରାଜ୍ୟରେ ଲାଗୁ ହେବାକୁ ଥିବାବେଳେ ପ୍ରଥମ ଦଫାରେ ୨୫ ଲକ୍ଷ ହିତାଧିକାରୀ ଉପକୃତ ହେବେ ବୋଲି ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଏଥିରେ ସାମିଲ୍ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ଗତ ଶନିବାର ଦିନ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିବା ବେଳେ ଆନୁଷ୍ଠାନିକ ଭାବରେ ଏହାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି ବୋଲି ସେ କହିଛନ୍ତି। ଏଥର ୧୧ଟି ମାପଦଣ୍ଡ ଆଧାରରେ ହିତାଧିକାରୀ ଚୟନ କରାଯିବ। ସେହିପରି ବିଭିନ୍ନ ସୁବିଧା ଉପଲବ୍ଧ ହେଉଥିବା ୯ଟି ମାପଦଣ୍ଡ ଆଧାରରେ ହିତାଧିକାରୀଙ୍କୁ ବାଦ୍ ଦିଆଯିବ। ଏନେଇ ହିତାଧିକାରୀମାନେ ବ୍ଲକ୍ ଓ ପୌର କାର୍ଯ୍ୟାଳୟରେ ଆବେଦନ କରିପାରିବେ। ଯାଞ୍ଚ୍ ପରେ ଗରିବ ଓ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଯୋଜନାରେ ହିତାଧିକାରୀଙ୍କୁ କିଲୋପ୍ରତି ୧ ଟଙ୍କା ମୂଲ୍ୟରେ ମୁଣ୍ଡପିଛା ୫ କେଜି ଚାଉଳ ଯୋଗାଇ ଦିଆଯିବ। ଆସନ୍ତା ଅକ୍ଟୋବର ମାସରେ ମିଳିବାକୁ ଥିବା ରାସନ୍ ବେଳେ ନୂଆ ହିତାଧିକାରୀମାନେ ମଧ୍ୟ ଚାଉଳ ପାଇବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏଥିପାଇଁ ପ୍ରଥମ ୬ ମାସରେ ୧୪୦ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହେବ। ପୂର୍ବରୁ ଏନେଇ ବଜେଟ୍‌ରେ ୧୪୦ କୋଟି ଟଙ୍କା ବ୍ୟବସ୍ଥା ହୋଇଥିବାବେଳେ ବାକି ୮୦ କୋଟି ପାଇଁ ଅତିରିକ୍ତ ଖର୍ଚ୍ଚଦାବି ଉପସ୍ଥାପିତ ହେବ। ଏହି ଯୋଜନା ଲାଗୁ ହେବାପରେ ୧ ଲକ୍ଷ ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାରଙ୍କୁ ବାର୍ଷିକ ୧୭ କୋଟି ୭୫ ଲକ୍ଷ ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ। ୨୦୧୧ ଜାତୀୟ ଜନଗଣନା ଆଧାରରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ନିମନ୍ତେ ପ୍ରଦାନ କରାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ୭୮ ପ୍ରତିଶତ କରାଯାଇଛି। ମାତ୍ର ଇତିମଧ୍ୟରେ ଓଡ଼ିଶାର ଜନସଂଖ୍ୟା ➤ ପୃ-୬

## ବକ୍ରବାଣୀ



ଧନୀ ରାଇଜରେ ରାଜୁତି କରେ
ଦୁଃଖୀ ଅନାଥର ପେଟକୁ ମାରେ
ଖଣି ପାଣି ଜମି ସବୁ ସେ ଖାଏ
ଧନ ଦେଇ ଏକ ନମ୍ବର ପାଏ
ହସିକା ହସିକା ପୋଅଜ ଦିଏ
ପୋଷ୍ଟର ଲଗାଏ ନଗଡା ଯାଏ
ଅଶୀ ଭାଗ ଲୋକ ଗରିବ ତାର
ଅଠର ବରଷେ ହେଲାନି ଦୂର
ମାଗଣା ଚାଉଳ ଦଉଛି ନିଅ
ଆଉ ଥରେ ତାକୁ ଜିତେଇ ଦିଅ।

——— ଟୁଟୁ







ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** – ନୂତନ ଜମି କ୍ରୟ କରି ଠକାମିର ଶିକାର ହୋଇପାରନ୍ତି। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। ଆର୍ଥିକ ସମସ୍ୟାର ସମାଧାନ ହେବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। ମାନସିକ ଅଶାନ୍ତି ଲାଗିରହିବ।

**ବୃଷ** – କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ** – ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।

**କର୍କଟ** – ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ସିଂହ** – ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ପରିବାରରେ ମନୋମାଳିନ୍ୟ ଦେଖାଦେବ।

**କନ୍ୟା** – ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**ତୁଳା** – କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।


**ବିଛା** – ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। କଳାକାରମାନେ ପ୍ରଶଂସିତ ହେବେ। ଶାରୀରିକ ସୁସ୍ଥତା ଅନୁଭବ କରିବେ।

**ଧନୁ** – ଆର୍ଥିକ ପରିସ୍ଥିତି ସୁଦୃଢ଼ ହେବ। ସାଙ୍ଗଠନିକ କାର୍ଯ୍ୟରେ ଦକ୍ଷତା ପ୍ରତିପାଦିତ କରିବେ। ନୂଆ ଦପ୍ତର ଖୋଲିବା ସହିତ ଧର୍ମାନୁଷ୍ଠାନ ସହିତ ଯୋଡି ହେବାର ସୁଯୋଗ ରହିଛି। ପରିବାରରେ ଶାନ୍ତି ବଜାୟ ରହିବ।

**ମକର** – ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଜମିଜମାର ବିବାଦ ବଢ଼ିଯିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ଅସୁସ୍ଥତା ଅନୁଭବ କରିବେ। ବ୍ୟବସାୟୀମାନେ ଅଧିକ ଲାଭବାନ ହେବେ।

**କୁମ୍ଭ** – ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ନୂତନ କର୍ମରେ ଯୋଗ ଦେଇ ଖୁସି ଅନୁଭବ କରିବେ। ବିବାହ ଆଶାୟୀମାନେ ଅସଫଳ ହେବେ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅସଫଳ ହେବେ। ରାଜନୈତିକ ବ୍ୟକ୍ତିମାନେ ଅଶୁଭଫଳ ପାଇବେ।

**ମୀନ** – ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ଋଣରୁ ମୁକ୍ତି ମିଳିବ। ଲାଗି ରହିଥିବା ସମସ୍ୟାର ସମାଧାନ ଘଟିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଏନ୍‌ସିବିସିକୁ ସାମ୍ବିଧାନିକ ମର୍ଯ୍ୟାଦା ପାଇଁ ବିଲ୍ ପାସ୍

# ଅବହେଳିତ ଓ ପଛୁଆବର୍ଗଙ୍କ ଉନ୍ନତି ପାଇଁ ସରକାର ସଂକଳ୍ପବଦ୍ଧ

**ନୂଆଦିଲ୍ଲୀ :** ପଛୁଆବର୍ଗ ଜାତୀୟ କମିଶନ (ଏନ୍‌ସିବିସି)କୁ ସାମ୍ବିଧାନିକ ମର୍ଯ୍ୟାଦା ଦେବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଲୋକସଭାରେ ଗୃହୀତ ହୋଇଛି। ଏହି ପ୍ରସଙ୍ଗରେ ଗୃହରେ ପ୍ରାୟ ୫ ଘଣ୍ଟା ଧରି ବିତର୍କ ଚାଲିଥିଲା ଓ ଏଥିରେ ୩୦ରୁ ଅଧିକ ସଦସ୍ୟ ଭାଗ ନେଇଥିଲେ। ଶେଷରେ ଭୋଟିଂରେ ସାମିଲ ହୋଇଥିବା ୪୦୬ ଜଣ ସଦସ୍ୟଙ୍କ ମଧ୍ୟରୁ ଦୁଇତୃତୀୟାଂଶ ଏହା ସପକ୍ଷରେ ମତ ଦେବାରୁ ସମ୍ବିଧାନ (୧୨୩ତମ ସଂଶୋଧନ) ବିଲ୍ ୨୦୧୭ ପାସ୍ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୋଟିଂ ସମୟରେ ଉପସ୍ଥିତ ରହି ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଥାୱରଚାନ୍ଦ ଗେହଲଟ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହା ଉପରେ ବିତର୍କରେ ଭାଗ ନେଇଥିବା ଅଧିକାଂଶ ସଦସ୍ୟ ଓବିସି ଜନଗଣନା ପାଇଁ ଦାବି କରିଥିଲେ। ଅନ୍ୟ କେତେକ ସଦସ୍ୟ ୨୦୧୪ର ସାମାଜିକ -ଆର୍ଥିକ ସର୍ଭେ ସାଧାରଣରେ ପ୍ରକାଶ କରାଯିବାକୁ ଦୃଢ଼ ମତପୋଷଣ କରିଥିଲେ। ତେବେ ବିଜେଡି ସଦସ୍ୟ ଭର୍ତ୍ତୃହରି ମହତାବ ଆଣିଥିବା ସଂଶୋଧନ ପ୍ରସ୍ତାବ ବିରୋଧରେ ୩୦୨ ଭୋଟ୍ ଓ ସପକ୍ଷରେ ୮୪ ଭୋଟ୍ ମିଳିବାରୁ ତାହା କାଟ୍ ଖାଇଯାଇଥିଲା। ଶ୍ରୀ ମହତାବ କହିଥିଲେ, ପ୍ରଥମେ ଯେତେବେଳେ ବିଲ୍ ଲୋକସଭାରେ ଆଗତ ହୋଇଥିଲା, ସରକାର ସଂଖ୍ୟାଗରିଷ୍ଠତା ବଳରେ ବିରୋଧୀ ଦଳର ସମସ୍ତ ସଂଶୋଧନ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ। କିନ୍ତୁ ରାଜ୍ୟସଭାରେ ସଂଶୋଧନ ପ୍ରସ୍ତାବ ଗ୍ରହଣ କରିବାକୁ ସରକାର ବାଧ୍ୟ ହୋଇଥିଲେ। ତେଣୁ ବିଲ୍ ପୁନର୍ବାର ଲୋକସଭାକୁ ଆଲୋଚନା ପାଇଁ ଆସିଲା। ଶ୍ରୀ ମହତାବ କହିଲେ, ସେ ଆଣିଥିବା ୨ଟି ସଂଶୋଧନ ପ୍ରସ୍ତାବକୁ ସରକାର ଗ୍ରହଣ କରିଛନ୍ତି। ଏନ୍‌ସିବିସିରେ ଜଣେ ମହିଳା ସଦସ୍ୟଙ୍କୁ ନିଯୁକ୍ତି ଓ ଓବିସିଙ୍କ ଉନ୍ନତି ପାଇଁ ନୀତି ପ୍ରଣୟନ କରିବାକୁ ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ ଲାଗି ତାଙ୍କର ପ୍ରସ୍ତାବ ଗ୍ରହଣ କରାଯାଇଛି। ବିଲ୍ ଉପରେ ବିତର୍କର ଉତ୍ତର ଦେଇ ମନ୍ତ୍ରୀ ଗେହଲଟ୍ କହିଥିଲେ, ସରକାର ସମାଜର ଅବହେଳିତ ଓ ପଛୁଆବର୍ଗଙ୍କ ଉନ୍ନତି ପାଇଁ ସଂକଳ୍ପବଦ୍ଧ। କେନ୍ଦ୍ର କ୍ୟାବିନେଟ୍ ଗତକାଲି ଅନୁସୂଚିତ ଜାତି / ଜନଜାତି ଆଇନରେ ସଂଶୋଧନ ପାଇଁ ଅନୁମୋଦନ କରିଛି। ଓବିସିର ସବ୍-କ୍ୟାଟାଗୋରି ସମ୍ପର୍କରେ ଅନୁଧ୍ୟାନ କରିବା ଲାଗି ଜଷ୍ଟିସ୍ ଜି ରୋହିଣୀଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଗତବର୍ଷ ଏପ୍ରିଲ ୧୦ରେ ଲୋକସଭା ଏ ସଂକ୍ରାନ୍ତ ବିଧେୟକ ପାସ୍ କରିବା ପରେ ଏହାକୁ ରାଜ୍ୟସଭାକୁ ପଠାଯାଇଥିଲା। ଗତବର୍ଷ ଜୁଲାଇ ୩୧ରେ ସଂସଦର ଉଚ୍ଚ ସଦନ ଏଥିରେ ସଂଶୋଧନ ଆଣି ଏହାକୁ ପାସ୍ କରିବା ପରେ ଲୋକସଭାକୁ ପଠାଯାଇ ଥିଲା। ଲୋକସଭାରେ ଏହି ସଂଶୋଧନକୁ ଅନୁମୋଦନ କରାଯାଇଛି। ଅନୁସୂଚିତ ଜାତି ଜାତୀୟ କମିଶନ ଓ ଅନୁସୂଚିତ ଜନଜାତି ଜାତୀୟ କମିଶନ ଭଳି ଜାତୀୟ ପଛୁଆବର୍ଗ କମିଶନଙ୍କୁ ଏହି ବିଲ୍‌ରେ ସାମ୍ବିଧାନିକ ମର୍ଯ୍ୟାଦା ମିଳିଛି। ଏହି ବ୍ୟବସ୍ଥା ଅନୁଯାୟୀ ଦେୱାନି ଅଦାଲତ ଭଳି ଏନ୍‌ସିବିସିର ବିଚାର କରିବାର କ୍ଷମତା ରହିବ। ବିଲ୍ ଉପରେ ବିତର୍କରେ ଶିବସେନା ସଦସ୍ୟ ଅରବିନ୍ଦ ସାୱନ୍ତ ଓ ଟିଡିପିର ରାମମୋହନ ନାଇଡୁଙ୍କ ସମେତ ବହୁ ସଦସ୍ୟ ଭାଗ ନେଇଥିଲେ। ଟିଏମ୍‌ସି ସଦସ୍ୟ କଲ୍ୟାଣ ବାନାର୍ଜୀ ଏହି ପଦକ୍ଷେପକୁ ସମର୍ଥନ ଜଣାଇ କହିଥିଲେ, ଏନ୍‌ସିବିସିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଓବିସି ବର୍ଗରୁ ନିଯୁକ୍ତି ପାଇବା ଉଚିତ୍।

## ଆଧାର ନମ୍ବର ପ୍ରଘଟ କରନାହିଁ




**ନୂଆଦିଲ୍ଲୀ :** ଆଧାର ନମ୍ବର ସାଧାରଣରେ ପ୍ରଘଟ ନକରିବାକୁ ପରାମର୍ଶ ଦିଆଯାଇଛି। ଏହାର ଡାଟାବେସ୍ ପରିଚାଳନା କରୁଥିବା ସଂସ୍ଥା ୟୁଆଇଡିଏଆଇ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଭାରତର ଟେଲିକମ୍ ନିୟନ୍ତ୍ରକ ପ୍ରାଧିକରଣ ଅଧ୍ୟକ୍ଷ ରାମସେବକ ଶର୍ମା ଏହି ବାରଅଙ୍କ ବିଶିଷ୍ଟ ନମ୍ବର ସୁରକ୍ଷା ପ୍ରତି ଚାଲେଞ୍ଜ ହୋଇଛି ବୋଲି ଟ୍ୱିଟରରେ ଉଲ୍ଲେଖ କରିବା ପରେ ୟୁଆଇଡିଏଆଇ ଏଭଳି ପରାମର୍ଶ ଦେଇଛି। ଏହି ଡାଟାବେସ୍ ପକ୍ଷରୁ କୁହାଯାଇଛି, ଜନସାଧାରଣ ସେମାନଙ୍କର ଆଧାର ନମ୍ବର ସାଧାରଣରେ ଏବଂ ସୋସିଆଲ ମିଡିଆରେ ପ୍ରକାଶ ନ କରିବା ଉଚିତ୍।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ମୃତ୍ୟୁଦଣ୍ଡ

**ନୂଆଦିଲ୍ଲୀ :** ୧୨ ବର୍ଷରୁ କମ୍ ବୟସର ନାବାଳିକାଙ୍କୁ ଦୁଷ୍କର୍ମ ନେଇ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ନିମନ୍ତେ ଏକ ବିଲ୍ ଲୋକସଭାରେ ଗୃହୀତ ହୋଇଛି। ଏପ୍ରିଲ ୨୧ରେ ଜାରି ହୋଇଥିବା ଫୌଜଦାରୀ ଆଇନ (ସଂଶୋଧନ) ଅଧ୍ୟାଦେଶକୁ ହଟାଇବା ପାଇଁ ଏହି ବିଲ୍ ଉଦ୍ଦିଷ୍ଟ। ଜମ୍ମୁ-କଶ୍ମୀରର କଠୁଆ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଏବଂ ଉତ୍ତରପ୍ରଦେଶରେ ଉନ୍ନାଓରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ଘଟଣାରେ ଦେଶବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟିହେବା ପରିପ୍ରେକ୍ଷୀରେ ଏହି ଅଧ୍ୟାଦେଶ ଜାରି ହୋଇଥିଲା। ଲୋକସଭାରେ ଏହି ଫୌଜଦାରୀ ଆଇନ (ସଂଶୋଧନ) ବିଲ୍ ୨୦୧୮କୁ ଦଳ ମତ ନିର୍ବିଶେଷରେ ଅଧିକାଂଶ ସଦସ୍ୟ ସମର୍ଥନ କରିଥିଲେ ମଧ୍ୟ ସରକାର ଅଧିକାଂଶ ସମୟରେ ଆଗେ ଅଧ୍ୟାଦେଶ ଜାରିକରି ପରେ ଆଇନ ପ୍ରଣୟନ କରୁଛନ୍ତି ବୋଲି କେତେକ ସଦସ୍ୟ ଅଭିଯୋଗ କରିଥିଲେ। ତେବେ ମୌଖିକ ଭୋଟ୍‌ରେ ବିଲ୍ ପାସ୍ ହୋଇଥିଲା। ବିରୋଧୀ ଦଳ ସଦସ୍ୟମାନେ ବିଲ୍‌ରେ ସଂଶୋଧନ ପାଇଁ କେତେକ ପ୍ରସ୍ତାବ ଦେଇଥିଲେ ମଧ୍ୟ ତାହା ବାଚନିକ ଭୋଟ୍‌ରେ କାଟ୍ ଖାଇଯାଇଥିଲା। ବିଲ୍ ଉପରେ ହୋଇଥିବା ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ଆଲୋଚନାର ଉତ୍ତର ଦେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରଣ ରିଜିଜୁ କହିଥିଲେ, ନାବାଳିକାଙ୍କୁ ସୁରକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ ଏଭଳି କଠୋର ଆଇନ ପ୍ରଣୟନ କରାଯାଉଛି। ବର୍ତ୍ତମାନର ଆଇପିସି ଧାରା ଅନୁଯାୟୀ ମହିଳାଙ୍କୁ ଦୁଷ୍କର୍ମ କରୁଥିବା ଦୋଷୀକୁ ଜେଲ୍‌ଦଣ୍ଡ ଦିଆଯାଉଛି। ମାତ୍ର ୧୬ କିମ୍ବା ୧୨ ବର୍ଷ ବୟସରୁ କମ୍ ନାବାଳିକାଙ୍କୁ ଦୁଷ୍କର୍ମ ବା ଗଣଦୁଷ୍କର୍ମ ଘଟଣାରେ ସେଭଳି ଆଖିଦୃଶିଆ ଦଣ୍ଡବିଧାନର ବ୍ୟବସ୍ଥା ନାହିଁ। ଆଲୋଚନା ବେଳେ ଗୃହରେ ଅଧ୍ୟକ୍ଷତା କରିଥିବା ଉପବାଚସ୍ପତି ଏମ୍ ଥାମ୍ବିଦୁରାଇ ଆଇନର ଏହି ବ୍ୟବସ୍ଥା ସମ୍ପର୍କରେ ଅଧିକ ପ୍ରଚାର କରାଯିବାକୁ ମତ ଦେଇଥିଲେ। ପାସ୍ ହୋଇଥିବା ବିଲ୍ ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ଜେଲ୍ ଦଣ୍ଡ ୧୦ ବର୍ଷରୁ ୨୦ ବର୍ଷକୁ ବୃଦ୍ଧି କରାଯାଇଛି। ଏପରିକି ଆଜୀବନ ଜେଲ୍ ଦଣ୍ଡର ବ୍ୟବସ୍ଥା ହୋଇଛି। ୧୨ ବର୍ଷରୁ କମ୍ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ଦୋଷୀକୁ ଅତି କମ୍‌ରେ ୨୦ ବର୍ଷ ଜେଲ୍ କିମ୍ବା ଆଜୀବନ ଅଥବା ମୃତ୍ୟୁଦଣ୍ଡ ମିଳିବ। ଦୁଇ ମାସ ମଧ୍ୟରେ ତଦନ୍ତ ସାରିବା, ୨ ମାସରେ ଶୁଣାଣି ଶେଷ ସାରିବା ଏବଂ ୬ ମାସରେ ଅପିଲ୍‌ର ବିଚାର ଶେଷ କରିବାର ବ୍ୟବସ୍ଥା ରହିଛି। ଅଭିଯୁକ୍ତଙ୍କୁ ଆଗୁଆ ଜାମିନି ମିଳିବାର ବ୍ୟବସ୍ଥା ବିଲ୍‌ରେ ନାହିଁ।

### ଏସ୍‌ସି/ଏସ୍‌ଟି ଆଇନ

## ଆସିବ ବିଧେୟକ

**ନୂଆଦିଲ୍ଲୀ :** ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଦଳିତ ଓ ଆଦିବାସୀଙ୍କ ପ୍ରତି ଅତ୍ୟାଚାର ପ୍ରତିରୋଧକ ଆଇନ ଅନୁମୋଦନ ଲାଭ କରିଛି। ପୂର୍ବର ଆଇନ୍ ବଳବତ୍ତର ରଖିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ସୁପ୍ରିମକୋର୍ଟ ଦଳିତ ଅତ୍ୟାଚାର ଆଇନରେ ଅଭିଯୁକ୍ତଙ୍କ ପ୍ରତି ସାମାନ୍ୟ କୋହଳ ବାଟ ରଖିଥିଲେ, ଯାହାକୁ ଦଳିତ ସଂଗଠନ କଡ଼ା ବିରୋଧ କରିଥିଲା। ଏବେ ସୁପ୍ରିମକୋର୍ଟଙ୍କ ରାୟକୁ ଅକାମୀ କରିବା ପାଇଁ କେନ୍ଦ୍ର ସରକାର ସାନି ବିଲ ଅନୁମୋଦନ କରି ପୂର୍ବର ଆଇନକୁ ବଳବତ୍ତର ରଖିଛନ୍ତି। ଦଳିତ ଆଇନକୁ ଅବାଟରେ ନିଆଯାଉଥିବା ଅନୁଭବ କରି ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ ଏହାର ଦାନ୍ତ ଭାଙ୍ଗି ଦେଇଥିଲେ। ବିଜେପି ସୁପ୍ରିମକୋର୍ଟଙ୍କ ରାୟକୁ ସମ୍ମାନ ଦେଇ ନିରବତା ଅବଲମ୍ବନ କରିଥିଲା। କିନ୍ତୁ ଏନ୍‌ଡିଏ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ପ୍ରତିବାଦ କରିଥିଲେ। ବିଶେଷ କରି ଲୋକ ଜନଶକ୍ତି ପାର୍ଟି ପୂର୍ବର ଦଳିତ ଆଇନକୁ ବଳବତ୍ତର ନ ରଖିଲେ ରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଥିଲା। ଲୋକ ଜନଶକ୍ତି ପାର୍ଟି ମୁଖ୍ୟ ରାମବିଳାସ ପାଶ୍ୱାନ ସୁପ୍ରିମକୋର୍ଟ ରାୟକୁ ତୀବ୍ର ବିରୋଧ କରିଥିଲେ। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଦୀପକ ମିଶ୍ରଙ୍କ ଦଳିତ ବିରୋଧୀ ମନୋଭାବକୁ କଡ଼ା ସମାଲୋଚନା କରି ଦେଶରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ଦଳିତ ହିଂସାରେ କିଛି ନିରୀହ ଜୀବନ ଚାଲିଯାଇଥିଲା। ଦଳିତଙ୍କ ଆନ୍ଦୋଳନର ପ୍ରଭାବ କେନ୍ଦ୍ର ସରକାରଙ୍କ ଉପରେ ପଡ଼ିଥିଲା।

## ବଢ଼ିଲା ରେପୋ ରେଟ୍

**ମୁମ୍ବାଇ :** ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ପ୍ରମୁଖ ଋଣ ଦର 'ରେପୋ ରେଟ୍'ରେ ୨୫ ବେସିସ୍ ପଏଣ୍ଟସ୍ ବୃଦ୍ଧି କରିଛି। ଏହି ବୃଦ୍ଧି ପରେ ଆର୍‌ବିଆଇ ରେପୋ ରେଟ୍ ବର୍ତ୍ତମାନ ୬.୫୦ ପ୍ରତିଶତରେ ପହଞ୍ଚିଛି। ଆର୍‌ବିଆଇ ଗଭର୍ଣ୍ଣର୍ ଉର୍ଜିତ୍ ପଟେଲଙ୍କ ଅଧ୍ୟକ୍ଷତାରେ ୬ ଜଣ ସଦସ୍ୟ ବିଶିଷ୍ଟ ମନିଟାରୀ ପଲିସି କମିଟି (ଏମ୍‌ପିସି) ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୃଦ୍ଧି କାରଣରୁ ଗୃହ ଋଣ, ବ୍ୟକ୍ତିଗତ ଋଣ ତଥା ଗାଡ଼ି ଋଣ ଆଦି ମହଙ୍ଗା ହେବ ବୋଲି ଆଶଙ୍କା କରାଯାଉଛି। ଫଳରେ ଇଏମ୍‌ଆଇ ଦେଉଥିବା ବ୍ୟକ୍ତିଙ୍କ ଉପରେ ଅଧିକ ବୋଝ ପରିଲକ୍ଷିତ ହେବ। ଏମ୍‌ପିସିର ସମସ୍ତ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଆର୍‌ବିଆଇର ଏହି ନିଷ୍ପତ୍ତି ସପକ୍ଷରେ ଭୋଟ ଦେଇଥିବା ବେଳେ ଅନ୍ୟ ଜଣେ ସଦସ୍ୟ ନିଷ୍ପତ୍ତି ବିପକ୍ଷରେ ଭୋଟ ଦେଇଥିଲେ। ଅର୍ଥାତ୍ ଡକ୍ଟର ଚେତନ୍ ଘାଟେ, ଡକ୍ଟର ପମି ଦୁଆ, ଡକ୍ଟର ମାଇକେଲ୍ ଦେବବ୍ରତ ପାତ୍ର, ଡକ୍ଟର ବିରଳ ଭି ଆଚାର୍ଯ୍ୟ ଏବଂ ଡକ୍ଟର ଉର୍ଜିତ ପଟେଲ ଏଥିରେ ସହମତି ପ୍ରକାଶ କରିଥିଲେ ଏବଂ ଡକ୍ଟର ରବିନ୍ଦ୍ର ଏଚ୍ ଢୋଲକିଆ ନିଷ୍ପତ୍ତି ବିରୋଧରେ ଯାଇଥିଲେ। ଗତ ସୋମବାର ଠାରୁ ତିନିଦିନିଆ ଆର୍‌ବିଆଇ ମନିଟାରୀ ପଲିସି କମିଟି (ଏମ୍‌ପିସି) ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ଶେଷ ଦିବସରେ ଆର୍‌ବିଆଇ ଏପରି ନିଷ୍ପତ୍ତି ନେଇଛି। ଏମ୍‌ପିସିର ଆଗାମୀ ବୈଠକ ଅକ୍ଟୋବର ୩ରୁ ୫ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଆର୍‌ବିଆଇ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ ୨୦୧୮-୧୯ ନିମନ୍ତେ ସମସ୍ତ ଘରୋଇ ଉତ୍ପାଦ (ଜିଡିପି) ୭.୪%, ଏପ୍ରିଲ୍-ସେପ୍ଟେମ୍ବରରେ ୭.୫ରୁ ୭.୬% ଏବଂ ଅକ୍ଟୋବର-ମାର୍ଚ୍ଚରେ ୭.୩ରୁ ୭.୪% ଅଭିବୃଦ୍ଧି ଘଟିଥିଲା। ସେହିପରି ଏପ୍ରିଲ୍-ଜୁନ୍‌ରେ ଜିଡିପିରେ ୭.୫% ଅଭିବୃଦ୍ଧି ଉଲ୍ଲେଖ କରାଯାଇଥିଲା। ବର୍ତ୍ତମାନ ଆର୍‌ବିଆଇର ରେପୋ ରେଟ୍ ବଢ଼ିବା ଯୋଗୁଁ ଉପଭୋକ୍ତାଙ୍କ ଉପରେ ସିଧାସଳଖ ପ୍ରଭାବ ପଡ଼ିବ। ଗୃହ ଋଣ, ଗାଡ଼ି ଋଣ, ବ୍ୟକ୍ତିଗତ ଋଣ ସମେତ ଅନ୍ୟ ଋଣ ମଧ୍ୟ ମହଙ୍ଗା ହେବ। ଫଳରେ ଉପଭୋକ୍ତାଙ୍କ ଉପରେ ଇଏମ୍‌ଆଇର ସର୍ବାଧିକ ବୋଝ ପରିଲକ୍ଷିତ ହେବ। ଏହା ପୂର୍ବରୁ ଜୁନ୍‌ରେ ଆର୍‌ବିଆଇ ଏହାର ରେପୋ ରେଟ୍‌ରେ ୦.୨୫ ପ୍ରତିଶତ ବୃଦ୍ଧି କରିଥିଲା। ଫଳରେ ବ୍ୟାଙ୍କ ରେପୋ ରେଟ୍ ୬ରୁ ୬.୨୫ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଥିଲା। ବର୍ତ୍ତମାନର ଏହି ବୃଦ୍ଧି ପରେ ରେପୋ ହାର ୬.୫୦ ପ୍ରତିଶତ ହୋଇଛି।

## ପାକିସ୍ତାନକୁ ପ୍ରତିରକ୍ଷା ସହାୟତା; ହ୍ରାସ କଲା ଆମେରିକା

**ୱାଶିଂଟନ :** ଆମେରିକା ପାକିସ୍ତାନକୁ ଯୋଗାଇ ଦେଉଥିବା ପ୍ରତିରକ୍ଷା ସହାୟତା ପରିମାଣ ୧୫ କୋଟି ଡଲାରକୁ ହ୍ରାସ କରିଛି। ଆମେରିକା କଂଗ୍ରେସରେ ଏ ସଂକ୍ରାନ୍ତ ବିଲ୍ ପାସ୍ ହୋଇଛି। ସିନେଟ୍‌ରେ ନ୍ୟାସନାଲ ଡିଫେନ୍ସ ଅଥରାଇଜେସନ୍ ଆକ୍ଟ-୨୦୧୯ (ଏନ୍‌ଡିଡିଏ-୧୯) ସପକ୍ଷରେ ୮୭ ଭୋଟ୍ ମିଳିଥିଲା ବେଳେ ଏହା ବିରୋଧରେ ୧୦ଟି ଭୋଟ୍ ମିଳିବାରୁ ଏହା ଗୃହୀତ ହୋଇଛି। ଗତ ସପ୍ତାହରେ ଆମେରିକା କଂଗ୍ରେସର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଏହି ବିଲ୍ ଗୃହୀତ ହୋଇଥିଲା। ଏବେ ଏହା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନୁମୋଦନ ପାଇଁ ହ୍ୱାଇଟ୍ ହାଉସ୍‌କୁ ପଠାଯିବ। ପାକିସ୍ତାନରେ ଚୀନ୍‌ର ସମ୍ପୃକ୍ତି ବୃଦ୍ଧି ପାଇବା ପରିପ୍ରେକ୍ଷୀରେ ଆମେରିକା ଏଥିରେ ଆପତ୍ତି ଉଠାଇ ଏଭଳି ପଦକ୍ଷେପ ନେଇଛି।

### ସୂଚନା ଦେଲା ଆମେରିକା ଗୋଇନ୍ଦା ସଂସ୍ଥା

## ଉତ୍ତର କୋରିଆ ବିକଶିତ କରୁଛି ନୂଆ କ୍ଷେପଣାସ୍ତ୍ର

**ପ୍ୟୋଙ୍ଗ୍‌ୟାଙ୍ଗ୍ :** ଉତ୍ତରକୋରିଆ ଆଣବିକ କାର୍ଯ୍ୟକ୍ରମରୁ ନିବୃତ୍ତ ରହିନାହିଁ, ବରଂ ନୂଆ କ୍ଷେପଣାସ୍ତ୍ର ବିକଶିତ କରୁଛି ବୋଲି ୱାଶିଂଟନ ପୋଷ୍ଟ ରିପୋର୍ଟରୁ ଜଣାପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଉତ୍ତରକୋରିଆ ରାଷ୍ଟ୍ରମୁଖ୍ୟ କିମ୍ ଜୋଙ୍ଗ୍ ଉନ୍‌ଙ୍କ ମଧ୍ୟରେ ସିଙ୍ଗାପୁରରେ ଅନୁଷ୍ଠିତ ଶୀର୍ଷ ବୈଠକରେ ପ୍ୟୋଙ୍ଗ୍‌ୟାଙ୍ଗ୍‌ର ଆଣବିକ କାର୍ଯ୍ୟକ୍ରମ ନେଇ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରୁ ଉତ୍ତରକୋରିଆ ନିବୃତ୍ତ ରହିବ ବୋଲି ଶୀର୍ଷ ବୈଠକରେ ଟ୍ରମ୍ପଙ୍କୁ କିମ୍ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଉତ୍ତରକୋରିଆ ଆଣବିକ ଅସ୍ତ୍ର ପରୀକ୍ଷା ସ୍ଥଳ ନଷ୍ଟ କରିବା ଆରମ୍ଭ କରିଦେଇଛି ବୋଲି ଖୋଦ୍ ଟ୍ରମ୍ପ ଘୋଷଣା କଲେ। ମାତ୍ର ଏବେ ଆମେରିକା ଗୋଇନ୍ଦା ସଂସ୍ଥା ସୂଚନା ପାଇଛି ଯେ, ଉତ୍ତରକୋରିଆ ଅନ୍ୟୁନ ଗୋଟିଏ ବା ୨ଟି ତରଳ ଇନ୍ଧନ ବ୍ୟବହାର ହେଉଥିବା ଅନ୍ତର୍ମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଆଇସିବିଏମ୍) ପ୍ରସ୍ତୁତ କରୁଛି। ସ୍ୟାଟେଲାଇଟ୍ ଫଟୋଚିତ୍ର ଓ ଅନ୍ୟାନ୍ୟ ପ୍ରମାଣକୁ ଭିତ୍ତିକରି ଆମେରିକୀୟ ଗୋଇନ୍ଦା ସଂସ୍ଥା ଏହା ଜାଣିପାରିଛି। ପ୍ୟୋଙ୍ଗ୍‌ୟାଙ୍ଗ୍ ବାହାରେ ସାନୁମଡୋଙ୍ଗ ଠାରେ ଥିବା ଫ୍ୟାକ୍ଟ୍ରିରେ କ୍ଷେପଣାସ୍ତ୍ର ପ୍ରସ୍ତୁତି ଚାଲିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ସ୍ଥାନରେ ଉତ୍ତରକୋରିଆ ପ୍ରଥମ ଆଇସିବିଏମ୍ ନିର୍ମାଣ କରିଥିଲା, ଯାହାକି ଆମେରିକାକୁ ଲକ୍ଷ୍ୟଭେଦ କରିପାରିବ। ଗତ ଜୁନ୍‌ରେ ସିଙ୍ଗାପୁରରେ ଶୀର୍ଷ ବୈଠକ ପରେ ଟ୍ରମ୍ପ କହିଥିଲେ, ଉତ୍ତରକୋରିଆ ପଟୁ ଆଉ ଭୟ



ନାହିଁ। କିନ୍ତୁ କିମ୍ ଆଣବିକ କାର୍ଯ୍ୟକ୍ରମର ଅବସାନ ଘଟାଇବା ନେଇ କେବେ ବି ସ୍ପଷ୍ଟ ଭାବେ କିଛି କହିନଥିଲେ। ଆମେରିକା ବୈଦେଶିକ ସଚିବ ମାଇକ୍ ପୋମ୍ପେଓ ଉତ୍ତରକୋରିଆ ଗସ୍ତରୁ ଫେରିବା ପରେ ପ୍ୟୋଙ୍ଗ୍‌ୟାଙ୍ଗ୍ ଆଣବିକ କାର୍ଯ୍ୟକ୍ରମରୁ ସମ୍ପୂର୍ଣ୍ଣ ନିବୃତ୍ତ ହୋଇନଥିବା ଆଭାସ ଦେଇଥିଲେ। କିନ୍ତୁ ଉତ୍ତରକୋରିଆ ନୂଆ କ୍ଷେପଣାସ୍ତ୍ର ପ୍ରସ୍ତୁତ କରୁଛି କି ନାହିଁ, ସେ ସମ୍ପର୍କରେ କିଛି ସ୍ପଷ୍ଟ ଭାବରେ କହିନଥିଲେ। ୱାଶିଂଟନ ପୋଷ୍ଟ ରିପୋର୍ଟରେ କୁହାଯାଇଛି, ସ୍ୟାଟେଲାଇଟ୍ ଚିତ୍ରରୁ ସାନୁମଡୋଙ୍ଗ ପ୍ଲାଣ୍ଟରେ ହାୱାସୋଙ୍ଗ - ୧୫ ଆଇସିବିଏମ୍ ପ୍ରସ୍ତୁତି ଚାଲିଥିବା ସ୍ପଷ୍ଟ ହେଉଛି। ଆମେରିକାର ଜଣେ ଅଧିକାରୀ ଏହି ସମ୍ବାଦପତ୍ରକୁ କହିଛନ୍ତି, 'ସେମାନେ କାମରେ ଲାଗିଥିବା ଆମେ ଦେଖିଛୁ।' କିନ୍ତୁ ଉତ୍ତରକୋରିଆର ପଶ୍ଚିମ ଉପକୂଳରେ ଅବସ୍ଥିତ ସୋହାଏ ସ୍ୟାଟେଲାଇଟ୍ ଲଞ୍ଚିଂ ଷ୍ଟେସନରେ କର୍ମଚାରୀମାନେ ଇଞ୍ଜିନ୍ ଟେଷ୍ଟ ଷ୍ଟାଣ୍ଡ ନଷ୍ଟ କରିବା ଦେଖାଯାଇଛି। ଶୀର୍ଷ ବୈଠକରେ ଟ୍ରମ୍ପଙ୍କୁ କିମ୍ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଏହା କରାଯାଇଛି।

### କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକୁ ଲୋକାଭିମୁଖୀ କରାଇବା ପ୍ରୟାସରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ

## ବ୍ୟାପକ ହେବ ବିଜ୍ଞାପନ

**ନୂଆଦିଲ୍ଲୀ :** ତୈଳ ବିଶୋଧନ ଏବଂ ଶକ୍ତି କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସମୂହ କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକୁ ଲୋକାଭିମୁଖୀ କରାଇବାର ପ୍ରୟାସ କରିବେ ବୋଲି ଜଣାଯାଇଛି। ପ୍ରାଥମିକ ଅବସ୍ଥାରେ ଭାରତୀୟ ତୈଳ ନିଗମ(ଆଇଓସିଏଲ) ୨୯୩ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରିଛି ଯାହାକି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ)ର ଆଉଟ୍‌ଡୋର ପବ୍ଲିସିଟି କରାଇବ। ଏହି ଟେଣ୍ଡରରେ କର୍ଣ୍ଣାଟକ, ଗୁଜରାଟ, ଓଡ଼ିଶା, ମୁମ୍ବାଇ ଏବଂ ଦିଲ୍ଲୀର ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଯାଇ ଏହି ଯୋଜନା ସମୂହର ପ୍ରଚାର ପ୍ରସାର କରାଯିବ। ପେଟ୍ରୋଲିୟମ୍ ଓ ପ୍ରକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଜଣେ ମୁଖପାତ୍ରଙ୍କ କହିବା ଅନୁଯାୟୀ, ଯେହେତୁ ଏହି ଯୋଜନାଗୁଡ଼ିକ ଗ୍ରାମୀଣ ମହିଳାମାନଙ୍କୁ ଲକ୍ଷ୍ୟ କରି ଧାର୍ଯ୍ୟ କରାଯାଇଛି, ଏପରି ମହିଳାମାନଙ୍କୁ ଏବଂ ଜନସାଧାରଙ୍କୁ ଯୋଜନା ବାବଦରେ ସଚେତନ କରାଇବା ପାଇଁ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପ୍ରଚାର ପ୍ରସାର ଆହୁରି ବଢ଼ାଇବାକୁ ଭାବିଛନ୍ତି। ଗ୍ରାମୀଣ ମହିଳାମାନେ ଏଲପିଜି ବ୍ୟବହାରର ସାମାଜିକ ଏବଂ ଅର୍ଥନୀତିକ ଫାଇଦା ବାବଦରେ ଜାଣିବାକୁ ହେବ। ଅନ୍ୟ ପକ୍ଷରେ ଦେଶର ସବୁଠାରୁ ବୃହତ ପେଟ୍ରୋଲିୟମ୍ ଉତ୍ପାଦ ଉତ୍ପାଦନକାରୀ ଆଇଓସିଏଲ ଦେଶର ୨୬ଟି ଏୟାରପୋର୍ଟରେ ମଧ୍ୟ ହୋର୍ଡିଂ ଲାଗାଇବ ଯାହାକି ଉପରୋକ୍ତ ବର୍ଗର ମହିଳା ବା ଜନସାଧାରଣ କେବେ ମଧ୍ୟ ନଯାଇଥାଇପାରନ୍ତି। ପିଏମ୍‌ୟୁୱାଇ ଯୋଜନାରେ ସରକାର ଗରିବ ସୀମାରେଖା ତଳେ ଥିବା ପରିବାରମାନଙ୍କୁ ମାଗଣା ଗ୍ୟାସ୍ ସଂଯୋଗ ଦେଇଥାଆନ୍ତି। ଅଗଷ୍ଟ ମଧ୍ୟ ଭାଗରେ ୫ କୋଟି




ଟାର୍ଗେଟ୍ ହାସଲ କରିବୁ ଲକ୍ଷ୍ୟ କରାଯାଇଥିବାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି ଟାର୍ଗେଟ୍ ହାସଲ କରିବା ପାଇଁ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଏପରି ପ୍ରଚାର ପ୍ରସାର ଆରମ୍ଭ କରିଥିବା କୁହାଯାଉଛି। ଏହା ବ୍ୟତୀତ ଅଗଷ୍ଟ ୧୫ ଅର୍ଥାତ ସ୍ୱାଧୀନତା ଦିବସ ପାଖେଇ ଆସୁଥିବାରୁ ସରକାରଙ୍କ ୪ ବର୍ଷର ସଫଳତା ବଖାଣିବା ପାଇଁ ବିଜ୍ଞାପନର ସୁଅ ଛୁଟିବା ନିଶ୍ଚିତ ହୋଇସାରିଛି। ବର୍ତ୍ତମାନ ସୁଦ୍ଧା ସରକାର ୪.୮୯ କୋଟି ପରିବାରଙ୍କୁ ଉଜ୍ଜ୍ୱଳା ସହିତ ଯୋଡ଼ି ପାରିଛନ୍ତି ଯାହାକି ଭାରତର ୭୧୫ଟି ଜିଲ୍ଲାରେ ଯୋଗାଇ ଦିଆଯାଇଛି। ସେହିଭଳି ନ୍ୟାସନାଲ ପାୱାର ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଏବଂ ପ୍ରମୁଖ ଜଳବିଦ୍ୟୁତ ଉତ୍ପାଦନକାରୀ ଏନ୍‌ଏଚ୍‌ପିସି ମଧ୍ୟ ଗଣମାଧ୍ୟମରେ ପ୍ରଚାର ପ୍ରସାର ଆରମ୍ଭ କରିସାରିଛନ୍ତି। ଏହି ଦୁଇ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅନ୍ୟ ଏକ ପ୍ରମୁଖ ଯୋଜନାକୁ ଲୋକପ୍ରିୟ କରିବାର ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି, ଯାହାର ନାମ 'ସହଜ ହର ଘର ବିଜ୍‌ଲି ଯୋଜନା (ସୌଭାଗ୍ୟ)' ରଖାଯାଇଛି। ଏହି ଯୋଜନା ସମସ୍ତ ପରିବାରକୁ ମିଟର ସହିତ ବିଦ୍ୟୁତ ଯୋଗାଇଦେବା ସହିତ ବିପିଏଲ ବା ଗରିବ ସୀମାରେଖା ତଳେ ଥିବା ପରିବାରଙ୍କୁ ମାଗଣାରେ ବିଦ୍ୟୁତ ଯୋଗାଇବାର ଲକ୍ଷ୍ୟ ରଖିଛି। ୧୬,୩୨୦ କୋଟି ବ୍ୟୟରେ ଚାଲୁଥିବା ଏହି ଯୋଜନା ଉଭୟ ଗ୍ରାମୀଣ ଏବଂ ସହରୀ ପରିବାରଗୁଡ଼ିକୁ ଟାର୍ଗେଟ କରିଥିବା ଜଣାଯାଇଛି। ସରକାରଙ୍କ ଇ-ଟେଣ୍ଡର ୱେବସାଇଟ୍‌ରେ ନ୍ୟାସନାଲ ପାୱାର ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଓଡ଼ିଶର ବିଭିନ୍ନ ଜିଲ୍ଲାରେ ୫ କୋଟି ୮୨ ଲକ୍ଷ ଟଙ୍କାର ହୋର୍ଡିଂ ଲଗାଇବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ସେହିଭଳି ଏନ୍‌ଏଚ୍‌ପିସି ଲେହ ଓ ଲଦାଖ ସମେତ ସମ୍ପୂର୍ଣ୍ଣ ଜମ୍ମୁ-କଶ୍ମୀରରେ ଏଭଳି ହୋର୍ଡିଂ ଲଗାଇବ ବୋଲି ଜଣାଯାଇଛି। ଏନ୍‌ଏଚ୍‌ପିସିର ମୋଟ ଟେଣ୍ଡର ମୂଲ୍ୟ ୨୬ ଲକ୍ଷ ରହିବ ବୋଲି ଜଣାଯାଇଛି। ତାପଜ ବିଦ୍ୟୁତ କ୍ଷେତ୍ରରେ ପ୍ରମୁଖ ଉତ୍ପାଦନକାରୀ କମ୍ପାନୀ ଏନ୍‌ଟିପିସିର ଇ-ଟେଣ୍ଡରିଂରେ ମଧ୍ୟ ସୌଭାଗ୍ୟ ଯୋଜନା ବାବଦରେ ଉଲ୍ଲେଖ ରହିଛି କିନ୍ତୁ ପ୍ରଚାର ପ୍ରସାର ପାଇଁ ଭିନ୍ନ ଉପାୟ ରହିଛି। ଏନ୍‌ଟିପିସି ଓଡ଼ିଶାର ପ୍ରାୟ ୧୨ଟି ଜିଲ୍ଲାରେ ବିଦ୍ୟୁତ ଯୋଗାଉଛି।

# ଚିଟ୍‌ଫଣ୍ଡ କମିଶନଙ୍କ ଅବଧି ବୃଦ୍ଧି

**କଟକ :** ଚିଟ୍‌ଫଣ୍ଡ ମହା ଦୁର୍ନୀତି ମାମଲାର ତଦନ୍ତ କରୁଥିବା ଜଷ୍ଟିସ୍ ମଦନ ମୋହନ ଦାସ କମିଶନଙ୍କ ଅବଧିକୁ ଛଅ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହାକୁ ମିଶାଇ କମିଶନଙ୍କ ଅବଧିକୁ ସପ୍ତମ ଥର ପାଇଁ ଛଅ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଅଗଷ୍ଟ ୫ ତାରିଖରୁ ଏହା ଲାଗୁହେବ । କମିଶନଙ୍କ କାର୍ଯ୍ୟକାଳ ଥରକୁ ଥର ବୃଦ୍ଧି ପାଉଥିବାବେଳେ ଜମାକାରୀଙ୍କୁ କିନ୍ତୁ ଏହାର ସୁଫଳ ମିଳୁନାହିଁ । ଗତ ଜୁଲାଇ ୧୩ ତାରିଖରେ କମିଶନ ରାଜ୍ୟ ସରକାରଙ୍କୁ ଏହାର ପଞ୍ଚମ ଅନ୍ତରୀଣ ରିପୋର୍ଟ ଦାଖଲ କରିଛନ୍ତି । କମିଶନରେ ଷଷ୍ଠ ପର୍ଯ୍ୟାୟରେ ୫ ଲକ୍ଷ ୯୩ ହଜାର ୧ ରୁ ୮ ଲକ୍ଷ ୧୭ ହଜାର ୩ ଶହ ୫୩ଟି ସତ୍ୟପାଠର ଯାଞ୍ଚ ହେବ । ଇତି ମଧ୍ୟରେ କମିଶନଙ୍କ କାର୍ଯ୍ୟାଳୟରେ ନୂତନ ଭାବେ ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ସତ୍ୟପାଠ ଦାଖଲ ହୋଇଥିବାରୁ ଏହାକୁ ବିଚାରକୁ ନିଆଯିବାର ସମ୍ଭାବନା ରହିଛି । ଏହି ପର୍ଯ୍ୟାୟରେ କ୍ଷୁଦ୍ର ଜମାକାରୀଙ୍କୁ ମଧ୍ୟ ଅଗ୍ରାଧିକାର ପ୍ରଦାନ କରାଯିବ । ସୂଚନା ଥାଉକି କମିଶନ ୧୨ ହଜାର ୫ଶହ ୩୦ ପୃଷ୍ଠା ସମ୍ବଳିତ ପଞ୍ଚମ ପର୍ଯ୍ୟାୟ ଅନ୍ତରୀଣ ରିପୋର୍ଟରେ ୨୯୦ ଚିଟ୍‌ଫଣ୍ଡ କମ୍ପାନିରେ ଅର୍ଥ ବିନିଯୋଗ କରିଥିବା ୧ ଲକ୍ଷ ୧୮୫୦ ଜଣ ଜମାକାରୀଙ୍କୁ ଚିହ୍ନଟ କରିଛନ୍ତି । ଏଯାବତ କମିଶନ ୨ ଲକ୍ଷ ୧୮ ହଜାର ୩ ଶହ ୫୪ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ କରିଥିବାବେଳେ କାର୍ଯ୍ୟାଳୟରେ ୮୦ ହଜାର ତ୍ରୁଟିପୂର୍ଣ୍ଣ ସତ୍ୟପାଠ ମିଳିଛି । କମିଶନଙ୍କ ପକ୍ଷରୁ ଦାଖଲ ଅନ୍ତରୀଣ ରିପୋର୍ଟରେ ଚିହ୍ନଟ ହୋଇଥିବା କ୍ଷୁଦ୍ର ଜମାକାରୀଙ୍କୁ କର୍ପସ୍ ଫଣ୍ଡରୁ ଟଙ୍କା ଫେରସ୍ତ କରିବାକୁ ସୁପାରିଶ କରାଯାଇଛି ।

# ୮ ଜିଲ୍ଲାପାଳଙ୍କ ବଦଳି

**ଭୁବନେଶ୍ୱର :** ରାଜ୍ୟ ସରକାର ୮ ଜିଲ୍ଲାପାଳଙ୍କ ସମେତ ୨୦ ଆଇଏଏସ୍ ଅଫିସରଙ୍କୁ ମିଶାଇ ୨୩ ଜଣଙ୍କୁ ବଦଳିକରିଛନ୍ତି । ସମ୍ବଲପୁର ଆରଡିସି ଡିଭିସ୍ୱାମୀଙ୍କୁ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକଙ୍କ ସିଇଓ ଭାବେ ବଦଳି କରାଯାଇଛି । ପଞ୍ଚାୟତିରାଜ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଗିରୀଶ୍ ଏସ୍‌ଏନ୍‌ଙ୍କୁ ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ମହେନ୍ଦ୍ର କୁମାର ମଲ୍ଲିକଙ୍କୁ ସମ୍ବଲପୁର ଆରଡିସି ଭାବେ ବଦଳି କରାଯାଇଛି । ସେ କଟକ ଆରଡିସି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ପର୍ଯ୍ୟଟନ ନିର୍ଦ୍ଦେଶକ ତଥା ଓଟିଡିସିର ଏମ୍‌ଡି ଡ. ଜେ ନୀତିନ୍ ଭାନୁଦାସଙ୍କୁ ଶିଳ୍ପ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି । ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ଶ୍ରୀକାନ୍ତ ପୃଷ୍ଟିଙ୍କୁ ହସ୍ତତନ୍ତ ଓ ଟେକ୍‌ଷ୍ଟାଇଲ୍ ବିଭାଗର ଅତିରିକ୍ତ ସଚିବ, ମତ୍ସ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସେନାପତିଙ୍କୁ ଏଏଚ୍ ଓ ଭିଏସ୍‌ର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ପାଟିଲ୍ ରାଜେଶ୍ ପ୍ରଭାକରଙ୍କୁ ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ଦାସରଥୀ ଶତପଥୀଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ବୌଦ୍ଧ ଜିଲ୍ଲାପାଳ ମଧୁସୂଦନ ମିଶ୍ରଙ୍କୁ ସୁବର୍ଣ୍ଣପୁର ଜିଲ୍ଲାପାଳ, କଳାହାଣ୍ଡି ଜିଲ୍ଲାପାଳ ଅଞ୍ଜନ କୁମାର ମାନିକଙ୍କୁ ଶ୍ରମ କମିଶନର ଭାବେ ବଦଳି କରାଯାଇଛି । ପୁରୀ ଜିଲ୍ଲାପାଳ ଅରବିନ୍ଦ୍ ଅଗ୍ରୱାଲ୍‌ଙ୍କୁ କଟକ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । କଟକ ଜିଲ୍ଲାପାଳ ସୁଶାନ୍ତ ମହାପାତ୍ରଙ୍କୁ ଏସ୍‌ଏସ୍ ଓ ଇପିଡିର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକଙ୍କୁ ବୟନିକା ଏମ୍‌ଡି, କୃଷି ଓ ଖାଦ୍ୟ ଉତ୍ପାଦନର ନିର୍ଦ୍ଦେଶକ ଏମ୍ ମୁଥୁକୁମାରଙ୍କୁ ଉଦ୍ୟାନ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଜଳସମ୍ପଦର ବିଭାର ଯୁଗ୍ମ ସଚିବ ଡ. ବିଜୟ କେତନ ଉପାଧ୍ୟାୟଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଥିବା ବେଳେ ଉଦ୍ୟାନ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲଙ୍କୁ ଦେବଗଡ଼ ଜିଲ୍ଲାପାଳ, ଗଞ୍ଜାମ ଜିଲ୍ଲାପାଳ ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁଜୀଙ୍କୁ ଜଳସମ୍ପଦ ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି । ଗଞ୍ଜାମ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ କୁଲାଙ୍ଗ ବିଜୟ ଅମୃତାଙ୍କୁ ଗଞ୍ଜାମ ଜିଲ୍ଲାପାଳ, ମାଲକାନଗିରି ପିଡି-ଡିଆରଡିଏ ଡ. ଗଭାଲୀ ପରାଗ ହର୍ଷଦଙ୍କୁ କଳାହାଣ୍ଡି ଜିଲ୍ଲାପାଳ, ନୀଳଗିରି ସବ୍‌କଲେକ୍ଟର ଶ୍ରୀମତୀ ଆବୋଲି ସୁନିଲ୍ ନରୱାଣେଙ୍କୁ ନୀଳଗିରି ଆଇଟିଡିଏର ପିଏ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ବରିଷ୍ଠ ଓଏସ୍ ଅଫିସର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଜ୍ୟୋତିପ୍ରକାଶ ଦାଶଙ୍କୁ ପୁରୀ ଜିଲ୍ଲାପାଳ ଓ ବିଡିଏ ସଚିବ ସୀତାଂଶୁ କୁମାର ରାଉତ୍‌ଙ୍କୁ ବୌଦ୍ଧ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି ।

# ‘ମହିଳା ଓ ଭିନ୍ନକ୍ଷମ ଯାତ୍ରୀମାନଙ୍କ ପାଇଁ ବହୁତ ସହାୟକ ହେବ’

**ଭୁବନେଶ୍ୱର :** ପର୍ଯ୍ୟଟକ ଓ ଯାତ୍ରୀମାନଙ୍କ ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର (ୱେସାଇଡ୍ ଆମେନିଟିଜ୍ ସେଣ୍ଟର) ଉଦ୍‌ଘାଟନ କରିଛନ୍ତି । ଏହାଦ୍ୱାରା ରାଜ୍ୟର ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ର ଏବଂ ଦୂରଦୂରାନ୍ତକୁ ଯାଉଥିବା ଲୋକମାନଙ୍କ ଯାତ୍ରା ସୁବିଧାଜନକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଉଦ୍‌ଘାଟିତ ହୋଇଥିବା ୩୪ଟି ସୁବିଧା କେନ୍ଦ୍ର ମଧ୍ୟରୁ ୫ଟି ସୁବିଧା କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଉଦ୍‌ଘାଟନ କରିଥିବାବେଳେ ଅନ୍ୟ ସ୍ଥାନଗୁଡ଼ିକୁ ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକମାନେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି କେନ୍ଦ୍ରଗୁଡ଼ିକର ବିକାଶ କରାଯାଇଛି । କେନ୍ଦ୍ରଗୁଡ଼ିକ ପର୍ଯ୍ୟଟକ, ମହିଳା ଓ ଭିନ୍ନକ୍ଷମ ଯାତ୍ରୀମାନଙ୍କ ପାଇଁ ବହୁତ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆଗାମୀ ଦିନରେ ରାଜ୍ୟର ସମସ୍ତ ପର୍ଯ୍ୟଟନ କେନ୍ଦ୍ର ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଏଭଳି କେନ୍ଦ୍ରର ବିକାଶ କରାଯିବ । ଏହି କେନ୍ଦ୍ରଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ପୂର୍ତ୍ତ ବିଭାଗକୁ ପରାମର୍ଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ନିର୍ମାଣାଧୀନ ୫୦ଟି ସୁବିଧା କେନ୍ଦ୍ର ମଧ୍ୟରୁ ୩୪ଟିର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଏଗୁଡ଼ିକରେ ଟଏଲେଟ୍, କାଫେଟେରିଆ, ପାନୀୟ ଜଳ ଓ ପାର୍କିଂର ସୁବିଧା ରହିଛି । ଆଗାମୀ ଦିନରେ ଏ ସ୍ଥାନଗୁଡ଼ିକରେ ଅଧିକ ବିକାଶ କରାଯିବ । ମୁଖ୍ୟମନ୍ତ୍ରୀ ଯେଉଁ କେନ୍ଦ୍ରଗୁଡ଼ିକୁ ସିଧାସଳଖ ଭାବେ ଉଦ୍‌ଘାଟିତ କରିଥିଲେ, ସେଗୁଡ଼ିକ ହେଲା କଟକ ଜିଲ୍ଲା ଯାତମୁଣ୍ଡେଇ ଛକ, ଯାଜପୁରର ଡୁବୁରୀ-କଳିଙ୍ଗନଗର, ନୟାଗଡ଼ର ଓଡ଼ଗାଁ, ସମ୍ବଲପୁରର ଧମା ଏବଂ ଢେଙ୍କାନାଳର କପିଳାସ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ପୂର୍ତ୍ତ ସଚିବ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଉନ୍ନୟନ କମିଶନର ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା, ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ ।



ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୩୪ଟି ସୁବିଧା କେନ୍ଦ୍ର ଉଦ୍‌ଘାଟିତ

# ୪୪ ବ୍ଲକ୍‌ରେ ସ୍ୱଳ୍ପ ବୃଷ୍ଟି

**ଭୁବନେଶ୍ୱର :** ଗତ ଜୁଲାଇ ମାସରେ ରାଜ୍ୟରେ ମୋଟ ଉପରେ ୨୮.୯ ପ୍ରତିଶତ ଅଧିକ ବୃଷ୍ଟିପାତ ହୋଇଥିଲେ ବି ୪୪ଟି ବ୍ଲକରେ ୧୯ରୁ ୩୯ ପ୍ରତିଶତ କମ୍ ବୃଷ୍ଟିପାତ ରେକର୍ଡ କରାଯାଇଛି । ତେବେ ଆଉ ୧୮ଟି ବ୍ଲକରେ ଅତ୍ୟନ୍ତ ସ୍ୱଳ୍ପ ବୃଷ୍ଟିପାତ ଚିନ୍ତାର କାରଣ ହୋଇଛି । ଏସବୁ ବ୍ଲକରେ ୩୯ରୁ ୫୯ ପ୍ରତିଶତ କମ୍ ବୃଷ୍ଟିପାତ ରେକର୍ଡ କରାଯାଇଛି । ରାଜ୍ୟର ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି ଯେ ଦୀର୍ଘକାଳୀନ ହାରାହାରି ହିସାବ ଅନୁସାରେ ରାଜ୍ୟରେ ଜୁଲାଇ ମାସରେ ୩୩୯.୯ ମିଲିମିଟର ବର୍ଷା ହେବା କଥା । କିନ୍ତୁ ଗତ ଜୁଲାଇରେ ରାଜ୍ୟରେ ୪୩୮.୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଜୁଲାଇ ମାସର ଦୀର୍ଘକାଳୀନ ହାରାହାରି ହିସାବ ଅନୁସାରେ ଏହା ୨୮.୯ ପ୍ରତିଶତ ଅଧିକ । ତେବେ ଜୁନ ଓ ଜୁଲାଇ ଦୁଇ ମାସରେ ରାଜ୍ୟରେ ହାରାହାରି ୫୫୬.୪ ମିଲିମିଟର ବୃଷ୍ଟିପାତ ହେବାର ହିସାବ ଥିବାବେଳେ ଏହି ଦୁଇ ମାସରେ ଏବର୍ଷ ୫୯୯.୨ ମିଲିମିଟର ବୃଷ୍ଟିପାତ ରେକର୍ଡ କରାଯାଇଛି । ଏ ଦୁଇ ମାସ ପାଇଁ ଏହି ବୃଦ୍ଧି ହାର ହେଉଛି ୭.୭ ପ୍ରତିଶତ । ଜୁଲାଇ ମାସରେ ମାଲକାନଗିରି ଜିଲ୍ଲାରେ ସର୍ବାଧିକ ୭୬୧.୬ ମିଲିମିଟର ବୃଷ୍ଟିପାତ ରେକର୍ଡ ହୋଇଥିବାବେଳେ ନୂଆପଡ଼ାରେ ସର୍ବନିମ୍ନ ୨୭୭ ମିଲିମିଟର ବୃଷ୍ଟିପାତ ହୋଇଛି । ଏହି ମାସ ମାଲକାନଗିରି ସମେତ ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, ରାୟଗଡ଼ା, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଗଜପତି ଆଦି ୧୦ ଜିଲ୍ଲାରେ ୧୯ ପ୍ରତିଶତରୁ ଅଧିକ ବର୍ଷା ରେକର୍ଡ ହୋଇଛି । ସେହିପରି ଏହି ମାସ ଗଞ୍ଜାମ, କନ୍ଧମାଳ, ଭଦ୍ରକ, ବାଲେଶ୍ୱର, ସୁବର୍ଣ୍ଣପୁର, ଢେଙ୍କାନାଳ, ସମ୍ବଲପୁର, କୋରାପୁଟ, ବରଗଡ଼, ବୌଦ୍ଧ, ନୟାଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର ଓ ଦେବଗଡ଼ ଆଦି ୧୬ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ଏସଆରସି କହିଛନ୍ତି । ଅନୁଗୁଳ, ବଲାଙ୍ଗିର, ସୁନ୍ଦରଗଡ଼ ଓ ନୂଆପଡ଼ା ଆଦି ୪ଟି ଜିଲ୍ଲାରେ ଜୁଲାଇ ମାସରେ ୧୯ରୁ ୩୯ ପ୍ରତିଶତ କମ୍ ବୃଷ୍ଟିପାତ ରେକର୍ଡ କରାଯାଇଛି । ହାରାହାରି ହିସାବରେ ଜୁଲାଇ ମାସରେ ରାଜ୍ୟରେ ୧୫.୪ ଦିନ ବର୍ଷା ହୋଇଛି । ଗତ ଜୁନ ମାସରେ ରାଜ୍ୟରେ ହାରାହାରି ୮.୧ ଦିନ ବର୍ଷା ହୋଇଥିଲା । ବ୍ଲକ ସ୍ତରୀୟ ହିସାବ ଅନୁସାରେ ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ୧୦୩ ବ୍ଲକରେ ଅଧିକ ବର୍ଷା ହୋଇଥିବାବେଳେ ୧୪୯ ବ୍ଲକରେ ସ୍ୱାଭାବିକ ବୃଷ୍ଟିପାତ ରେକର୍ଡ କରାଯାଇଛି । ସାଧାରଣତଃ ୧୯%ରୁ ଅଧିକ ବର୍ଷା ହେଲେ ଅଧିକ ଓ +୧୯%ରୁ-୧୯% ମଧ୍ୟରେ ବର୍ଷା ହେଲେ ସ୍ୱଳ୍ପ ବୃଷ୍ଟିପାତ ହିସାବ ହୋଇଥାଏ । ଏହି ସମୟରେ ରାଜ୍ୟର ୪୪ଟି ବ୍ଲକରେ ୧୯%ରୁ ୩୯% କମ୍ ବୃଷ୍ଟିପାତ ହୋଇଥିବାବେଳେ ୧୮ଟି ବ୍ଲକରେ ୩୯%ରୁ ୫୯% କମ୍ ବୃଷ୍ଟିପାତ ରେକର୍ଡ କରାଯାଇଛି । ଏହିସବୁ ବ୍ଲକ ଅନୁଗୁଳ, ସୁନ୍ଦରଗଡ଼, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ । ଏତେ କମ୍ ବୃଷ୍ଟିପାତ ହେତୁ ଏସବୁ ବ୍ଲକରେ ଚାଷକାମ ଆଗେଇ ପାରିନାହିଁ । ଏହା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।

## ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୧୩୪ ପଞ୍ଚାୟତ ପାଇଁ ୨୭.୫୧ କୋଟି ମଞ୍ଜୁର

**ଭୁବନେଶ୍ୱର :** ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ଟି ଜିଲ୍ଲାରେ ୬ଟି ବ୍ଲକ୍ ପାଇଁ ୨୭.୫୧ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି । ଏହି ବ୍ଲକଗୁଡ଼ିକ ହେଲା - କଳାହାଣ୍ଡି ଜିଲ୍ଲାର ଜୟପାଟଣା, ପୁରୀ ଜିଲ୍ଲାର ନିମାପଡ଼ା, କଟକ ଜିଲ୍ଲାର କଣ୍ଠାପଡା, ବଲାଙ୍ଗୀର ଜିଲ୍ଲାର ଲୋଇସିଙ୍ଗା, ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡି ଓ ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ୍ । ମୁଖ୍ୟମନ୍ତ୍ରୀ ଜୟପାଟଣା ବ୍ଲକ୍‌ର ୨୨ଟି ପଂଚାୟତ ପାଇଁ ୪.୨୦ କୋଟି ଟଙ୍କାରେ ୧୯୩ଟି ପ୍ରକଳ୍ପ, ନିମାପଡା ବ୍ଲକ୍‌ର ୩୧ଟି ପଞ୍ଚାୟତ ପାଇଁ ୬.୫୭୮ କୋଟି ଟଙ୍କାରେ ୪୫୫ଟି ପ୍ରକଳ୍ପ, କଣ୍ଠାପଡ଼ା ବ୍ଲକ୍‌ର ୧୪ଟି ପଞ୍ଚାୟତ ପାଇଁ ୩.୭୧ କୋଟି ଟଙ୍କାରେ ୧୭୮ଟି ପ୍ରକଳ୍ପ, ଲୋଇସିଂଗା ବ୍ଲକ୍‌ର ୨୦ଟି ପଞ୍ଚାୟତ ପାଇଁ ୪ କୋଟି ଟଙ୍କାରେ ୧୯୯ଟି ପ୍ରକଳ୍ପ, ସାନଖେମୁଣ୍ଡି ବ୍ଲକ୍‌ର ୨୬ଟି ପଞ୍ଚାୟତ ପାଇଁ ୬.୫୦ କୋଟି ଟଙ୍କାରେ ୧୯୪ଟି ପ୍ରକଳ୍ପ ଓ ରାୟଗଡ଼ ବ୍ଲକ୍‌ର ୨୧ଟି ପଞ୍ଚାୟତ ପାଇଁ ୨.୫୨ କୋଟି ଟଙ୍କାରେ ୮୪ଟି ପ୍ରକଳ୍ପ । ଏହିପରି ସମୁଦାୟ ୬ଟି ବ୍ଲକ୍‌ର ୧୩୪ଟି ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ୨୭.୫୧ କୋଟି ଟଙ୍କାରେ ୧୩୦୩ଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି । ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ୧୨୯ଟି ବ୍ଲକ୍‌ର ୨୯୮୪ଟି ଗ୍ରାମପଞ୍ଚାୟତ ସହିତ ଆଲୋଚନା ମାଧ୍ୟମରେ ପ୍ରକଳ୍ପ ମଞ୍ଜୁର କରିଛନ୍ତି । ୨୭୮୯୦ଟି ପ୍ରକଳ୍ପ ପାଇଁ ୬୮୪.୪୧ କୋଟି ଟଙ୍କା ମଞ୍ଜୁର ହୋଇଛି । ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଗ୍ରାମବାସୀଙ୍କ ସହିତ ସିଧାସଳଖ ଆଲୋଚନା ଜରିଆରେ ସେମାନଙ୍କ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କରୁଛନ୍ତି । ଏହା ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ସାମୂହିକ କାର୍ଯ୍ୟାନ୍ୱୟନ ଓ ସ୍ୱଚ୍ଛ ପ୍ରଶାସନର ଶ୍ରେଷ୍ଠ ଉଦାହରଣ ହୋଇଛି । ଏହି ୬ଟି ବ୍ଲକ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ୫୦ ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ । ଏଥିରେ ମନ୍ତ୍ରୀ ପରିଷଦର ସଦସ୍ୟ, ସାଂସଦ, ବିଧାୟକ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲାପାଳ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ସାର ପରିବହନରେ ମନ୍ଥରତା; ଚାଷୀ ହନ୍ତସନ୍ତ

**ପାରାଦୀପ :** ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷ କାର୍ଯ୍ୟ ନିମନ୍ତେ କେବଳ ପାରାଦୀପ ଇଫକୋ ଦୈନିକ ଛଅ ହଜାର ଟ୍ରିପ ସାର ଯୋଗାଇଥାଏ । କିନ୍ତୁ ପରିବହନ ଅବ୍ୟବସ୍ଥା ଓ ମନ୍ଥରତା ଯୋଗୁଁ ଏବେ ଦୈନିକ ମାତ୍ର ତିନି ହଜାର ଟ୍ରିପ ସାର ଯୋଗାଇ ଦିଆଯାଉଛି । ଯାହା ଫଳରେ କି ଇଫକୋ ସାର ଉପରେ ନିର୍ଭର କରୁଥିବା ଚାଷୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷାଦିନେ ଏହି ସାରର ବ୍ୟବହାର ହୋଇଥାଏ କିନ୍ତୁ ସାରର ଅଭାବ ଯୋଗୁଁ ଚାଷୀମାନେ ହତାଶ ହୋଇଛନ୍ତି । ଜନୈକ ପରିବହନ ସଂସ୍ଥାର ଏପରି ଉଦ୍ଦେଶ୍ୟମୂଳକ ମନ୍ଥରତା ପରିବହନ ଯୋଗୁଁ ପାରାଦୀପ ଇଫକୋ ସାରକାରଖାନା କର୍ତ୍ତୃପକ୍ଷ ଉତ୍ପାଦନ କମାଇଦେବା ଓ କିଛି ୟୁନିଟ୍ ବନ୍ଦ କରିବାକୁ ବାଧ ହୋଇଛନ୍ତି । ଏପରିସ୍ଥିତିରେ ସ୍ଥାନୀୟ ଅଞ୍ଚଳ ଚାଷୀମାନେ ଏହାର ପ୍ରତିକାର ନିମନ୍ତେ ଦାବି କରିଛନ୍ତି ।

# ସଂଶୋଧନ ହେବ +୨ ପାଠ୍ୟକ୍ରମ

**ଭୁବନେଶ୍ୱର :** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ଦୁଇ ପାଠ୍ୟକ୍ରମ ସଂଶୋଧନ ହେବ । +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ଆସିବ ପରିବର୍ତ୍ତନ । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଢାଞ୍ଚାରେ ତିଆରି ହେବ ସମ୍ପୂର୍ଣ୍ଣ ସିଲାବସ୍ । ଏବେ ପ୍ରଚଳିତ ସିଲାବସ୍‌ରେ ଥିବା ତ୍ରୁଟିଗୁଡିକୁ ଠିକ୍ କରାଯିବ । ସମଗ୍ର ଦେଶରେ ଜୀବ ବିଜ୍ଞାନ (ବାୟୋଲୋଜି) ଗୋଟିଏ ବିଷୟ ବୋଲି ପଢ଼ା ହେଉଥିବା ବେଳେ ଆମ ରାଜ୍ୟରେ ପ୍ରାଣୀ ବିଜ୍ଞାନ(ଜୁଲୋଜି) ଓ ଉଦ୍ଭିଦ ବିଜ୍ଞାନ(ବଟାନି) ପୃଥକ ଭାବେ ପଢ଼ା ହେଉଥିଲା । ଯାହାକୁ ଚଳିତ ବର୍ଷରୁ ଗୋଟିଏ ବିଷୟ ଭାବେ ପରୀକ୍ଷା ହେଉଥିବା ବେଳେ ଆଗାମୀ ଦିନରେ ଏଥିରେ ଆହୁରି ପରିବର୍ତ୍ତନ ହେବ । କିଭଳି ପାଠ୍ୟକ୍ରମ ପଢ଼ି ଛାତ୍ରଛାତ୍ରୀ ପରୀକ୍ଷା ଦେଲେ ଜାତୀୟସ୍ତରରେ ସଫଳ ହେବେ ସେ ବାବଦରେ ଆରମ୍ଭ ହୋଇଛି ଅଙ୍କକଷା । ତେବେ ଆଜି ଠାରୁ ପରିଷଦର ସିଲାବସ୍ କମିଟିର ବୈଠକ ବସିଛି । ବିଭିନ୍ନ ବିଷୟର ଏକ୍ସପୋର୍ଟମାନେ ଉପସ୍ଥିତ ରହି ବିଭିନ୍ନ ବିଷୟର ଢାଞ୍ଚା ପରିବର୍ତ୍ତନ ଉପରେ ମତ ରଖିଛନ୍ତି । ଏହା ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ଶେଷ ହେବ ବୋଲି ପରିଷଦର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । କଳା କିମ୍ବା ବିଜ୍ଞାନ ଷ୍ଟ୍ରିମ୍‌ର ପ୍ରତି ବିଷୟର ସିଲାବସ୍ ପ୍ରସ୍ତୁତ କମିଟିରେ ସର୍ବାଧିକ ୧୫ଜଣ ସଦସ୍ୟ ରହିଛନ୍ତି । ମାତ୍ର ବାଣିଜ୍ୟ ଷ୍ଟ୍ରିମର ସିଲାବସ୍ ପ୍ରସ୍ତୁତ ପାଇଁ ସର୍ବାଧିକ ୨୫ଜଣ ସଦସ୍ୟ ରହିବେ ବୋଲି ପରିଷଦ କର୍ତ୍ତୃପକ୍ଷ କହିଛନ୍ତି । କଳା ଓ ବିଜ୍ଞାନର ସମସ୍ତ ବିଷୟ ପାଇଁ ପୃଥକ ପୃଥକ କମିଟି ହୋଇଥିବା ବେଳେ ବାଣିଜ୍ୟରେ ଗୋଟିଏ ମାତ୍ର କମିଟି ହୋଇଥିବାରୁ ଅଧିକ ସଦସ୍ୟ ରଖାଯାଇଛି । ତେବେ ସିଲାବସ୍ କମିଟି ପାଠ୍ୟକ୍ରମ ପ୍ରସ୍ତୁତ କରିବା ସହିତ ପ୍ରଶ୍ନପତ୍ର ମଧ୍ୟ ପ୍ରସ୍ତୁତ କରିବେ । ପ୍ରତି ସିଲାବସ୍ କମିଟିରେ ପୁଣି ୩ରୁ ୪ଜଣ ମଡରେଟର୍ ରହିବେ । ସେମାନେ ପୁଣି ବିସ୍ତୃତ ଭାବେ ଯାଞ୍ଚ କରିବେ । ସମସ୍ତ ସିଲାବସ୍ କମିଟି ନିଜ ନିଜ ବିଷୟର ସିଲାବସ୍ ଦେବା ପରେ ପରିଷଦର ଏକାଡେମିକ୍ କମିଟି ବୈଠକରେ ଉପସ୍ଥାପନା କରାଯିବ । ଏକାଡେମିକ୍ କମିଟିର ମୋହର ବାଜିବା ପରେ ଯାଇ ତାହା ଚୂଡାନ୍ତ ହେବ ବୋଲି ବରିଷ୍ଠ ଅଧିକାରୀ କହିଛନ୍ତି । ଅପରପକ୍ଷେ ଏବେ ପ୍ରଚଳିତ ହୋଇଥିବା ସିଲାବସ୍‌ରେ କିଛି ତ୍ରୁଟି ଥିବା ସୂଚନା ମିଳିଛି । ବହୁତ ବଡ ବଡ ତ୍ରୁଟି ନଥିଲେ ମଧ୍ୟ ସାମାନ୍ୟ ତଥା ମୁଦ୍ରଣଜନିତ ତ୍ରୁଟି ଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ଏ ସମସ୍ତ କଥା ସିଲାବସ୍ ପ୍ରସ୍ତୁତି ସମୟରେ ଦୃଷ୍ଟି ଦିଆଯିବ ବୋଲି ପରିଷଦ କର୍ତ୍ତୃପକ୍ଷ କହିଛନ୍ତି । ପରିଷଦରେ ସିଲାବସ୍ କମିଟିର ବୈଠକ ଆରମ୍ଭ ହୋଇ ବିଭିନ୍ନ ବିଷୟର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପରିଷଦର କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କୁ ଅବଗତ କରାଯାଇ ନାହିଁ । ଫଳରେ କିଛି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଜଣାପଡିଛି ।

## ମୁଖ୍ୟ ରାସ୍ତା ବନ୍ଦ; ଅଭିଯୋଗ ଶୁଣୁନି ପ୍ରଶାସନ

# ଜଳବନ୍ଦୀରେ ୫୦୦ ପରିବାର

**ମହାକାଳପଡା, (ପ୍ରମୋଦ ବେହେରା) :** କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ ମାଣିକପାଟଣା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ କୂଳରେ ଦୀର୍ଘ ୭୦ ବର୍ଷ ହେଲା ବସବାସ କରି ଆସୁଛନ୍ତି ୯୦ ପରିବାର । ୱାର୍ଡ ନଂ-୧୩ ଅନ୍ତର୍ଗତରେ ଥିବା ଯାତାୟାତ ପାଇଁ ରାସ୍ତାଟି ନଦୀଗର୍ଭରେ ସମ୍ପୂର୍ଣ୍ଣ ଲୀନ ହୋଇଯାଇଛି । ଗାଁ ଲୋକମାନେ ନିଜ ଜାଗାରେ ରାସ୍ତାଟିଏ ନିର୍ମାଣ କରି ଚଳପ୍ରଚଳ ହେଉଥିଲା ବେଳେ ଏବେ ଜଳବନ୍ଦୀ ସମସ୍ୟା ଯୋଗୁଁ ୫୦୦ରୁ ଉର୍ଦ୍ଧ୍ୱ ପରିବାର ଦୁଃଖରେ କାଳାତିପାତ କରୁଛନ୍ତି । ଯେଉଁଥିପାଇଁ ସ୍କୁଲ, କଲେଜକୁ ଯିବା ପାଇଁ ମଧ୍ୟ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀମାନେ ମିଳିମିଶି ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ, ବିଡିଓ, ତହସିଲଦାର ଓ ବିଧାୟକଙ୍କୁ ବହୁବାର ଜଣାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ନହେବା ଦ୍ୱାରା ଏକପ୍ରକାର ଅସନ୍ତୋଷ ଦେଖାଦେଇଛି । ସୂଚନାଯୋଗ୍ୟ, ୨୦୧୩-୧୪ ଆର୍ଥିକ ବର୍ଷରେ ଏନ୍‌ଆର୍‌ଇଜିଏସ୍ ଯୋଜନାରେ ରାସ୍ତା କାମ କରାଯାଇଥିଲା । କେତେକ ଖଳ ପ୍ରକୃତିର ଲୋକ ସେହି ରାସ୍ତା ଉପରେ ବାଡ ବୁଜି ନିଜ ଅକ୍ତିଆରକୁ ନେଇଯିବା ଫଳରେ ଯାତାୟାତ ସମସ୍ୟା ଗମ୍ଭୀର ହୋଇପଡିଛି । ଫଳରେ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପାଇଁ ପ୍ରଶାସନକୁ ବାରମ୍ବାର ଗୁହାରି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏହି ସମସ୍ୟାକୁ ନେଇ ଆଗାମୀ ଦିନରେ ଜନ ଆନ୍ଦୋଳନ ତେଜିବ ବୋଲି ଗ୍ରାମର ଅକ୍ଷୟ ତରାଇ, ଅଭୟ ସାହୁ, ପ୍ରଶାନ୍ତ ତରାଇ, ମିହିର ଜେନା, ମନୋଜ ସ୍ୱାଇଁ ପ୍ରମୁଖ ସୂଚନା ଦେବା ସହିତ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇଥିବା କହିଛନ୍ତି ।

## କେନ୍ଦ୍ର ଯୋଜନାର ଅର୍ଥକୁ ବିଜୁ ଯୁବ ବାହିନୀ ହଡପ କରିବା ପ୍ରସଙ୍ଗ

# ‘ଗରିବ କଲ୍ୟାଣ ଯୋଜନାର ଅର୍ଥ ଆତ୍ମସାତ୍’

**ଭୁବନେଶ୍ୱର :** ପ୍ରଥମେ ଚୋରି ଏବଂ ତାପରେ ଦାଦାଗିରି । ଦିନକୁ ଦିନ ଶାସକ ବିଜେଡିର ବିରୋଧୀମାନଙ୍କ ପ୍ରତି ଅସହିଷ୍ଣୁତା ବଢି ବଢି ଚାଲିଛି । ଦୀର୍ଘ ୧୮ ବର୍ଷ ଧରି ବିଜେଡି ନେତାମାନେ ପ୍ରଶାସନକୁ ହାତବାରେସୀ କରି ମନମୁଖୀ ଶାସନ ଚଳାଇଛନ୍ତି । ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ଗରିବ କଲ୍ୟାଣ କଥା ପ୍ରଚାର କରୁଥିବା ସମୟରେ ଅନ୍ୟପଟେ ବିଜୁ ଯୁବ ବାହିନୀର ସଭାପତି ମାନେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଗରିବ କଲ୍ୟାଣ ଯୋଜନାର ଅର୍ଥକୁ ଆତ୍ମସାତ୍ କରିବା ଶ୍ରେଷ୍ଠ ପ୍ରଶାସକଙ୍କ ଭ୍ରଷ୍ଟାଚାରୀ ଶାସନର ଉଦାହରଣ ବୋଲି ରାଜ୍ୟ ବିଜେପି ଉପସଭାପତି ସମୀର ମହାନ୍ତି କହିଛନ୍ତି । ସ୍ୱଚ୍ଛ ଭାରତ ମିଶନରେ ପ୍ରକୃତ ହିତକାଧିକାରୀଙ୍କ ପାଇଁ ଆସିଥିବା କେନ୍ଦ୍ରୀୟ ଅର୍ଥକୁ ଶାସକ ବିଜେଡି ଦଳର ନେତାମାନେ ଖୋଲାଖୋଲି ଭାବେ ଆତ୍ମସାତ୍ କରୁଛନ୍ତି । ଗଂଜାମ ଜିଲ୍ଲା ଧରାକୋଟ ବ୍ଲକ ଅନ୍ତର୍ଗତ ଝାହାଡା ଗ୍ରାମର ଦଳିତ ସାହିର ଗରିବ ଲୋକଙ୍କ ପାଇଁ ଆସିଥିବା ‘ସ୍ୱଚ୍ଛ ଭାରତ ଗ୍ରାମୀଣ ଯୋଜନା’ ଅନୁଯାୟୀ ପାଇଖାନା ନିର୍ମାଣ କରିବା ଅର୍ଥକୁ ବିଜୁ ଯୁବ ବାହିନୀର ସଭାପତି ଶିବରାମ ପ୍ରଧାନ ଏବଂ ରଂଜନ କୁମାର ଦାସ ଚଂଚକତା କରି ଏହି ଗରୀବ ହିତାଧିକାରୀଙ୍କ ଅର୍ଥକୁ ନିଜ ଆକାଉଂଟକୁ ଟ୍ରାନ୍ସଫର କରାଇ ହଡପ କରିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଶ୍ରୀ ମହାନ୍ତି ସୁଚନା ଦେଇ କହିଛନ୍ତି ଯେ, ଏହି ଦୁର୍ନୀତି ଘଟଣାର ସତ୍ୟାସତ୍ୟ ସଂପର୍କରେ ଜାଣିବା ପରେ ସ୍ଥାନୀୟ ବିଜେପି ନେତା ତଥା କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ପ୍ରଦୀପ ପତ୍ରୀ ଅଭିଯୁକ୍ତଙ୍କ ବିରୁଦ୍ଧରେ ଧରାକୋଟ ଥାନାରେ ଏତଲା ଦେଇଥିଲେ । ପୋଲିସ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସେମାନଙ୍କୁ ସୁରକ୍ଷା ଦେଇ ଚାଲିଛି । ଆରଟିଆଇ ତଥ୍ୟରୁ ଜଣାପଡିଛି ଯେ, ଶିବରାମ ପ୍ରଧାନ ଓ ରଂଜନ ଦାସ ଏହି ଦୁଇ ଜଣଙ୍କ ଆକାଉଂଟକୁ ୬ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ଟଙ୍କା ଟ୍ରାନ୍ସଫର ହୋଇଛି । ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଧାରାକୋଟା ବ୍ଲକର ଝାହାଡା ପଂଚାୟତର ୫୩ଜଣ ହିତାଧିକାରୀଙ୍କ ପାଇଖାନା ନିର୍ମାଣ ଅର୍ଥକୁ ଆତ୍ମସାତ କରିବା ବିରୁଦ୍ଧରେ ବିଜେପି ନେତା ଶ୍ରୀ ପତ୍ରୀଙ୍କ ନେତୃତ୍ୱରେ ବ୍ଲକକୁ ଯିବାସମୟରେ ପୋଲିସ ଆଗରେ ଆକ୍ରମଣ କରିଥିଲେ । ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି ଯେ, ପୋଲିସ ପ୍ରଶାସନ ସ୍ଥାନୀୟ ଶାସକ ଦଳର ବିଧାୟକଙ୍କ ନିର୍ଦ୍ଦେଶରେ କାର୍ଯ୍ୟକରୁଛି । ଅନ୍ୟପଟେ ବିଜୁଯୁବ ବାହିନୀର ସଭାପତିମାନେ ଗୁଣ୍ଡାମୀ କରି ହିତାଧିକାରୀଙ୍କ ଅର୍ଥକୁ ହଡପ କରି ଚାଲିଛନ୍ତି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି । ସେହିପରି ଆନନ୍ଦପୁର ବ୍ଲକରେ ‘ପ୍ରଧାନମନ୍ତ୍ରୀ ଆବାସ ଯୋଜନା’ ନାଁରେ ଆସିଥିବା ଅର୍ଥ ହିତାଧିକାରୀ ବିଜୁ ଜେନାଙ୍କ ପାଖରେ ନପହଂଚି ଲୁଟ୍ ହେବାର ପ୍ରମାଣ ମିଳିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସ୍ୱଚ୍ଛ ଭାରତ ଗ୍ରାମୀଣ ଯୋଜନାକୁ ସିଧା ସିଧା ବିଜୁ ଯୁବ ବାହିନୀର ସଭାପତି ମାନେ ହଡପ କରୁଛନ୍ତି । ଗରିବ କଲ୍ୟାଣ ପାଇଁ କେନ୍ଦ୍ର ସରକାର ସଦାସର୍ବଦା ତତ୍ପର ଥିବାବେଳ ଏଠି ରାଜ୍ୟରେ ଶାସକ ବିଜେଡିର ନେତାମାନେ ଆସୁଥିବା ଅର୍ଥକୁ ହରିଲୁଟ୍ କରିବାରେ ଲାଗିଛନ୍ତି । ବିଜେପିର ଚାପ ପରେ ଥାନାରେ ଏତଲା ଗ୍ରହଣ କରାଗଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଆଗାମୀ ଦିନରେ ଏହାର ଜବାବ ଓଡିଶାବାସୀ ଦେବେ ବୋଲି ଶ୍ରୀ ମହାନ୍ତି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ ମହାନ୍ତି ଏବଂ କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ପ୍ରଦୀପ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।





ନିଜ ସୁଖ ପାଇଁ କରାଯାଇଥିବା କର୍ମ ସୀମିତ ସୁଖ ଦେଇଥାଏ; କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୬ - ୧୨ ଅଗଷ୍ଟ, ୨୦୧୮

# ଚିନ୍ତା କରିବାର ବେଳ



ସମ୍ପାଦକୀୟ

ତାରକ ମହାନ୍ତି

ଦେଶର ସୁରକ୍ଷା ଓ ଭୋଟ ରାଜନୀତି ସମ୍ପୂର୍ଣ୍ଣ ଭିନ୍ନ କଥା । ଦେଶର ନାଗରିକଙ୍କୁ ସୁରକ୍ଷା ଦେବା ସହିତ ସମସ୍ତଙ୍କ ପାଖରେ ସରକାରୀ ସୁବିଧା ସୁଯୋଗ ପହଞ୍ଚାଇବା ହେଉଛି କେନ୍ଦ୍ର ସରକାରଙ୍କର ନୈତିକ ଦାୟିତ୍ୱ । ଯେତେବେଳେ ସରକାର ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହୁଅନ୍ତି ସେତେବେଳେ ଜନମତ ସରକାରଙ୍କ ବିରୋଧରେ ଯାଇଥାଏ । ଅନୁପ୍ରବେଶ ସର୍ବଦା ଦେଶ ପାଇଁ କ୍ଷତିକାରକ । ହେଲେ ଆସାମରେ ପ୍ରକୃତ ଭାରତୀୟ ନାଗରିକ ଚିଠା ତାଲିକା ବା ଏନ୍‌ଆର୍‌ସି ପ୍ରକାଶ ପାଇବା ପରେ କଂଗ୍ରେସ ଓ ତୃଣମଳ କଂଗ୍ରେସ ଯେଭଳି ଖପ୍ପା ହୋଇଛନ୍ତି ତାହା ଚିନ୍ତା କରିବାର ବିଷୟ । ଏନ୍‌ଆର୍‌ସି ପ୍ରସଙ୍ଗରେ ରାଜ୍ୟସଭାରେ ବିରୋଧୀଙ୍କ ପକ୍ଷରୁ ପ୍ରବଳ ହଟ୍ଟଗୋଳ ହେବା ସହିତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରକାରାନ୍ତରେ କେନ୍ଦ୍ର ସରକାରଙ୍କୁ ଏକପ୍ରକାର ଚେତାବନୀ ଦେଇ କହିଛନ୍ତି ଯେ, ଏନ୍‌ଆର୍‌ସି ତାଲିକା ପାଇଁ ଦେଶରେ ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବ । ଦୀର୍ଘବର୍ଷ ଧରି ଆସାମରେ ବସବାସ କରୁଥିବା ଲୋକଙ୍କୁ ଏନ୍‌ଆର୍‌ସି ତାଲିକାରୁ ହଟାଯାଇ ପାରିବନାହିଁ । ତେବେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଆସାମରେ ଏନ୍‌ଆର୍‌ସି ତାଲିକା ପ୍ରସ୍ତୁତ ହୋଇଛି । ଯେଉଁଥିରେ ୪୦ଲକ୍ଷ ଲୋକ ଅନୁପ୍ରବେଶକାରୀ ଭାବେ ଚିହ୍ନଟ ହୋଇଛନ୍ତି ଏବଂ ସେମାନେ ସମସ୍ତେ ବାଂଲାଦେଶୀ । ଚିହ୍ନଟ ହୋଇଥିବା ବାଂଲାଦେଶୀମାନେ ନିଜର ସଠିକ୍ ନାଗରିକତ୍ୱର ପ୍ରମାଣ ଦେଖାଇ ପାରି ନଥିବାରୁ ସେମାନଙ୍କୁ ଦେଶାନ୍ତର ହେବାକୁ ପଡିପାରେ । ଯେଉଁଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଆଗୁଆ ଆଶଙ୍କା ପ୍ରକାଶ କରି ଏଭଳି ବିବୃତ୍ତି ଦେଉଥିବା ଜଣାପଡିଛି । ତେବେ କାହିଁକି ? ଏଇଥିପାଇଁ ଯେ, ଅନୁପ୍ରବେଶକାରୀ ବାଂଲାଦେଶୀ କିଛି ରାଜନୈତିକ ଦଳ ପାଇଁ ଭୋଟ ବ୍ୟାଙ୍କ ସାଜିଛନ୍ତି । ମମତା ଆଶଙ୍କା କରିଛନ୍ତି ଯେ, ଦେଶରୁ ଅନୁପ୍ରବେଶକାରୀଙ୍କ ହଟାଗଲେ ଭୋଟ ବ୍ୟାଙ୍କ ହାତରୁ ଚାଲିଯିବ । ଯେଉଁଥିପାଇଁ ସେ ଦେଶର ସୁରକ୍ଷା ଚିନ୍ତା ଅପେକ୍ଷା ଅନୁପ୍ରବେଶକାରୀଙ୍କ ସୁରକ୍ଷା ଚିନ୍ତା ଅଧିକ କରୁଛନ୍ତି । ହେଲେ ଦେଶର ସୁରକ୍ଷା ପାଇଁ କେନ୍ଦ୍ରରେ ଯେକୌଣସି ସରକାର ରହିଲେ ସେମାନଙ୍କର ପ୍ରତିବଦ୍ଧତା ରହିବା ଦରକାର । ଯାହାକି ବର୍ତ୍ତମାନର କେନ୍ଦ୍ର ସରକାର ତୁଲାଇବାକୁ ଚେଷ୍ଟା କରୁଛନ୍ତି । ଏକଥାକୁ ଦେଶବାସୀ ସ୍ୱାଗତ କରିବା ଉଚିତ୍ । କାରଣ ଆମ ଦେଶରେ ଆମ ପାଇଁ ହେଉଥିବା ସରକାରୀ ସୁବିଧା ଯେବେ ଅନୁପ୍ରବେଶକାରୀଙ୍କ କ୍ଷେତ୍ରରେ ବିନିଯୋଗ ହେବ ସେଥିରେ ଆମର ହିଁ କ୍ଷତି ଘଟିବ । କେବଳ ଯେ ସରକାରୀ ଯୋଜନା ତାହା ନୁହେଁ, ଅନୁପ୍ରବେଶକାରୀମାନେ ଆମ ଦେଶରେ ବସବାସ କରିବା ସହିତ ଆମ ସମ୍ପତ୍ତିରେ ମଧ୍ୟ ଭାଗ ବସାଉଛନ୍ତି । କେବଳ ଏତିକିରେ କଥା ସରୁନାହିଁ । ବରଂ ଏମାନେ ଆମ ଭିତରେ ରହି ଆମ ବିରୋଧରେ ଦୃଢ଼ ଚକ୍ରାନ୍ତ କରୁଛନ୍ତି ଓ ଦେଶର ସୁରକ୍ଷାକୁ ବିପନ୍ନ କରୁଛନ୍ତି । ତେଣୁ ଏଭଳି ପରିସ୍ଥିତିରେ ଆମେ ଭୋଟ ରାଜନୀତିକୁ ଗୁରୁତ୍ୱ ଦେବା ନା' ଦେଶ ସୁରକ୍ଷାକୁ ଅଧିକ ମହତ୍ୱ ଦେବା ତାହା ଦେଶବାସୀଙ୍କ ସାମ୍ନାରେ ଏକ ବିରାଟ ପ୍ରଶ୍ନବାଚୀ ।

ଆସାମ ପରି ଆମ ଓଡ଼ିଶାରେ ମଧ୍ୟ ଅନୁପ୍ରବେଶକାରୀ ବା ବାଂଲାଦେଶୀଙ୍କ ସଂଖ୍ୟା ଯେଭଳି ବୃଦ୍ଧି ପାଇଛି ତାହା ଚିନ୍ତାଜନକ । ହେଲେ ସରକାରୀ ଭାବେ ଏହି ସଂଖ୍ୟା ଅତି ନଗଣ୍ୟ ଭାବେ ଦର୍ଶାଯାଇଛି । ବାସ୍ତବରେ ଏହି ସଂଖ୍ୟା ସରକାରଙ୍କ ହିସାବ ଠାରୁ ହଜାର ଗୁଣରେ ଅଧିକ । ତୁଳନାତ୍ମକ ଭାବେ ବିଚାର କଲେ ଦେଖାଯାଏ ବିଗତ ଅଳ୍ପ କେଇବର୍ଷ ମଧ୍ୟରେ ରାଜଧାନୀ ଭୁବନେଶ୍ୱରରେ ବାଂଲାଦେଶୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି । ଏଦିଗରେ ଅନୁଧ୍ୟାନ କରୁଥିବା ବା ଗବେଷଣା କରୁଥିବା କିଛି ଗବେଷକଙ୍କ ମତ ହେଲା କେବଳ ଭୁବନେଶ୍ୱରରେ ପାଖାପାଖି ୫୦ ହଜାର ବାଂଲାଦେଶୀ ମୁସଲମାନ ବସବାସ କରୁଥିବା ସୂଚନା ମିଳିଛି । ଯେଉଁମାନଙ୍କୁ ଏଯାବତ୍ ସଠିକ୍ ଭାବେ ଚିହ୍ନଟ କରାଯାଇନାହିଁ । ରାଜ୍ୟର ଉପକୂଳ ଅଞ୍ଚଳ ବିଶେଷକରି କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, ଓ ଖୋର୍ଦ୍ଧା ଜିଲ୍ଲାର କିଛି ଅଂଶ ସହିତ ନବରଙ୍ଗପୁର ଓ ମାଲକାନଗିରି ଅଞ୍ଚଳରେ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ବସବାସ କରୁଛନ୍ତି । ଏମାନଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିଲେ ବି ସ୍ଥାନୀୟ ଲୋକ କିମ୍ବା ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ନନେବା ଦ୍ୱାରା ଦିନକୁ ଦିନ ଏହି ଘଟଣା ବଢ଼ିଚାଲିଛି । ଏମାନଙ୍କ ସୁରକ୍ଷା ଓ ଥଇଥାନ ପାଇଁ ଆମର କିଛି ନେତା ଆନ୍ତରିକତା ଦେଖାଉ ନଥିଲେ ହୁଏତ ସ୍ଥିତି ଏଭଳି ହୁଅନ୍ତା ନାହିଁ । ବର୍ତ୍ତମାନର ଅବସ୍ଥା ଏଭଳି ଯେ, ଏହି ଅନୁପ୍ରବେଶକାରୀ ବାଂଲାଦେଶୀମାନେ ଜଳପଥ ଦେଇ ଆମ ରାଜ୍ୟରେ ପାଦ ଦେବା ସହିତ ନେତା ଓ ପ୍ରଶାସନର ମିଳିତ ସହଯୋଗରେ ଫଟୋ ପରିଚୟପତ୍ର ଓ ରାସନ କାର୍ଡ ହାତେଇବାରେ ସଫଳ ହୋଇଛନ୍ତି । ଅନୁପ୍ରବେଶକାରୀଙ୍କ ଆଗମନ ରୋକିବା ଉଦ୍ଦେଶ୍ୟରେ ସମୁଦ୍ର ଭିତରେ ପ୍ରହରା ହେଉଥିବା ତଟରକ୍ଷୀ ବାହିନୀ କିମ୍ବା ସାମୁଦ୍ରିକ ଥାନା ଗୁଡିକ ଆଦୌ ସଫଳ ହେଉନାହାନ୍ତି । ଯେଉଁଥିପାଇଁ ୪୮୦ କିଲୋମିଟର ବ୍ୟାପୀ ଉପକୂଳ ଅଞ୍ଚଳ ଅନୁପ୍ରବେଶକାରୀଙ୍କ ଭୂସ୍ୱର୍ଗ ପାଲଟି ଯାଇଛି । ତେଣୁ ଆସାମ ଘଟଣାରୁ ଆମକୁ ମଧ୍ୟ ଶିକ୍ଷାଲାଭ କରିବାକୁ ପଡିବ । ଦେଶରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସହିତ ରୋହିଙ୍ଗ୍ୟା ମୁସଲମାନଙ୍କର ଅନୁପ୍ରବେଶ ମଧ୍ୟ ଚିନ୍ତାଜନକ ସ୍ଥିତିରେ ପହଞ୍ଚି ଗଲାଣି । ଅନୁପ୍ରବେଶକାରୀଙ୍କ ପାଇଁ ଦେଶ ତଥା ରାଜ୍ୟରେ ଅପରାଧ, ଡ୍ରଗ୍ସ କାରବାର ଓ ଯାବତୀୟ ହିଂସାଜନକ ପରିସ୍ଥିତି ବୃଦ୍ଧି ପାଉଛି । ଆମ ଜନଜୀବନକୁ ବିପନ୍ନ କରି ସେମାନେ ନିଜର ଆଧିପତ୍ୟ ବିସ୍ତାର କରିବା ଦ୍ୱାରା ଆମର ସାଧାରଣ ଲୋକ ସେମାନଙ୍କ ନିକଟରେ ଧିରେ ଧିରେ ଗୌଣ ପାଲଟି ଯାଉଛନ୍ତି । କାରଣ ଜମିବାଡି ଓ ସରକାରୀ କାଗଜାତ ହାସଲ କରିବା ପରେ ଅନୁପ୍ରବେଶକାରୀମାନେ ନିଜର ସ୍ଥିତିକୁ ମଜଭୁତ କରିବା ସହିତ ଆମକୁ ମିଳୁଥିବା ସରକାରୀ ଯୋଜନାରେ ମଧ୍ୟ ଭାଗ ବସାଉଛନ୍ତି । ଏଭଳି ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ କେନ୍ଦ୍ର ହେଉ କି ରାଜ୍ୟ ଭାରତୀୟଙ୍କ ପାଇଁ କରୁଥିବା ସବୁ ଯୋଜନାର ସୁଫଳ ଏମାନଙ୍କ ହାତକୁ ଚାଲିଯିବ । ଯେଉଁଥିପାଇଁ ସରକାରୀ ଯୋଜନା ଗୁଡିକ ବାଟବଣା ହେବା ସହିତ ଯୋଜନାର ବାସ୍ତବ ଆକଳନ କରିବା ମଧ୍ୟ ସମ୍ଭବପର ହେବନାହିଁ । କେନ୍ଦ୍ରରେ ସରକାର ପରେ ସରକାର ଚାଲି ଆସୁଥିଲେ ମଧ୍ୟ ଆସାମରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଉପରେ କାହାର ଧ୍ୟାନ ନରହିବା ଭଳି ଏକ ସମ୍ବେଦନଶୀଳ ଘଟଣା ବର୍ତ୍ତମାନ ସମସ୍ତଙ୍କ ପାଇଁ ଚେତାବନୀ ସଦୃଶ । ଯେଉଁମାନେ ଅନୁପ୍ରବେଶକାରୀଙ୍କୁ ଶରଣ ଦେଉଛନ୍ତି ସେମାନେ ରାଜନେତା ହୁଅନ୍ତୁ ବା ପ୍ରଶାସନିକ ଅଧିକାରୀ ଏହା ଆଦୌ ଠିକ୍ ନୁହେଁ । ଭବିଷ୍ୟତରେ ଏହାକୁ ନେଇ କ'ଣ ଘଟିବାକୁ ଯାଉଛି ତାହା ବିଚାର ନକରି ଅବିଚାରିତ ଭାବେ ଭୋଟ ରାଜନୀତି ପାଇଁ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା ଦେଶ ବିରୋଧୀ କାର୍ଯ୍ୟ । ଏବେ ସମୟ ଆସିଛି ଦେଶ ତଥା ରାଜ୍ୟକୁ ସୁରକ୍ଷିତ ରଖିବାକୁ ହେଲେ ଏଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରିବା ସହିତ ନୀତି ନିୟମ ମଧ୍ୟ ପ୍ରଣୟନ କରାଯିବା ଦରକାର । ନଚେତ୍ ଆଗାମୀ ଦିନରେ ଯେଉଁ ବିସ୍ଫୋରକ ପରିସ୍ଥିତି ଘଟିବ ସେଥିପାଇଁ ସରକାରଙ୍କୁ ହିଁ ମୂଲ୍ୟ ଦେବାକୁ ପଡିବ ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ନିର୍ବାଚନ ମୁହାଁ ଓଡ଼ିଶା !



ଡାକ୍ତର ନୀଳମାଧବ ପୃଷ୍ଟି

ଓଡ଼ିଶାର ନବୀନ ପଟ୍ଟନାୟକଙ୍କ ସରକାର ନିୟମିତ ଭାବେ ଅନେକ ଜନକଲ୍ୟାଣ କାର୍ଯ୍ୟକ୍ରମ ଘୋଷଣା ଓ ଉଦ୍‌ଘାଟନ କରିଚାଲିଛନ୍ତି, ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା କଂଗ୍ରେସ ନିଜର ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ କିଛି ସ୍ଥାନରେ ମନୋନୀତ କରି ଦିଲ୍ଲୀରେ ଡେରା ପକାଇବା, ବିଜେପିର ଧର୍ମେନ୍ଦ୍ର-ସୁପ୍ରିମୋ କବାଟକିଳା ଆଲୋଚନା ଓ ବୈଠକ ସହ ଓଡ଼ିଶା ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ଏସବୁ ଦେଖିଲେ ଓଡ଼ିଶା ନିର୍ବାଚନୀ ମୁହାଁ ହୋଇନାହାଁନ୍ତି ? ଓଡ଼ିଶା ସରକାରଙ୍କ ମୁଣ୍ଡ ଉପରେ ଆସନ୍ନ ନଈବଢ଼ି ପାଇଁ ବନ୍ଧବାଡ଼ର ଚିନ୍ତା ରହିଥିବାବେଳେ ବିଜେଡ଼ିର ସୁପ୍ରିମୋ ନବୀନ ବାବୁ ଯେଉଁପରି ବିଭିନ୍ନ ଘୋଷଣା କାର୍ଯ୍ୟକ୍ରମ ଜାରି ରଖିଛନ୍ତି ଏହାର ରହସ୍ୟ ନିର୍ବାଚନ ମୁଣ୍ଡ ଉପରେ ରହିଛି ବୋଲି ନୁହେଁ ତ ? ନରେନ୍ଦ୍ର ମୋଦିଙ୍କ ଶାସନ, କାର୍ଯ୍ୟକ୍ରମର ଢ଼ଙ୍ଗରଙ୍ଗକୁ ଯିଏ ସତର୍କ ନଜର ରଖିଥିବ ସିଏ ନିଶ୍ଚୟ ଅନୁଭବ କରିବ ଯେ ବିମୁଦ୍ରାକରଣ ହେଉ ବା ସର୍ଜିକାଲ ଷ୍ଟ୍ରାଇକ, ମାଷ୍ଟର ଷ୍ଟ୍ରୋକ ଖେଳିବାରେ ମୋଦି ଅତ୍ୟନ୍ତ ପାରଙ୍ଗମ । ତେବେ ସାଧାରଣ ନିର୍ବାଚନ ସହିତ ରାଜ୍ୟ ମାନଙ୍କର ବିଧାନସଭା ନିର୍ବାଚନ ଏହି ଏକକ ନିର୍ବାଚନ କାର୍ଯ୍ୟକ୍ରମ ଏକ ପ୍ରସଙ୍ଗ ହୋଇ ରହିଛି ଯେଉଁଥିରେ ସର୍ବଦଳୀୟ ସହମତି ସୃଷ୍ଟି ହୋଇନାହିଁ । ଯଦିଓ ନରେନ୍ଦ୍ର ମୋଦିଙ୍କ ସାଧାରଣ ନିର୍ବାଚନ ସହ ରାଜ୍ୟ ବିଧାନସଭା ନିର୍ବାଚନ ପ୍ରସ୍ତାବକୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଆଗଭର ହୋଇ ସମର୍ଥନ ଦେଇଛନ୍ତି ଏଥିରୁ ସ୍ପଷ୍ଟ ହେଉଛିକି ଓଡ଼ିଶାରେ ବିଜେଡ଼ି ନିର୍ବାଚନ ପାଇଁ ଫୁଲ ଦମରେ ନିଜ ପ୍ରସ୍ତୁତି ଆରମ୍ଭ କରିଦେଇଛି । ଗୋଟିଏ ପଟେ ଭୋଟରଙ୍କୁ ନିଜ ଆଡ଼କୁ ଟାଣିବା ପାଇଁ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ହେଉ ବା ନିଜ ପାଣ୍ଠିର ଖାଦ୍ୟ ସୁରକ୍ଷା ଯୋଜନା ଏପରି କାର୍ଯ୍ୟକ୍ରମର ଘୋଷଣା ହେବା ସହ ଅନ୍ୟ ପଟେ ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖୁଥିବା ଅଫିସରଙ୍କ ବଦଳି, ଆଗୁଆ ଅତିରିକ୍ତ ବଜେଟ ଉପସ୍ଥାପନ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଏହା ଭିତରେ ସରକାର ଆଇପିଏସ୍ ମହଲରେ ଏକ ବଡ଼ ଧରଣର ଅଦଳ ବଦଳ କରି କ୍ଷମତାର ତାସ ଫେଣ୍ଟିଛନ୍ତି । ଖୁବ୍ ଶୀଘ୍ର ସଚିବ ସ୍ତର ଓ ଜିଲ୍ଲାପାଳ ସ୍ତରରେ ମଧ୍ୟ ବଡ଼ ଧରଣର ଅଦଳ ବଦଳର ସମ୍ଭାବନା ରହିଛି । ନିର୍ବାଚନୀ ବର୍ଷରେ ବିଜେପିର ଗଡ଼ କୁହାଯାଉଥିବା ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନ ପରି ରାଜ୍ୟରେ ବିଜେପି ଶାସନ ସପକ୍ଷରେ ଜନମତ ସେପରି ସମ୍ଭାବନା ଦେଖାଉନାହିଁ । ତେଣୁ ଅମିତ ଶାହା-ମୋଦି ଯୋଡ଼ି କ୍ଷମତାସୀନ ନିଜ ଦଳକୁ ପୁନର୍ବାର ରାଜ୍ୟବାସୀଙ୍କ ଆସ୍ଥା ଜିଣିବା ପାଇଁ ନିଜ ରଣନୀତି ବେଶ ଯୋଜନାବଦ୍ଧ ଭାବେ ଆରମ୍ଭ କରିଛନ୍ତି ।

କେନ୍ଦ୍ରରରେ ବିରୋଧୀ ଦଳମାନେ ଗୋଟିଏ ଛାତ ତଳେ ରହି ମୋଦିଙ୍କୁ ସାମ୍ନା କରିବା ପାଇଁ ମେଣ୍ଟ କାର୍ଯ୍ୟକ୍ରମ ବେଶ ଜୋରସୋରରେ ଆରମ୍ଭ କରିଛନ୍ତି । ଏହିପରି ସମୟରେ ନରେନ୍ଦ୍ର ମୋଦିଙ୍କ ସରକାର ଏକାଠି ବିଧାନସଭା ଓ ସାଧାରଣ ନିର୍ବାଚନ ପ୍ରସ୍ତୁତି ପାଇଁ ଆଲୋଚନାର ବାଟ ଖୋଲିଥିବାବେଳେ ଅନ୍ୟ ପଟେ ଆଗୁଆ ସାଧାରଣ ନିର୍ବାଚନ କରିବାଲାଗି ମଧ୍ୟ ପଦକ୍ଷେପ ନେଲେଣି । ନିର୍ଭରଯୋଗ୍ୟ ସୂତ୍ରର ତଥ୍ୟ ଅନୁଯାୟୀ ଓଡ଼ିଶା ଲାଗି ଭୋଟିଂ ମେସିନ ପଠାଇ ସାରିଲେଣି ଭାରତର ନିର୍ବାଚନ କମିସନର । ସେହିପରି ଅତିରିକ୍ତ ନିର୍ବାଚନ କମିସନର ପଦବୀ ଆଜି ପୂରଣ ପାଇଁ ପଦକ୍ଷେପ ଆରମ୍ଭ ହୋଇଗଲାଣି । କେନ୍ଦ୍ର ନିର୍ବାଚନ କମିସନର ନିର୍ବାଚନ ପରିଚାଳନା ପାଇଁ ଅଫିସରଙ୍କ ତାଲିକା ମାଗି ସାରିଥିବାରୁ ଓ ନିର୍ବାଚନ ଅଭିଜ୍ଞତା ଥିବା ଚାଳିଶ ଜଣ ଆଇଏଏସ୍ ଓ ପାଞ୍ଚ ଆଇପିଏସ୍ ଅଫିସରଙ୍କ ନାମ ତାଲିକା ପଠାଇବା ପାଇଁ ରାଜ୍ୟ ସରକାରଙ୍କୁ କୁହାଯାଇଥିଲା । ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ସରକାର ନିର୍ବାଚନୀ କସରତ ପାଇଁ ଜୋରଦାର ପ୍ରସ୍ତୁତି ମଧ୍ୟ ଆରମ୍ଭ କରିସାରିଲେଣି । ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଉଦ୍‌ଘାଟନ ଶିଳାନ୍ୟାସ ପାଇଁ ସରକାରୀ ସ୍ତରରେ ଅତ୍ୟନ୍ତ ଯୋଜନାବଦ୍ଧ ଭାବରେ ନବୀନ ବାବୁ ସୁନ୍ଦରଗଡ଼, ସୋନପୁର, ମାଲକାନାଗିରି ଓ ବୌଦ୍ଧ ପରି ଜିଲ୍ଲା ଗସ୍ତ କରିସାରିଲେଣି । ରାଜ୍ୟ ସରକାରଙ୍କ ଘୋଷିତ ନୂଆ କାର୍ଯ୍ୟକ୍ରମ ପାଇଁ ବଜେଟରେ ଅର୍ଥ ବରାଦ ନାହିଁ ତେଣୁ ସରକାର ସେ ଦିଗରେ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଦେଲେଣି । ତେବେ ନିର୍ବାଚନକୁ ଆଖି ଆଗରେ ରଖି ନିଜକୁ ସୁହାଇଲା ପରି ଅଫିସର ମାନଙ୍କୁ ପୋଷ୍ଟିଂ କରିବା ପାଇଁ ବିଜେଡ଼ି ସରକାର ଯୋଜନା କରୁଛନ୍ତି ବୋଲି ବିରୋଧୀ ଦଳ ଅଭିଯୋଗ କରନ୍ତି । ତେବେ ତଥ୍ୟ ଅନୁଯାୟୀ ସରକାର ନିର୍ବାଚନ ପୂର୍ବରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ମୁଖ୍ୟ ସଚିବ, ପୁଲିସ ଡିଜି ବଦଳି କରିବାରର ସମ୍ଭାବନା ନାହିଁ । ତେବେ ଆସନ୍ତା ଅକ୍ଟୋବରରେ ଉନ୍ନୟନ କମିସନର ଆର.ବାଳକ୍ରିଷ୍ଣନ ଅବସର ନେଉଥିବାରୁ ସରକାର ଏହି ସ୍ଥାନରେ କାହାଙ୍କୁ ଅବସ୍ଥାପିତ କରିବେ ସେଥିପାଇଁ ସଚିବାଳୟରେ ଚର୍ଚ୍ଚା ମଧ୍ୟ ଜୋରଦାର ହେଉଛି । ବର୍ତ୍ତମାନର ଗୃହ ସଚିବ ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ପାହ୍ୟାର ଅଫିସର ଅସୀତ କୁମାର ତ୍ରିପାଠୀ ଓ ଜଙ୍ଗଲ ପରିବେଶ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟଶାସନ ସଚିବ ପାହ୍ୟାର ଅଫିସର ସୁରେଶ କୁମାର ମହାପାତ୍ରଙ୍କ ମଧ୍ୟରୁ ଜଣଙ୍କୁ ନିଯୁକ୍ତି ଦେଇପାରନ୍ତି । ସେହିପରି ପାଖାପାଖି ତିନିବର୍ଷରୁ ଉର୍ଦ୍ଧ୍ୱ ଯେଉଁ ଜିଲ୍ଲାର ଜିଲ୍ଲାପାଳ ମାନଙ୍କ ବଦଳି ସମ୍ଭାବନା ରହିଛି ସେହି ଜିଲ୍ଲା ଗୁଡ଼ିକ ହେଲା କଟକ, ଖୋର୍ଦ୍ଧା, ପୁରୀ, ଯାଜପୁର, ଅନୁଗୁଳ ଓ ସୋନପୁର ପ୍ରମୁଖ । ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା ବିଜେଡ଼ିର ଗଡ଼ ଭାବେ ପରିଚିତ ହେଉଥିବାରୁ ସରକାର ନିଜକୁ ସୁହାଇଲା ପରି ଜିଲ୍ଲାପାଳଙ୍କୁ ଅବସ୍ଥାପିତ କରିପାରନ୍ତି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ନିର୍ବାଚନୀ ସମୟରେ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା କେନ୍ଦ୍ରାଞ୍ଚଳ ଆରଡ଼ିସି ଦାୟିତ୍ୱ ବିଧିବଦ୍ଧ ଭାବେ ଏବେ ଅତିରିକ୍ତ ଦାୟିତ୍ୱରେ ମହେନ୍ଦ୍ର ମଲ୍ଲିକ ରହିଥିବାରୁ ସେଠାରେ ଜଣେ ବରିଷ୍ଠ ଅଧିକାରୀଙ୍କୁ ସରକାରଙ୍କ ତୁରନ୍ତ ନିଯୁକ୍ତି ଦେବେ । ସୁପ୍ରିମକୋର୍ଟରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ଘଟଣା ପହଞ୍ଚି ସାରିଥିବାରୁ ଜଣେ ଦକ୍ଷ ଆଇଏଏସ ଅଫିସରଙ୍କୁ ସରକାର ସ୍ୱତନ୍ତ୍ର ଅଫିସର ଭାବେ ନିଯୁକ୍ତି ଦେବେ । ସେହିପରି ସରକାରଙ୍କ ବଡ଼ଭୋଟ ବ୍ୟାଙ୍କ କୁହାଯାଉଥିବା ଯେଉଁ ବଡ଼ ବଡ଼ ଜନକଲ୍ୟାଣ କାର୍ଯ୍ୟକ୍ରମର ଯୋଜନା ଘୋଷିତ ହେଉଛି ସେହି ବିଭାଗର ସଚିବା ଦାୟିତ୍ୱରେ ସରକାର ନିଜର ମନୋନୀତ ଅଫିସରଙ୍କୁ ବସାଇବେ । ମୁଣ୍ଡ ଉପରେ ନିର୍ବାଚନୀ ରିକ୍ସ ନେବା ପାଇଁ ବିଜେଡ଼ି ଆଦୌ ଚାହିଁବ ବି ନାହିଁ । ଏସବୁ ଭିତରେ ବିଜେଡ଼ିକୁ ଛାଡ଼ିଦେଲେ ବିଜେପି ହେଉ ବା କଂଗ୍ରେସ ବେଶ୍ ବଡ଼ ପାଟିରେ ନିଜକୁ ନିର୍ବାଚନ ପାଇଁ ପ୍ରସ୍ତୁତ ବୋଲି ଯେତେ ଛାତିରେ ହାତ ବାଡ଼ାଇ କହୁଥିଲେ ମଧ୍ୟ ବାସ୍ତବରେ କିନ୍ତୁ ନିର୍ବାଚନୀ ପ୍ରସ୍ତୁତିରେ ବିଜେଡ଼ି ସମକକ୍ଷ କେହି ବି ହେବେନି । ଅନ୍ୟ ଛୋଟମୋଟ ଦଳ ସେମାନେ ଏବେ ବି ନିର୍ବାଚନର ପୂର୍ବରୁ ନିଘୋଡ ନିଦରେ । ବିଜେଡ଼ି ପରି ଏକ ପ୍ରଭାବଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଦଳ ନବୀନ ବାବୁଙ୍କ ନେତୃତ୍ୱରେ ବେଶ୍ ଶକ୍ତିଶାଳୀ ହେଉଛି । ଓଡ଼ିଶାରେ ମୋଦିଙ୍କ ଯାଦୁ ଗତଥର ପରି ଫେଲ ମାରିବ କି ନାହିଁ, ନୂଆ କଂଗ୍ରେସ ସୁପ୍ରିମୋ ରାହୁଲ ଗାନ୍ଧୀଙ୍କ ମନୋନୀତ ନିରଞ୍ଜନ ଟିମ୍ ଓଡ଼ିଶାରେ କି କରାମତି ଦେଖାଇବେ ଏସବୁ ପାଇଁ ସେହି ସମୟକୁ ହିଁ ଅପେକ୍ଷା !

*ପାଣିକୋଇଲି, ଯାଜପୁର*
*ଦୂରଭାଷ : ୯୪୩୯୪୮୨୫୨୬*

# ବନ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ



ଡଃ.ଅରୁନ୍ଧତୀ ଦେବୀ

ଓଡ଼ିଶା ସରକାର ଏକ କଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନେଇ ଓଡ଼ିଆ ଭାଷାର ଅଭିବୃଦ୍ଧି ପାଇଁ ଅଧିକ ଅଧ୍ୟୟନ ଓ ଗବେଷଣା ନିମନ୍ତେ କୋଟି ଓଡ଼ିଆଙ୍କ ହୃଦୟ ଭିତରେ ସ୍ପନ୍ଦିତ ହେଉଥିବା ପୁରୀ ଜିଲ୍ଲାର ଖ୍ୟାତିସମ୍ପନ୍ନ ସତ୍ୟବାଦୀରେ ପ୍ରତିଷ୍ଠା ହେବ ଓଡ଼ିଆ ବିଶ୍ୱବିଦ୍ୟାଳୟ । ଓଡ଼ିଶା ସରକାରଙ୍କ ଅତ୍ୟନ୍ତ ଗୁରୁତ୍ୱ ଓ ଅବଦାନପୂର୍ଣ୍ଣ ଐତିହ୍ୟ କ୍ୟାବିନେଟର ପ୍ରଥମ ବୈଠକରେ ବିଧିବଦ୍ଧ ଭାବେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଓଡ଼ିଶା ସରକାର ଓଡ଼ିଆ ଭାଷାର ଗୌରବ ଓ ସୁରକ୍ଷା ପାଇଁ ଏହି ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହାକୁ ଯେତେ ପ୍ରଶଂସା କଲେ ବି କମ୍ ହେବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅଭିବୃଦ୍ଧି ଦିଗରେ ଏହାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିଚାର କରାଯାଉଛି । ଓଡ଼ିଶା ସରକାର ତାଙ୍କ ପ୍ରକାଶିତ ଗେଜେଟ୍‌ର ବିଜ୍ଞପ୍ତି ଅନୁଯାୟୀ ୨୦୧୭ ନଭେମ୍ବର ମାସରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ବିଜ୍ଞପ୍ତି ରହିଛି । ତେବେ ନୂତନ ଭାବରେ ସରକାରଙ୍କ ଐତିହ୍ୟ କ୍ୟାବିନେଟରେ ଏହାର ପ୍ରତିଷ୍ଠା ସହ ସ୍ଥାନ ନିର୍ଦ୍ଧାରଣ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି । ଏହି ବିଶ୍ୱବିଦ୍ୟାଳୟ ନାମ କେବଳ ଓଡ଼ିଆ ବିଶ୍ୱବିଦ୍ୟାଳୟ ରହିବ ଏହା ସହିତ ଅନ୍ୟ କୌଣସି ଶବ୍ଦ ଯୋଡ଼ା ଯିବନାହିଁ । କୋଟି ଓଡ଼ିଆଙ୍କ ପ୍ରାଣରେ ସ୍ୱତନ୍ତ୍ର ସ୍ଥାନ ରଖିଥିବା ପ୍ରସିଦ୍ଧ ପଞ୍ଚସଖାଙ୍କ କର୍ମସ୍ଥଳୀ ସତ୍ୟବାଦୀରେ ଏହା ପ୍ରତିଷ୍ଠା ହେବ । ସତ୍ୟବାଦୀ ହେଉଛି ବକୁଳ ବନବିଦ୍ୟାଳୟ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସାଧନାର ପୀଠ । ଏହା ଓଡ଼ିଶା ଇତିହାସରେ ଏକ ଅବିଚ୍ଛେଦ୍ୟ ଅଙ୍ଗ ମଧ୍ୟ । ଏହି ବିଶ୍ୱବିଦ୍ୟାଳୟ ପାଇଁ ୨୫ ଏକର ଜମି ଆବଶ୍ୟକ ହେଉଛି । ଓଡ଼ିଶା ଭାଷା ଶାସ୍ତ୍ରୀୟ ଭାଷା ଏହାର ସାହିତ୍ୟ ସମୃଦ୍ଧ ବିଭିନ୍ନ କ୍ଷେତ୍ର ଯଥା ଚାରୁକଳା, ବୟନଶିଳ୍ପ, ଓଡ଼ିଶୀ ନୃତ୍ୟ, ତାରକୋସି କାର୍ଯ୍ୟ, ସଙ୍ଗୀତ, ନୌବାଣିଜ୍ୟ, ମନ୍ଦିରର ସ୍ଥାପତ୍ୟ, ବୌଦ୍ଧ ଓ ଜୈନ କୀର୍ତ୍ତିରାଜି ପ୍ରଭୃତି ସାରା ବିଶ୍ୱରେ ଜଣାଶୁଣା । ବିଶ୍ୱର ଅନ୍ୟତମ ବିରଳ ବୌଦ୍ଧ ବିମଣ୍ଡିତ କ୍ଷେତ୍ର ଉଦୟଗିରି, ରତ୍ନଗିରି, ଲଳିତଗିରି ଏହି ସ୍ୱର୍ଣ୍ଣ ତ୍ରିଭୁଜ କ୍ଷେତ୍ରରେ ସଂଯୋଗ କ୍ରମେ ଏହି ଲେଖିକାର କର୍ମମୟ ଜୀବନ ଅତିବାହିତ ହେଉଛି । ଯୁଗପୁରୁଷ ପୂଜ୍ୟ ଶ୍ରୀକୁମାର ଭାଇଙ୍କ ନିତ୍ୟ, ତାଙ୍କ ସାଧନାର ପ୍ରାଥମିକ କ୍ଷେତ୍ର ଏହି ବୌଦ୍ଧ ବିମଣ୍ଡିତ ଉଦୟଗିରି ଠାରେ ରହିଛି । ସରକାରଙ୍କ ଏହି କାର୍ଯ୍ୟକ୍ରମରେ ଜନଜାତିଙ୍କ କଳା, ସଂସ୍କୃତି, ନୃତ୍ୟ ଆଦିର ରକ୍ଷଣାବେକ୍ଷଣ ତଥା ପ୍ରଚାର ପ୍ରସାର ଆବଶ୍ୟକ । ଯାହାପାଇଁ ଓଡ଼ିଆ ସଂସ୍କୃତି ଓ ଐତିହ୍ୟ ନୀତି ପ୍ରଣୟନ କରାଯିବ ଯାହାକୁ ଐତିହ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛି । ଏ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏକ ଚିଠା ପ୍ରସ୍ତୁତ କରିବ । ଅବଶ୍ୟ ଏଥିପାଇଁ ଉଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ରଖାଯାଇନାହିଁ ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ, ବୌଦ୍ଧିକ ଓ ଶୈକ୍ଷିକ କ୍ରାନ୍ତିର ଏନ୍ତୁଡ଼ିଶାଳ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିଷ୍ପତ୍ତି ଐତିହାସିକ । ପୂର୍ବରୁ ପୁରୀରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଓଡ଼ିଆ ଭାଷାର ବିକାଶ ପାଇଁ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଗ୍ରହଣ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଏଥିମଧ୍ୟରୁ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗରୁ ପର୍ଯ୍ୟଟନ ବିଭାଗ କାଢ଼ି ନିଆଯାଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଗଠନ କରାଯାଇଛି । ସେହିପରି ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଓଡ଼ିଆ ଭାଷାରେ ସ୍ନାତକ, ସ୍ନାତକୋତ୍ତର ଓ ପିଏଚ୍‌ଡ଼ି ପାଠ୍ୟକ୍ରମ ବିନା ପାଉଣାରେ ଅଧ୍ୟୟନ, ଓଡ଼ିଆ ଭର୍ଚୁଆଲ ଏକାଡ଼େମୀ, ଜିଲ୍ଲା ଓ ରାଜ୍ୟସ୍ତରୀୟ ପୁସ୍ତକ ମେଳା, ପାଠାଗାର, ଐତିହ୍ୟ କ୍ୟାବିନେଟ ଗଠନ ଭଳି ବିଭିନ୍ନ ପଦକ୍ଷେପ ନିଆଯାଇଛି । ଏହି ପ୍ରସ୍ତାବିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିଜନ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ଉପସ୍ଥାପିତ ଓ ପ୍ରତିପାଦିତ କରିବା ଓ ଓଡ଼ିଆକୁ ଏକ ସୁଦୃଢ଼ ବ୍ୟବହାରିକ ଭାଷା ରୂପେ ଗଢ଼ି ତୋଳିବା ହେବା ଉଚିତ । ପ୍ରସ୍ତାବିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ପାଠପଢ଼ା ଓ ଗବେଷଣାର ମାଧ୍ୟମ ଓଡ଼ିଆ ହେବା ସ୍ୱାଭାବିକ । ଓଡ଼ିଆ ମାଧ୍ୟମରେ କଳା, ବିଜ୍ଞାନ ପରି ସମସ୍ତ ବିଷୟ ଜ୍ଞାନ ଆହରଣ କରିବା, ଗବେଷଣାରେ ବ୍ୟସ୍ତ ରହିବା ଓ ପାଠ୍ୟପଢ଼ାର ସମସ୍ତ ଆବଶ୍ୟକୀୟ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସହିତ ସମସ୍ତ ବିଷୟରେ ନିଜର ଅବଦାନ ସହଯୋଗ ପାଇଁ ଏହି ଓଡ଼ିଆ ବିଶ୍ୱବିଦ୍ୟାଳୟ ନିଜକୁ ଯଥାର୍ଥ ଭାବରେ ପ୍ରସ୍ତୁତି କରିବା ଦରକାର । ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ତଥା ଭାଷା ଗବେଷଣାର ପ୍ରଚାର ପ୍ରସାର ନିମିତ୍ତ ଉତ୍କଳ ସମ୍ମିଳନୀ ପରି ଅନେକ ବେସରକାରୀ ସଂସ୍ଥା କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । କୁହାଯାଏ ଗୋଟିଏ ଜାତିର ଭାଷା ତାର ସାମର୍ଥ୍ୟ ଓ ସମର୍ଥନକୁ ପ୍ରସ୍ତୁତ କରିଥାଏ ଆସନ୍ତା ପିଢ଼ୀ ପାଇଁ । ଓଡ଼ିଆକୁ ନିଜ ଜ୍ଞାନ ଓ ମେଧାର ଭାଷା କରିବା ପାଇଁ ପୃଥିବୀର ଯେତେ ଭାଷାରୁ ଜ୍ଞାନ ଆଣି ଓଡ଼ିଆକୁ ସମୃଦ୍ଧ କରାଯାଇପାରିବ । ଓଡ଼ିଆ ଭାଷା ସେତିକି ବରିଷ୍ଠ ଓ ସମୃଦ୍ଧ ହେବ । ଏକ ବହୁଭାଷୀକ ପୃଥିବୀରେ କେବଳ ନିଜର ଗୋଟିଏ ଭାଷା ଉପରେ ନିଜକୁ ନିର୍ଭର ରଖି ବିକାଶର କଳ୍ପନା କରିବା ଅପ୍ରାସାଙ୍ଗିକ । ଓଡ଼ିଶା ସରକାରଙ୍କର କୌଣସି ଭାଷା ନିମିତ୍ତ ବିଭାଗ ବା କ୍ୟାବିନେଟ ମନ୍ତ୍ରଣାଳୟ ନାହିଁ ବା ଭାଷାର ବିଭାଗ ବି ନାହିଁ । ଓଡ଼ିଶା ଭାଷାକୁ ସମୃଦ୍ଧ କରିବା ପାଇଁ ଅନେକ ସାରସ୍ୱତ କାଳଜୟୀ ଓଡ଼ିଆ ନିଜ ଆପ୍ରାଣ ଅବଦାନ ଏ ଜାତି ପାଇଁ କରିଯାଇଛନ୍ତି । ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଓଡ଼ିଶା ସରକାର ସେହି ବକୁଳ ବନରେ ଏହି ମହତାଂକ୍ଷୀ ବିଶ୍ୱବିଦ୍ୟାଳୟ ଗଢୁଛନ୍ତି ଯେଉଁଠି ଓଡ଼ିଆ ପ୍ରାଣ ପଞ୍ଚସଖାଙ୍କ ପଦଚାରଣ, ସ୍ମୃତି ସତେଜ ହୋଇ ଏଯାବତ୍ ରହିଛି । ଭାଷାକୁ ନେଇ ଜନ ଆନ୍ଦୋଳନର ଦୃଷ୍ଟିକୁ ରଖି ତଥା ଓଡ଼ିଆ ଜାତି ପାଇଁ ସର୍ବଶ୍ରେଷ୍ଠ ଅବଦାନ ଲିପିବଦ୍ଧ କରିବା ପାଇଁ ବହୁ ବିଳମ୍ବରେ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ଓ ସ୍ମରଣୀୟ ପଦକ୍ଷେପ ନେଇଥିବାରୁ ଓଡ଼ିଶାବାସୀ ତାଙ୍କୁ ନିଶ୍ଚିନ୍ତ ଭାବରେ ଧନ୍ୟବାଦ ଜଣାଇବେ । ମାତୃଭାଷାର ଉନ୍ନତି ହେଉ, ଓଡ଼ିଆ ବିଶ୍ୱବିଦ୍ୟାଳୟ କୋଟି ଓଡ଼ିଆଙ୍କ ମାତୃପ୍ରାଣକୁ ଉଜ୍ଜୀବିତ କରି ଆଗାମୀ ପିଢି ପାଇଁ ନିଜ ଅବଦାନକୁ ସ୍ମରଣୀୟ କରିବ ବୋଲି ବିଶ୍ୱାସ ରହିଛି ।

*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର*
*ଦୂରଭାଷ : ୯୯୩୭୧୭୨୮୧୦*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୧୬

"ଆନନ୍ଦ ମନରେ ନିର୍ମଳଜଳରେ ଗୁରୁ
ପାଦ ପଖାଳିଲା ।
କ୍ଷେପିଣ ଅର୍ଦ୍ଧେକ ସିଞ୍ଚି ଦେହଯାକ
ଆତ୍ମାଶୁଦ୍ଧ ସେହୁ କଲା ॥"

ଗୁରୁଙ୍କ ମୁଖରୁ ଦିବ୍ୟସନ୍ଦେଶ ଶ୍ରବଣ କରି ଯୁବରାଜ ଗୋବିନ୍ଦଙ୍କ ନୟନ ଲୋତକପୂର୍ଣ୍ଣ ହୋଇପଡ଼ିଲା । ଜୀବନର ଶକ୍ତମୋଡ଼ର ପଥ ପରିବର୍ତ୍ତନ ବେଳାରେ ଆନନ୍ଦାଶ୍ରୁ ଝରିବାକୁ ଲାଗିଲା । ସେ ଲୋଟାରେ ନିର୍ମଳ ଜଳ ଆଣି ଗୁରୁଙ୍କ ପାଦଧୌତ କରିବା ପରେ ସେଇ ଜଳରୁ ଅଧା ଗର୍ଭକୁ କ୍ଷେପିଲେ । ବଳକା ଜଳ ଦେହରେ ସିଞ୍ଚି ହୋଇ ହାଡ଼ିପାଙ୍କ ପୟରରେ ପ୍ରଣିପାତ କଲେ । ହାଡ଼ିପା ଗୋବିନ୍ଦଙ୍କୁ କୋଳାଗ୍ରତ କରି କହିଲେ, ହେ'ଗୋବିନ୍ଦ, ତୁମ୍ଭେ ଗୁରୁଙ୍କ କଲ୍ୟାଣପ୍ରାପ୍ତ ହେଲ । ଏବେ ତୁମ୍ଭଙ୍କୁ ମୃତ୍ୟୁଦେବତା କବଳିତ କରି ପାରିବେ ନାହିଁ । ସାଧନାର ପଥରେ ଦ୍ରୁତବେଗରେ ଗମନ କର । ମୁକ୍ତାଦେଇଙ୍କୁ ଚାହିଁ କହିଲେ, ହେ'ରାଣୀମାତା, ଏବେ ତୁମ୍ଭେ ନିଶ୍ଚିନ୍ତରେ କାଳଯାପନ କର । ଦଇବର ବିଚାରକୁ ଖଣ୍ଡନ କରିବାର ଶକ୍ତି ତୁମ୍ଭେ ପ୍ରାପ୍ତ ହେଲ । ଏବେ ପୁତ୍ରକୁ ତେଜ୍ୟ କରି ଏକାକିନୀ ରାଜ୍ୟଭାର ଗ୍ରହଣ କର । କାଲି ପ୍ରଭାତରେ ଯୋଗୀପୁତ୍ରକୁ ପ୍ରଥମ ମୁଷ୍ଟି ଭିକ୍ଷା ଦେଇ ଅମରପଥର ଯାତ୍ରୀ ହେବା ନିମନ୍ତେ କଲ୍ୟାଣ କର । ପୁତ୍ରକୁ ଅଫେରନ୍ତା ବାଟ କଢ଼ାଇ କ୍ରନ୍ଦନ କର ନାହିଁ ମାତା, ଫେରିଯାଅ । ସଂସାର ପଥ, ମୋକ୍ଷ ପଥ ସମାନ ନୁହେଁ । ଏକା ଏକା ଏକୁଟିଆ ପଥରେ ପଦ ଚାଳନା କରିବାକୁ ପଡ଼ିବ । ଜୀବ ଥିବା ଯାଏଁ ତୁମ୍ଭେ ପୁତ୍ରର ମୁଖ ଦେଖୁଥିବ, ଏହାଠାରୁ ବଳି ମମତାମୟୀ ଜନନୀର ଆଉ ବଡ଼ ଆଶା କିଛି ନାହିଁ । ଦୁଃଖ ଭାଳେଣି ତ୍ୟାଗ କରି ଯାଅ ମାତା, ତୁମ୍ଭ ଏକଇର ବଳା ଗୋବିନ୍ଦାଇ ଏବେ ଅନନ୍ତ ଆକାଶର ଉଡ଼ନ୍ତା ଇଗଲ !

ମାତାଙ୍କ ଆଖିର ଲୁହ ଦେଖି ଗୋବିନ୍ଦ ପ୍ରବୋଧନା ଦେଲେ । କହିଲେ, ହେ'ମାତ, ତୁମ୍ଭେ ଇଚ୍ଛା କରି ଯାହା କଲ ସେଥିରେ ସମ୍ମତ ହେଲି । ପୁଣି କିପାଁ ରୋଦନ କରୁଛ । ତୁମ୍ଭେ ଅଚିନ୍ତ୍ୟରେ ରାଜ୍ୟପାଳ ! ତୁମ୍ଭ ଦୟା ହେଲେ ସ୍ୱଳ୍ପ କାଳ ମଧ୍ୟରେ ଦେଶାନ୍ତର ସାରି ଫେରି ଆସିବି । ଯମ ହାବୁଡ଼ରେ ପଡ଼ିବା ଆଗରୁ ମୋର ଆତ୍ମଶୁଦ୍ଧି ହୋଇ ଯାଇଥିବ ! ଯୋଗ ସାଧିବା ନିମନ୍ତେ ପୁତ୍ରର ଉତ୍କଣ୍ଠା ଭାବ ଆଶ୍ୱାସନା ବଚନ ଶ୍ରବଣ କରି ମୁକ୍ତାଦେଇ ଅପାର ଆନନ୍ଦ ଲାଭ କଲେ । ଭଗବାନ ଶିବଙ୍କୁ ହୃଦୟର ପ୍ରଣାମ ଜଣାଇ ପୁତ୍ରର ଶୁଭକାମନା ଚିନ୍ତିଲେ । ହାଡ଼ିପାଙ୍କ ମୁଖକୁ ଚାହିଁ କହିଲେ, ହେ'ଯୋଗୀବର, ତୁମ୍ଭେ ଝାଡୁଦାର ସେବକ ନୁହେଁ, ଆମ୍ଭ ମାତା ପୁତ୍ରଙ୍କର ଜ୍ଞାନଦାତା ଗୁରୁ । ତୁମ୍ଭେ ସର୍ବଜ୍ଞ ମହାଗୁରୁ । ଏବେ ଦେଖ ବିଧାତାଙ୍କ ଖେଳରେ ବଙ୍ଗରାଜ୍ୟ ଛାରଖାର ହେଲା । ମାତା ପୁତ୍ରଙ୍କ ବିଚ୍ଛେଦ ଘଟିଲା ! ଉର୍ଦ୍ଧ୍ୱକୁ ଚାହିଁ ଗୁଣୁ ଗୁଣୁ ହୋଇ କହିଲେ, ହେ'ଧର୍ମଦେବତା, ବିଧବା ନାରୀ ପ୍ରତି ତୁମ୍ଭର ଯେ'କି ପରୀକ୍ଷା ! ଏକମାତ୍ର ପୁତ୍ରକୁ ମୃତ୍ୟୁର ଭୟ ଦେଖାଇ ଦେଶାନ୍ତର କଲ । ମା'କୋଳରୁ ପୁତ୍ରକୁ ଦୂରେଇ ଭିନ୍ନ କରିଦେଲ ! ତହିଁପରେ ଗୁରୁଶିଷ୍ୟଙ୍କୁ ସମ୍ବୋଧନ କରି କହିଲେ, ତୁମ୍ଭ ଯାତ୍ରାପଥ କୁସୁମିତ ହେଉ ! ରାତ୍ର ତୃତୀୟ ପ୍ରହର । ଏବେ ବିଜୟର ଟୀକା ନେଇ ରାଜନବରକୁ ପ୍ରତ୍ୟାବର୍ତ୍ତନ କରୁଛି ଶୁଭସକାଳର ବାର୍ତ୍ତା ଧରି !

ରାଜାଙ୍କର ଯୋଗୀ ହେବା ଖବର ରାଜ୍ୟସାରା ଖେଳିଗଲା । ଯିଏ ବିଗତ ରାତିରେ ବଙ୍ଗଦେଶର ରାଜାଥିଲେ ସକାଳ ପାଇବା ବେଳକୁ ସେଇ ପୁଣି ସଂସାର ତ୍ୟାଗୀ ହେବା ଘଟଣାକୁ ପ୍ରଜାଗଣ ସହଜରେ ଗ୍ରହଣ କରି ପାରିଲେ ନାହିଁ । ରାଜନବରର ସଭିଙ୍କ ଚକ୍ଷୁରେ ଲୋତକ ଭରିଗଲା । ରାଜାଙ୍କୁ କେଉଁଠି ଲୁଚାଇ ରାଣୀମାତା ଭେଳିକି ଦେଖାଉଛନ୍ତି ଚିନ୍ତା କରି ରୋଦମା, କୋଦମା ଆଦି ବୋହୂରାଣୀମାନେ ମୁକ୍ତାଦେଇଙ୍କ ଅନ୍ତଃପୁରରେ ପହଞ୍ଚି କାନ୍ଦିବାକୁ ଲାଗିଲେ । ସେମାନେ ଯୁବରାଜଙ୍କୁ ଫେରାଇ ଆଣିବା ପାଇଁ ଅଡ଼ି ବସିଲେ । ମୁକ୍ତାଦେଇ ବୋହୂରାଣୀମାନଙ୍କୁ କୋମଳ ବଚନରେ ବୁଝାଶୁଝା କଲେ । ମାତ୍ର ସେମାନେ ନିଉନ ହୋଇ ରାଣୀମାତାଙ୍କୁ ଯେତେ ଆକୁଳ ମିନତୀ କଲେ ମଧ୍ୟ କିଛି ଲାଭ ମିଳିଲା ନାହିଁ । ଶେଷରେ ସଖୀଗଣଙ୍କୁ ସାଙ୍ଗରେ ଧରି ସେମାନେ ଯୁବରାଜଙ୍କ ନିକଟରେ ପହଞ୍ଚିଲେ । କାନ୍ଦଣାର ରୋଳ ଭିତରେ ରାଜାଙ୍କର ଅତିପ୍ରିୟା ରାଣୀ ରୋଦମା କହିଲେ, ହେ'ପ୍ରାଣନାଥ, ରାତିକ ମଧ୍ୟରେ ଏ ସବୁ କଣ ଘଟିଗଲା ! ଯଦି ଯୋଗୀଘର ଯିବା ପାଇଁ ତୁମ୍ଭ ମନରେ ଥିଲା, ତେବେ ଆମ୍ଭମାନଙ୍କୁ ବିବାହ କରୁଥିଲ କାହିଁକି ? ଦୁଇବର୍ଷ ନ ପୂରୁଣୁ, କୋଳରେ ସନ୍ତାନ ଜାତ ନ ହେଉଣୁ ସଂସାର ତ୍ୟାଗ କରୁଛ କିପରି ? ଆମ୍ଭଙ୍କୁ ଦୁଃଖ ଯାତନାରେ ଭସାଇ ଦେଇ ତୁମ୍ଭେ ଯୋଗୀ ହେବ ବୋଲି ମନରେ ପାଞ୍ଚିଲ କିପରି ? କାହା ପ୍ରରୋଚନା, ହୀନ ବୁଦ୍ଧିରେ ପଡ଼ି ଏପରି କର୍ମ କଲ ଆମ୍ଭଙ୍କୁ କହିଦିଅ । କର୍ଣ୍ଣରୁ ମୁଦୁରା, କାନ୍ଧରୁ ଢାଉକନ୍ଥା ଯୋଡ଼ା, ଯୋଗୀବେଶ ଛାଡ଼ି ଏଇ ମୁହୂର୍ତ୍ତରେ ଆମ୍ଭ ସଙ୍ଗରେ ଆସ । ହେ'ସ୍ୱାମୀ, ଆମ୍ଭେମାନେ ସଭିଏଁ ଷୋଳବୟସୀ । ଦେଖ ଆମ୍ଭମାନଙ୍କର ଭରା ଯୌବନ କିପରି ପ୍ରସ୍ଫୁଟିତ ହୋଇ ତୁମ୍ଭ ଅଙ୍ଗ ଚର୍ଚ୍ଚା ନିମନ୍ତେ ପ୍ରତୀକ୍ଷା କରିଛନ୍ତି ! ଏପରି ବେଳାରେ ତୁମ୍ଭେ କିପରି ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବ ବୋଲି କହିପାରୁଛ ! ଯଦି ଯୋଗୀ ହେବା ତୁମ୍ଭର ଏକାନ୍ତ ଇଚ୍ଛା, ତେବେ ଆମ୍ଭ କୋଳରେ ପୁତ୍ରସନ୍ତାନ ଦେଇ ଯାଅ । ପୁତ୍ର ବଦନକୁ ଚାହିଁ ଆମ୍ଭେ ତୁମ୍ଭ ବଦନକୁ ସ୍ମରଣ କରୁଥିବୁ ।

ରାଣୀମାନଙ୍କର ବାକ୍ୟ ଶ୍ରବଣ କରି ଗୋବିନ୍ଦ ଧୀର କଣ୍ଠରେ କହିଲେ-ହେ'ସତୀ ସାଧ୍ୱୀଗଣ, ତୁମ୍ଭମାନଙ୍କର ମନର ଭାବ ବୁଝିପାରୁଛି । ହେଲେ ସେ ସବୁ ମାୟା ଜଗତର କ୍ଷଣିକ ସୁଖର ଦୁଃଖ ! ଶ୍ରୀହରିଙ୍କ ନାମାଗ୍ନିରେ ପାପ ଶରୀରକୁ ଦହନ କଲେ ଅବଶ୍ୟ ଭବ୍ୟପଥ ମିଳିବ । ମାତ୍ର ନାରୀ ନିଆଁରେ ଏ ଦେହକୁ ଜାଳିବାକୁ ଦେବି ନାହିଁ । ଦେଶାନ୍ତର ହୋଇ ଗ୍ରାମ୍ୟେ ଗ୍ରାମ୍ୟେ ଭିକ୍ଷା ଅନ୍ନରେ ଶରୀର ନିର୍ବାହ କରିବୁ ସିନା ସିଂହାସନକୁ ଆଉ ଫେରିବୁ ନାହିଁ । ଆମ୍ଭମାନଙ୍କ କପାଳରେ ଦଇବ ଯାହା ଲେଖିଛି ତାହା ଏବେ ପ୍ରତିଫଳିତ ହେଉଛି ! ହେ'କାମିନୀଗଣ, ଏବେ ତୁମ୍ଭେ ନବରକୁ ପ୍ରତ୍ୟାବର୍ତ୍ତନ କର । ମାୟାଛାଡ଼ି ପତିଙ୍କ ପଦାଙ୍କନୁସରଣ କରି ରାଜ୍ୟରେ ସତୀସାଧ୍ୱୀ ବୋଲାଅ ! ରାଣୀମାତାଙ୍କ ସେବାରେ ଅବହେଳା କରିବ ନାହିଁ । ସେ ଆମ୍ଭମାନଙ୍କର ହିତାକାଂକ୍ଷୀ ଜନନୀ, ଯାହାଙ୍କର କଲ୍ୟାଣପ୍ରାପ୍ତ ହେଲେ ତୁମ୍ଭ ଦୁଃଖ ରହିବ ନାହିଁ । ହରି ଓଁ ତତଃସତ୍ ।

*ଦୂରଭାଷ-୯୬୭୮୬୩୧୨୫୭*




**ହୃ**ଷି ପୁଣିଥରେ ଖୁସିରେ ବିହ୍ୱଳି ଉଠିଲା। ନିଜ କାନକୁ ବିଶ୍ୱାସ କରିପାରିଲାନି ସହଜରେ। ପାରୋ ପୁଣିଥରେ ଭିତରକୁ ଯିବାକୁ ଇଙ୍ଗିତ ଦେଲା। ଏସବୁ ସ୍ୱପ୍ନ ନା ସତ୍ୟ? ହୃଷି ତାଙ୍କ ପାହାଚ ଉପରକୁ ଉଠୁଉଠୁ ପଚାରିଲା-ମୋ ପ୍ରଶ୍ନର ଉତର ଦେଲୁନି ତ? କିଛି କଥା ଆଡୁଆଳରେ ରହିବା ଉଚିତ୍ ଆଉ କିଛି କଥା ପଦାକୁ ଆସିବାରେ ହିଁ ସାର୍ଥକତା। ମୋତେ ସମସ୍ୟା ସବୁ କହିବାରେ କିଛି ଅସୁବିଧା ନାହିଁ। ସେ ବିଶ୍ୱାସ ରଖିପାରୁ ମୋ ଉପରେ।

କଣ ଆଉ କହିବି! ମୁକ ପାଲଟିଯାଇଛି। ଜୀବନର ସବୁ ଅସହାୟତାଙ୍କୁ ଯଦି ଏବେ ଧରି ବସିଯିବି ତୋ ଆଗରେ ତେବେ ସେ ପାହାଡ ଭିତରେ ମୁଁ ଲୁଚିଯିବି ହୃଷି! ସେ ରୁକ୍ଷ ପାହାଡ ଭିତରୁ ମୋତେ କଣ ତୁ ମୁକାଳି ପାରିବୁ? ଏସବୁ ସତ୍ୱେ ମୋତେ ବଂଚିବାକୁ ଅଛି ମୋ ବାପାଙ୍କ ପାଇଁ ଓ କିଛି ପ୍ରତିଶ୍ରୁତି ପାଇଁ। ତାପରେ ମୁକ୍ତ ହୋଇଯିବି ଏକବାରେ। ସେଯାଏଁ ଏମିତି ଜଳିବାକୁ ହେବ ମୋତେ। ମୁଁ ସ୍ୱୀକାର କରିନେଇଛି ମୋ ଭାଗ୍ୟକୁ। ଏତିକି କହି ଭିତରକୁ ଚାଲିଗଲା ସେ। ହୃଷି କିନ୍ତୁ ଦେଖିସାରିଥିଲା ତା ଲୁହ ଢଳଢଳ ଆଖି ଯୋଡିଙ୍କୁ। ଲାଗୁଥିଲା ଏସବୁ ମିଛ ନଥିଲା। କୋଉଠି ନା କୋଉଠି ଏଇ ଦେବଦାସ ହିଁ ତାର ଦୁଃଖ ହୋଇ ସାରା ଜୀବନ ତାକୁ ଜଳାଇ ଚାଲିଛି। ସେ ଭାବିନେଇଛି ଏଥିରୁ ତାକୁ ମୁକ୍ତି ନାହିଁ ବୋଲି। ଗ୍ରହଣ କରିନେଇଛି ସବୁତକ ବିଷ। କିନ୍ତୁ ଅମୃତ ପ୍ରତିବଦଳରେ? କାହିଁକି? କୋଉ ସୁଖ ପାଇଁ?

ପ୍ରଶ୍ନଟେ ଶଂକିତ କରୁଥିଲା ଗୋଟେ ଗାମ୍ଭୀର୍ଯ୍ୟଭରା ପରିବେଶକୁ-କଣ ତପସ୍ୟା ସାରି ଆସିଲୁ ମନ୍ଦିରରୁ। କଣ ମାଗିଲୁ ଠାକୁରଙ୍କୁ? ଦେବାର ମଙ୍ଗଳ ହେଉ। ସେ ସୁଖରେ ରହୁ। ତୋ ଭାଗର ସୁଖ ବି ତା ଭାଗକୁ ଚାଲିଯାଉ। ଏଇ ସବୁ ନା..? ତୋତେ ଲଜ୍ଜା ନାହିଁ ଅଲାଜୁକୀ,ପୋଡାମୁହିଁ। ତୁ ମଲୁନି କୋଉଠି! ରାସ୍ତାରେ ତୋଠି ଧକ୍କା ହୋଇଯାଉନି ଗାଡି ମଟର। କାଇଁ ତୋତେ ମୋ ହାତରେ ଟେକି ଦେଇ ତୋ ମାଆ ଚାଲିଗଲା ସଂସାରରୁ? ଅମଙ୍ଗଳୀ,ଅଲକ୍ଷଣିକୁ ଯେବେଠୁ ସହିଚାଲିଛି ମୁଁ ସେବେଠୁ ମୁକ୍ତି ନାହିଁ ମୋର। ମୋତେ ରୋଗରେ ଭରିଦେଲୁ। ମାରିଦେଲୁ। ଆ..ଆ ..ମୋ ତଂଟିରେ ଗୋଡ ଦେଇ ଛିଡା ହୋଇଯାଆ। ଆଲୋ ଆସୁନୁ କାଇଁକି ଟୁପୁସିମୁହିଁ? କାଇଁ ନାଟକ କରୁଛୁ? ଛଟା ଗାଳୁଛୁ ଏତେ? ମାରିଦେ ମୋତେ। ତୋ ପାଇଁ ମଙ୍ଗଳ। ତୁ ସ୍ୱାଧୀନ ହୋଇଯିବୁ। ତୋ ମନଇଚ୍ଛା କାମ କରିଯିବୁ ଲୋ ..ଛତରଖାଇ।

କରୁଣ ସ୍ୱରରେ ସେ ଉତର କରୁଥିଲା-ବାପା,ମୁଁ କିଛି ଭୁଲ୍ କରିନି। କିଛି ପାପ କରିନି। ମୋତେ ଏତେ ଘୃଣା କରନି। ଆଉ କିଏ ଅଛି ମୋର ତୁମ ଛଡା? ତାପରେ ଥମିଯାଏ ତା ବାପାର ସ୍ୱର। ଛୋଟ ପିଲା ପରି କାନ୍ଦିଉଠେ ସେ।

ବିକଳ ହୋଇ ପଚାରେ-ତାହେଲେ ମୋ କଥା ମାନୁନୁ କାହିଁକି? କାହିଁକି ବାହା ହୋଇଯାଉନୁ? ଏବେ କହିଲେ ଲମ୍ବା ଧାଡି ଲାଗିଯିବ ମୋ ଘରଦୁଆରେ। ତୁ ଖାଲି ହଁ ମାରି ଦେଖ୍। ମୋ ମାଆଟା ପରା..! ଏ ବୁଢା ବାପଟା କଥା ରଖ୍। ମୋତେ ଜଂଜାଳରୁ ମୁକ୍ତ କରିଦେ'ମାଆ। ଶାନ୍ତିରେ ମରିବାକୁ ଦେ'।

ବାପା..ମଲା ଗଛରେ ପତ୍ର କଅଁଳେନି। ମୁଁ ଆଉ ପାରିବିନି। ମୋତେ କ୍ଷମା କରିଦିଅ। ପାରୁଛ ଯଦି ମାରିଦିଅ। ଶାନ୍ତି ପାଇଯିବ। ତାପରେ ଶୁଭୁଥିଲା ପାହାର.. ବିଧା,ଚାପୁଡାର ସମ୍ମିଳିତ ସ୍ୱର। ହୃଷି ଆଉ ଛିଡା ହୋଇ ରହିପାରିଲାନି। ଧାଇଁଗଲା ଭିତରକୁ। ପାରୋ ତଳେ ପଡି ଛଟପଟ ହେଉଥାଏ। ଅସହ୍ୟ ଯନ୍ତ୍ରଣାରେ ଆକ୍ତାମାକ୍ତା ହୋଇ କାନ୍ଦି ବି ପାରୁନଥାଏ। ତା ଆଖିରେ ସଂସାରଯାକର ବୈକଲ୍ୟ। ଆକୁଳ ହୋଇ ହାତ ଦୁଇଟା ପାତି ଦେଉଥାଏ। ଭୂଇଁରେ ଲୋଟି ପଡିଥାଏ ସେ ଅପରାଧୀଟେ ପରି! ତଥାପି ଅଭିମାନ ନାହିଁ କି ଅସନ୍ତୋଷ ନାହିଁ! କିଭଳି ଝିଅ ଏ? ଏମିତି ଯନ୍ତ୍ରଣା କୋଉ କାଳୁ ସହିଆସୁଛି ମୁଣ୍ଡପାତି। ଅଥଚ ଟିକେ ବି ଅସହାୟତାର ଚିହ୍ନ ନାହିଁ ମୁହଁରେ।

ହୃଷି ଯାଇ ଧରି ପକାଇଲା ତା ବାପାକୁ-ବଡବାପା,ଏ କଣ କରୁଛ? ସେ ତୁମ ଝିଅ ପରା! ତୁମରି ରକ୍ତ ତା ଦେହରେ ପ୍ରବାହିତ। ମୁଣ୍ଡ କଣ ଖରାପ ହୋଇଗଲାଣି ଯେ ତା ଉପରକୁ ହାତ ଉଠାଉଛ ଏତେ ନିର୍ମମ ଭାବେ? ବଢିଲା ଝିଅ ପ୍ରତି ତୁମେ କିପରି ଏତେ ନିଷ୍ଠୁର ହୋଇପାରୁଛ? ସଂସାର ଯାହା କହିଲେ ବି ତୁମେ ପରା ତା ବାପ। ତା ସାହାରା। ନିର୍ଦ୍ଦୟ ହୋଇ ପିଟୁଛ କିପରି ନୃଶଂସ ଭାବେ? ସେ ଯିବ କୁଆଡେ! ମନବ୍ୟଥା କହିବ କାହାକୁ?

ସେ ମୋ ମୁଣ୍ଡ ଖାଇସାରିଲାଣିରେ ହୃଷି। ତୁ ଟିକେ ତାକୁ ବୁଝା। ମୁଁ ଆଉ ପାରୁନି। ଏତିକି କହି ଧୀରେ ଧୀରେ ଶୋଇବା ଘରୁ ଉଠି ବାରଣ୍ଡାକୁ ଆସିଲେ ସେ।

କଣ ଟିକେ କଥା ପାଇଁ ଏତେ ପାଟିତୁଣ୍ଡ? ସବୁ ଠିକ୍ ହୋଇଯିବ ବଡବାପା। ପାରୋ କଣ ଚାହୁଁଛି?

ସାରା ଜନ୍ମ ସେ ଦେବଦାସର ବାଟ ଚାହିଁ ବସିବ। ତା ମାଆକୁ କାଳେ ସେ କଥା ଦେଇଛି ତା ବୋହୂ ହେବ। ହେଲେ ସେ ଅଲପେଇଶାର ଦେଖା ନାହିଁ କି ଖୋଜ୍ ଖବର ବି ନାହିଁ। ଯେ ବାରବର୍ଷ ଭିତରେ ଚିଠି ଖଣ୍ଡେ ଦେଲାନି କି ତା ଖବର ବୁଝିଲାନି ସେ କୁଆଡେ ଆସି ତାକୁ ଗ୍ରହଣ କରିବ। ଏ ନିଜେ ତ ପାଗେଳୀ ହୋଇଗଲାଣି। ତା ସହିତ ମୋତେ ବି..ମାରି ସାରିଲାଣି। ବାରଲୋକେ ବାରକଥା କହୁଛନ୍ତି। କାହାକୁ କଣ କଣ ସବୁ ଉତର କରିବି କହ ମୋତେ।

ପାରୋ ଦୁଆର ବନ୍ଧ ପାଖେ ଦୋଷୀଟେ ପରି ଛିଡା ହୋଇଥିଲା। ଏଣେ ହୃଷି ଭିତରଟା ଭାଙ୍ଗିରୁଜି ଯାଉଥିଲା ପାରୋକୁ ହରାଇବା ଦୁଃଖରେ। ତା ଭିତରେ ବାତ୍ୟା ଓ ବନ୍ୟାର ତାଣ୍ଡବ! ସୁନେଲି ଭବିଷ୍ୟତର ଶ୍ୟାମଳିମା ସବୁ ଉଜୁଡି ଯାଉଥିଲା। ସ୍ୱପ୍ନ,ଆଶା ଓ କଳ୍ପନା ସବୁକିଛି ଆଘାତ ପାଇ ଛିନ୍ଛତ୍ର ହୋଇ ଉଡିବୁଲୁଥିଲେ ଖଣ୍ଡିଆ ଭୂତ ପରି! ପାରୋ ଆଉ ତାର ହୋଇପାରିବନି। ଯେ ଏତେ ବର୍ଷକାଳ ଗୋଟେ ଆଶାରେ ବିତାଇ ଦେଇଛି ତା ମନ କଣ ଏତେ କଂଚା ଥିବ ଯେ ତାକୁ ବିବାହ କରିବାକୁ ରାଜି ହେବ। ହେଲେ ପାରୋର ଦୁଃଖ ତାଠାରୁ ବେଶୀ ଥିଲା। କାନ୍ଦି କାନ୍ଦି ତା ମୁହଁ ଫୁଲି ଯାଇଥିଲା। ତାକୁ କଣ ପଚାରିବ ଭାବୁଭାବୁ ସେ ଚାଲିଯାଉଥିଲା ଚା' କରିବାକୁ। ତା ଅନୁପସ୍ଥିତିରେ ତା ବାପା ଅସହାୟ ସ୍ୱରରେ ପଚାରିଲେ

ଗୋଟେ କଥା ରଖିବୁ ହୃଷି?

କଣ? ଉତ୍ସୁକତାର ସହିତ ପଚାରିଲା ହୃଷି।

ତୁ ତାକୁ ବିବାହ କରିବୁ?

ହେଲେ ପାରୋ...?

ତା କଥା ମୁଁ ବୁଝିବି। ତାକୁ ନିଶା ଇଞ୍ଜେକ୍ସନ୍ ଦେଇ ଅଚେତ କରି ତା ବାହାଘର କରିଦେବି। ନମାନିଲେ ବିଷ ଇଂଜେକ୍ସନ୍ ଦେଇ ତାକୁ ମାରିଦେବି। ରାଗରେ ଦପ୍ ଦପ୍ ହୋଇ ଜଳୁଥିଲା ଆଖି ଦୁଇଟା। ଲାଗୁଥିଲା ପାରୋର ବିବାହ ପାଇଁ ସେ ଯେକୌଣସି ସ୍ତରକୁ ଯାଇପାରିବେ। ହୁଏତ ପାରୋ ଉପରେ ଘୃଣା ଆସିସାରିଥିଲା।

ନା ବଡବାପା ସେମିତି କରନି। ମୁଁ ବରଂ ତାକୁ ବୁଝାଇବାକୁ ଚେଷ୍ଟା କରିବି।

ଆଜିଯାଏଁ କଣ ସେ କାହା କଥା ଶୁଣିଛି ଯେ ତୋ କଥା ଶୁଣିବ!

ତାକୁ ଏତେ ସମୟ ଦେଲଣି। ଆଉ କିଛି ସମୟ ଦିଅ ବଡବାପା। ସେ ଦୋ'ଛକିରେ ଅଟକି ଯାଇଛି।

ନା ସେ ସୁଧୁରିବନି। ମୁଁ ପରା ହାରିଗଲି। ସେତେବେଳକୁ ପାରୋ ଚା କପ୍ ଧରି ଆତତାୟୀଟେ ଭଳି ଛିଡା ହୋଇଥିଲା।

ତୁ ଏଥିରେ ବିଷ ମିଶାଇନୁ ତ? ତା ବାପା ଆଖି ତରାଟି ପଚାରିଲା। ପାରୋ ଆଖିରୁ ଥପ୍ ଥପ୍ ଲୁହ ନିଗିଡି ପଡିଲା। ଅସହାୟତାରେ ଭାଙ୍ଗିପଡୁଥିଲା ସେ।

ମୁଁ ପଛେ ମରିଯିବି, ଏ ପାପ କେମିତି କରିବି,ବାପା! କୋହଭରା କଣ୍ଠରେ କହିଲା ପାରୋ।

ନାଇଁ ତୁ ହାତରେ ନ ମାରି ଭାତରେ ମାରିବୁ ମୋତେ,ନାଇଁ? ରୋଗରେ ପଚେଇ ସଢେଇ ମାରିଦେବୁ। ହଁ ମାରିଦେବୁ ମୋତେ।

ହୃଷି ଚା' ପିଇପାରିଲାନି। ଗୋଟେ ଢୋକ ପିଇ ପଦାକୁ ବାହାରି ଆସିଲା। ପାରୋ ତା ପଛରେ ବାହାରକୁ ଆସୁଥିଲା।

କୋହଭରା କଣ୍ଠରେ ପଚାରିଲା-ଚା' ପିଇଲୁନି ଯେ! ଭଲ ଲାଗିଲାନି କି?

ନା..ଭଲ ଥିଲା। ହେଲେ ମୁଁ ଚା'ପିଏନି। **(କ୍ରମଶଃ...)**

# ଇଚ୍ଛା



ଗିରିଜା ପ୍ରସାଦ ମିଶ୍ର

**ଇ**ଚ୍ଛା ଏକ ମରୁଝର,
ନିଷିଦ୍ଧ ଉପତ୍ୟକାରେ
ଉଇଁଆସୁଥିବା ବିଧବାଜହ୍ନ,
ବିରହିଣୀ ରାତିର ଗଜଲ୍,
ବିଷାଦର ବନ୍ଦିଶ୍‌ରେ ବନ୍ଦ
ବଂଶୀସ୍ୱନ।
ଇଚ୍ଛାର ଘୋଟକ
ବେଗଗାମୀ ରେଳପରି
ଧସେଇଆସେ।
କେବେ, ସମୟର ବାହୁଙ୍ଗାରେ,
ଦୋହଲୁଥିବା ବାୟାବସା,
ବତିଖୁଣ୍ଟରେ
ଲଟ୍‌କିଥିବା ଗୁଡି,
କେବେ ପୁଣି ପବନର ଲୋରି
ଶୁଖିଲାପତ୍ରଙ୍କ ସୁସୁରି।
ଗାଆଁମୁଣ୍ଡ ପୋଖରୀରେ
ଇଚ୍ଛା ଗୋଟେ ନୀଳକଇଁ,
ହାତକୁ ଯେତେ ବଢ଼େଇଲେବି
ଛୁଇଁ ହୁଏନାହିଁ।




କେବେ,
ନିରଞ୍ଜନା କୂଳରେ
ବିଲୁପ୍ତ ଏକ ବୋଧିଦ୍ରୁମ।
ହରିଣୀର ସନ୍ତ୍ରସ୍ତ ଆକ୍ଷିପରି
ଆଶଙ୍କିତ,
କାକୁସ୍ଥ ଜୀବନ।
ଇଚ୍ଛା,
ଏଇମାତ୍ର ରୂପାନ୍ତରିତ
ଏକ ରଙ୍ଗିନ୍ ପ୍ରଜାପତିର
ହଳେ ଚିତ୍ରିତ ଡେଣା।
କେବେ ଶୁଖୁନଥିବା
ମହମହ
ମହୁର ଝରଣା।

# ପାଳଭୂତ



ମନୋଜ କୁମାର ବେହେରା

**କେ**ତେ ବୁଝେଇବି ତତେ!
ତୁ ବି ତ ଜାଣୁ
କୁଟା-କାଠିରେ ଘର ତୋଳି ହୁଏ
ହେଲେ, ଘର-ସଂସାର କ'ଣ କରି ହୁଏ?
ମୁଁ ହାତ ମେଲେଇ
ଠିଆ ହେଇଛି ବୋଲି
ଭାବି ନେଲୁ କି
ମୋର ହୃଦୟଟେ ଅଛି!
ନାଇଁଲୋ ବଣି
ଥରେ ଥଣ୍ଟରେ ଖୁମ୍ପି ଦେଖେ
ରକ୍ତ ଟୋପେ ବି ଝରିବନି ସେଇଠୁ।
ଜନ୍ମରୁ ମୁଁ ଭୂତଟାଏ ଲୋ
ମୋ'ଠି ଏମିତି କ'ଣ ଦେଖିଲୁ କି?
ଭୂତର କ'ଣ କିଛି ଥାଏ!
ଆଖି, କାନ ଯାହା ଦେଖୁଛୁ



ସବୁ ତୋ ଆଖିର ଧୋକା।
ବୁଝୁନୁ କିଆଁ?
ତୋ ପରି ଚଢ଼େଇ ମାନଙ୍କୁ
ଏଠିକୁ ପରା ମନା,
ତୋ ଆଖିରେ ପ୍ରେମ
ଏ ଦୁନିଆ ଆଖିରେ
ଅନୁବାଦ ହେଲା ବେଳକୁ
ବଦଳି ଯାଇଥିବ ପାପରେ।
ସେଥିପାଇଁ କହେ, ଯା..ଉଡି ଯା
ଫେରି ଯା ତୋ ଦୁନିଆଁକୁ ..
ମୋ ଉପରକୁ ଏଠି
ଅନେକ ଆଙ୍ଗୁଠି ଉଠେ
ଭୟ ଲାଗୁଛି!
କାଲି ଯଦି ସେଇ ଆଙ୍ଗୁଠିମାନଙ୍କ ଭିତରୁ
ଗୋଟେ ଘୋଡା ଉପରକୁ ଉଠିଯାଏ?


*କରଡିବନ୍ଧ, ବଡମ୍ବା, କଟକ*
*ମୋ-୯୫୫୬୨୬୮୯୯୩*








**ଅଦିତି ଦାସ**
ଷ୍ଟାଣ୍ଡାର୍ଡ-୪
ବିଜେଇଏମ୍ ସ୍କୁଲ-୨, ଭୁବନେଶ୍ୱର





**ସୁନେନା ବେହୁରା**
ଷ୍ଟାଣ୍ଡାର୍ଡ-୩, କ୍ରିଷ୍ଣା ମୂର୍ତ୍ତି ୱାର୍ଲ୍ଡ ସ୍କୁଲ

# ହସ ଲୁଟିଗଲା




ପ୍ରଶାନ୍ତ କୁମାର ନାଥ

ପପୁ ସବୁବେଳେ ହସ ହସ ମୁହଁ କେତେବେଳେ ତାକୁ କେହି ଦେଖି ନାହାନ୍ତି କେବେ ସିଏ ମନ ଦୁଃଖ କରିବାର । ତାକୁ ଯିଏ ଯାହା ପଚାରିଲେ ବି ସ୍ମିତ ହସଟିଏ ହସି ଦେଇ ତାର ଉତର ଦେଇଥାଏ । ତାର ଏହି ହସ ଦେଖି ତାକୁ ସମସ୍ତେ ଭଲ ପାଆନ୍ତି । ତାକୁ କିଏ ଗାଳି କଲେବି ସିଏ ହସିଦିଏ ଏମିତିକି ଯଦି ତାକୁ କିଏ ମାଡ ମାରେ ତଥାପି ସିଏ ହସି ଦେଇଥାଏ । କେତେବେଳେ କାନ୍ଦିବାର କେହି ଦେଖି ନାହାନ୍ତି ତାକୁ କିନ୍ତୁ ଆଜି କଣ ପାଇଁ ତାର ଆଖିରେ ଲୁହ ।

ତାର ହସ ହସ ମୁହଁ ଦେଖି ସବୁ ଝିଅ ନିଜର ପ୍ରେମ ଜାଲରେ ଫସେଇବାକୁ ଚେଷ୍ଟା କରନ୍ତି । ଏମିତିକି ବହୁତ ଝିଅ ତା ସହିତ ଥଟାମଜ୍ଜା କରନ୍ତି ଆଉ ଅନେକ ମଧ୍ୟ ଜିଦି ମରାମରି ହୁଅନ୍ତି ତା ମନରେ ଦୁଃଖ ଭରିଦେବାକୁ କିନ୍ତୁ କେହିବି ଏଥିରେ ସଫଳ ହୋଇ ପାରନ୍ତିନି ।

ପପୁ ମଧ୍ୟ ଭଲ ପାଠ ପଢୁଥିଲା । ଆଉ ସମସ୍ତଙ୍କ ହୃଦୟ ରାଜ୍ୟରେ ରାଜୁତି କରୁଥିଲା । କିନ୍ତୁ ସିଏ ନିଜେ ଜାଣି ପାରିଲା ନାହି



କେତେବେଳେ କେମିତି ସିଏ ବବିତାର ପ୍ରେମରେ ପଡିଗଲା ।

ପପୁ ପିଲାଟି ବେଳରୁ କବିତା ଲେଖୁଥିଲା ଆଉ ଅନେକ ପତ୍ରପତ୍ରିକା ଖବର କାଗଜ ଗୁଡିକରେ ତାର ଲେଖା ପ୍ରକାଶ ପାଉଥିଲା । ସେଦିନ ମକର ସଂକ୍ରାନ୍ତି ଉପଲକ୍ଷେ ହେଉଥିଲା ଏକ କବି ସମ୍ମିଳନି । ଯେଉଁଠାରେ ତାର ଦେଖା ହୋଇଥିଲା ବବିତା ସହ । ବବିତା ଥିଲା ଏକ କବ୍ୟୟତ୍ରୀ ଆଉ ସେହି କବି ସମ୍ମିଳନୀରେ ବବିତା ଏକ କବିତା ଆବୃତି କରିଥିଲା ଯାହାର ଶୀର୍ଷକ ଥିଲା "ମୋ ସ୍ୱପ୍ନର ରାଜକୁମାର"। କବିତାଟି ସେମିତି ଦମଦାର ଥିଲା । ଆଉ ପପୁ ସେଦିନ ତାର କବିତା "ମୋ ମନ ମଇନା" ପାଠ କରିଥିଲା । ଯାହାକୁ ପାଠକ ମାନେ ବହୁତ ପ୍ରଶଂସା କରିଥିଲେ ଆଉ ଏହି କବିତା ପାଇଁ ମଧ୍ୟ ସିଏ ଶ୍ରେଷ୍ଠ ଯୁବ କବିର ପୁରସ୍କାର ପାଇଥିଲା । ଅନ୍ୟମାନଙ୍କ ପରି ବବିତା ମଧ୍ୟ ସେଦିନ ପପୁକୁ ଜଣାଇ ଥିଲା ସ୍ୱାଗତ । ପପୁ କହିଥିଲା ଆପଣଙ୍କ କବିତା ମଧ୍ୟ ବହୁତ ସୁନ୍ଦର ଥିଲା । ଦୁଇ ଚାରି ପଦ କଥା ପରେ ଦୁହେଁ ଫୋନ୍ ନମ୍ବର ଦିଆନିଆ କରିଥିଲେ । ଆଉ ତାପରେ ଫୋନ୍‌ରେ କଥାବାର୍ତା ହେଉଥିଲେ । ଆଉ ଦୁହେଁ ସାଥି ହୋଇ ଯାଉଥିଲେ ବିଭିନ୍ନ କବି ସମ୍ମିଳନିକୁ । ତା ପରେ ଦୁହିଁଙ୍କ ମଧ୍ୟରେ ଗଢି ଉଠିଥିଲା ବନ୍ଧୁତା । ଆଉ କେତେବେଳେ ସେହି ବନ୍ଧୁତା ପ୍ରେମରେ ପରିବର୍ତନ ହୋଇଗଲା ଦୁହେଁ ଜାଣିପାରିଲେ ନାହିଁ । ଦୁହେଁ ଦୁହିଁକୁ ଏତେ ଭଲ ପାଉଥିଲେଯେ କେହି କାହାରକୁ ଛାଡି ରହି ପାରୁନଥିଲେ । ବବିତାକୁ ପାଇଲା ପରେ ପପୁର ହସ ଦ୍ୱିଗୁଣିତ ହୋଇଗଲା ।

ଏମିତି ହସଖୁସିରେ ସେମାନଙ୍କ ପ୍ରେମ ସମ୍ପର୍କ ଗଢି ଚାଲିଥିବା ବେଳେ ହଠାତ୍ ସେମାନଙ୍କ ଜୀବନକୁ ଏକ ଅଦିନିଆ ଝଡ ମାଡି ଆସିଲା । ହଠାତ୍ ପପୁର ଏକ ଦୁର୍ଘଟଣାରେ ପପୁର ଏକ ଗୋଡ ଭାଙ୍ଗିଗଲା । ଆଉ ତାକୁ ଠିକ୍ ହେବାକୁ କିଛି ଦିନ ସମୟ ଲାଗିଲା । ଆଉ ସେହି ସମୟ ଭିତରେ ସେମାନେ ଠିକ୍‌ରେ କଥାବାର୍ତା ହୋଇ ପାରୁନଥିଲେ । ପପୁର ଗୋଡ ଠିକ୍ ହେଲା ପରେ ପପୁ ଫୋନ୍ କରିଥିଲା ବବିତାକୁ । ଆଉ ବବିତାର ଭାଇ ଫୋନ୍ ରିସିଭ୍ କରି କହିଲା ବବିତାର ବାହାଘର ହୋଇ ସାରିଛି । ଦୟାକରି ଆପଣ ଆଉ କେବେ ଫୋନ୍ କରିବେ ନାହିଁ ।

କେହି ଜାଣିନଥିଲେ ପପୁ ଆଉ ବବିତାର ପ୍ରେମ ସମ୍ପର୍କ ବିଷୟରେ ତେଣୁ କେହି ଜାଣି ପାରିଲେ ନାହିଁ ପପୁର ଦୁଃଖର କାରଣ । ସବୁବେଳେ ହସୁଥିବା ପପୁ ମନରେ ଆଜି କଣ ପାଇଁ ଭରି ଯାଇଛି ଏତେ ଉଦାସ । କଣ ପାଇଁ ପପୁର ଆଖିରେ ଆଜି ଭରି ଯାଇଛି ଲୁହର ଧାର ।

ସତରେ ଆଜି ପପୁର ହସ ଲୁଟିଯାଇଛି ତାର ଆଖି ଲୁହରେ ।

*ସୁନ୍ଦରପୁର,ଉତରକୂଳହାଟ,ପ୍ରୀତିପୁର,ଯାଜପୁର*
*ମୋ-୦୮୮୯୨୩୦୧୧୪୩*

# କବି-ତା ପିତା !



ଅକ୍ଷୟ କୁମାର ସ୍ୱାଇଁ

**କ**ବିତା ଶୁଣୁଛି ଗାଳି
ବହୁଦିନ ହେଲା ...
ସେ କାହିଁକି ଅବୁଝା ହେଲା
ସେ କାହିଁକି ପାଉଁଜି ପିନ୍ଧା ଛାଡ଼ି
ତା'ର ପାଦ କଚାଡିଲା ?

ସେ କାହିଁକି
ସୁର କରି ଗାଇଲାନି ଗୀତ
ସେ କାହିଁକି ଭୁଲିଗଲା କୋଳାହଳ
ଲୋଡିଲା ଏକଲା ମୁହୂର୍ତ୍ତ ?

ସେ କାହିଁକି
ନିଆଁ ସହ ଯୋଡିଲା ନିଜକୁ
ସେ କାହିଁକି ଚନ୍ଦ୍ରକୁ ରୁଟି କରି
ପୁଣି ଭୁଲିଲା ଦୁଃଖକୁ ?



କବିତା ଶୁଣୁଛି ଗାଳି
ବହୁଦିନ ହେଲା ...
କବିର ଭାଗ୍ୟ ବି ଦେଖ
ପୁତ୍ର ସନ୍ତାନଟେ ପରି
ଗପ ନ ତିଆରି
ସେ କାହିଁକି
କବିତାର କନ୍ୟା ସୃଷ୍ଟି କଲା !

*ଇଟିପୁର, ନୂଆଗାଁ, ଭୁବନେଶ୍ୱର*



# ବିଜେଡିରେ ମିଶିଲେ ମୋହନାର ୫୦୦ କଂଗ୍ରେସ ଓ ବିଜେପି କର୍ମୀ



**ଭୁବନେଶ୍ୱର :** ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନେତୃତ୍ୱ ଏବଂ ଜନହିତକର କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ ହୋଇ ଗଜପତି ଜିଲ୍ଲା ମୋହନା ନିର୍ବାଚନ ମଣ୍ଡଳୀର ୧୫ରୁ ଊର୍ଦ୍ଧ୍ୱ ସରପଞ୍ଚ, ୧୦ରୁ ଊର୍ଦ୍ଧ୍ୱ ସମିତି ସଭ୍ୟଙ୍କ ସହ ୫୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ବିଜେପି କର୍ମୀ ଗଜପତି ଜିଲ୍ଲା ସଭାପତି ପ୍ରଦୀପ ନାୟକଙ୍କ ନେତୃତ୍ୱରେ ନବୀନ ନିବାସରେ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ନୂଆଗଡ଼ ବ୍ଲକରୁ କଂଗ୍ରେସର ଉଦୟପୁର ସରପଞ୍ଚ ଚମ୍ପା ରଇତ, ସମିତି ସଭ୍ୟ ରାଜେନ୍ଦ୍ର ଶବର, କେରେଡଙ୍ଗା ସରପଞ୍ଚ ସୁବାଷ ଶବର, ବଡ଼ପଦା ସରପଞ୍ଚ ସୁରେଶ ରଇତ, ଲୁହାଙ୍ଗର ସରପଞ୍ଚ ରବୀନ୍ଦ୍ର ଭୂୟାଁ, ଅନୁଗୁରୁ ସରପଞ୍ଚ ଜାକବ ମାଝୀ, ସମିତି ସଭ୍ୟା ରଞ୍ଜୁ ମାଝୀ, ପୁଟ୍ରାପଡ଼ା ସମିତି ସଭ୍ୟ କୌଶଳ ବଡ଼ରଇତ, ତାଙ୍ଗିଲି ସମିତି ସଭ୍ୟା ମିନତୀ ମଣ୍ଡଳ, ପରିମଳ ସମିତି ସଭ୍ୟ କାହ୍ନୁଚରଣ ନାଏକ, ବିଜେପିର ବ୍ଲକ ସଭାପତି ସୁଦର୍ଶନ ମଣ୍ଡଳ, ସମ୍ବଲପୁର ବିଜେପି ସରପଞ୍ଚ ଜଗନ୍ନାଥ ଗମାଙ୍ଗୋ, ତାଙ୍ଗିଲି ସରପଞ୍ଚ ପ୍ରଭାସିନୀ ଭୂୟାଁ, ଅତାରସିଂ ସମିତି ସଭ୍ୟ ସୁଶାନ୍ତ ରାଉତ, ରାୟଗଡ଼ା ବ୍ଲକରୁ କଂଗ୍ରେସର ତଳମୁଣ୍ଡା ସରପଞ୍ଚ ବନମାଳୀ ଭୂୟାଁ, ଲାଇଲାଇ ସରପଞ୍ଚ ମନୋଜ କୁମାର ଭୂୟାଁ, ପୂର୍ବତନ ଗଜପତି ଜିଲ୍ଲା ବିଜେପି ଉପ-ସଭାପତି ତଥା ଜିଲ୍ଲା ସଂପାଦକ ସୀମା ମହାନ୍ତି, ବିଜେପିର ସରପଞ୍ଚ ପୀତାମ୍ବର ନାୟକ, ପଦ୍ମାବତୀ ଶବର, ସୁମନୀ ଭୂୟାଁ, ଗଙ୍ଗାଧର ଭୂୟାଁ, ସମିତି ସଭ୍ୟ ପ୍ରଦୀପ ମଣ୍ଡଳ, ଆର. ଉଦୟଗିରି ବ୍ଲକରୁ କଂଗ୍ରେସର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ଦାଶ, ଆର. ଉଦୟଗିରି ପଞ୍ଚାୟତ ସଭପତି ନରେନ୍ଦ୍ର ମଣ୍ଡଳ, ପୂର୍ବତନ ସମିତି ସଭ୍ୟ ଜଗନ୍ନାଥ ରଞ୍ଜିତ୍, ସରପଞ୍ଚ କାହ୍ନୁଚରଣ ପୂଜାରୀ, ରୀନା ରାଇକା, ବିଜେପିର ଜିଲ୍ଲା ପରିଷଦ ପ୍ରାର୍ଥୀ ଝାମ୍ପୁରା ରଇତ, ସରପଞ୍ଚ ମଞ୍ଜୁଳା ନାୟକ, ସମିତି ସଭ୍ୟ ନିରଞ୍ଜନ ବେହେରଦଳାଇ, ପୂର୍ବତନ ସରପଞ୍ଚ ତ୍ରିନାଥ ନାୟକ, ଚୈତନ୍ୟ ମଣ୍ଡଳ, ପୂର୍ବତନ ବ୍ଲକ ସଭାପତି ଗୌରହରି ଦଳାଇ, ମୋହନା ବ୍ଲକରୁ କଂଗ୍ରେସ ସରପଞ୍ଚ ସୁକେଶୀ ଶବର, ରମାକାନ୍ତ ରଣସିଂହ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାମ ମାଝୀ, ବରିଷ୍ଠ କଂଗ୍ରେସ ନେତା ଭାସ୍କର ସାହୁ, ସୋମନାଥ ବଳିଆରସିଂହ, ରାମ ବିଶୋୟୀ ପ୍ରମୁଖ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବା ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ କର୍ମୀଙ୍କୁ ମାନ୍ୟବର ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ସ୍ୱାଗତ କରିବା ସହ କହିଥିଲେ ଯେ ଆଜି ମୋହନା ନିର୍ବାଚନ ମଣ୍ଡଳୀର ଉଭୟ କଂଗ୍ରେସ ଓ ବିଜେପିର ଜନପ୍ରତିନିଧିଙ୍କ ସହ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗ ଦେଇଥିବାରୁ ମୁଁ ବହୁତ ଖୁସି। ଏହି ଯୋଗଦାନ ମୋହନା ନିର୍ବାଚନ ମଣ୍ଡଳୀ ସହିତ ଗଜପତି ଜିଲ୍ଲାରେ ବିଜୁ ଜନତା ଦଳର ଶକ୍ତି ବୃଦ୍ଧି କରିବାରେ ସହାୟକ ହେବ। ବିଜେଡିରେ ଯୋଗ ଦେଇଥିବା ନିର୍ବାଚିତ ଜନପ୍ରତିନିଧି ଏବଂ ବରିଷ୍ଠ କର୍ମୀମାନେ କହିଥିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ଆଜି ବିଜୁ ଜନତା ଦଳରେ ଯୋଗ ଦେଇଛୁ। ଆଗକୁ ଦଳ କିପରି ଗଜପତି ଜିଲ୍ଲାରେ ଅଧିକ ଶକ୍ତିଶାଳୀ ହୋଇପାରିବ ସେଥିପାଇଁ ଆମେମାନେ ତୃଣମୂଳ ସ୍ତରରେ ଏକତ୍ରୀତ ହୋଇ କାର୍ଯ୍ୟ କରିବୁ। ନବୀନ ନିବାସ ଠାରେ ଅନୁଷ୍ଠିତ ଏହି ଯୋଗଦାନ ଅବସରରେ ଗଜପତି ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ, ସାଂସଦ ସିଦ୍ଧାନ୍ତ ମହାପାତ୍ର, ବିଧାୟିକା ବାସନ୍ତୀ ମଲ୍ଲିକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ଉପ-ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗୋ, ଜିଲ୍ଲା ପରିଷଦ ଉପ-ସଭାପତି ଆର. ବିଜୟ କୁମାର, ଜିଲ୍ଲା ମହିଳା ବିଜେଡି ସଭାପତି ନର୍ମଦା ଦଳାଇ, ବ୍ଲକ ପର୍ଯ୍ୟବେକ୍ଷକ କୈଳାସ ରଣା, ଉମା ନାଏକ, ପି. ଭିମଡୁ, ସୁରଥ ପ୍ରଧାନଙ୍କ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଦ୍ୟପର ଉନ୍ମତକାଣ୍ଡ

**ମାର୍ଶାଘାଇ :** ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ସନ୍ଧ୍ୟାରେ ଜନୈକ ମଦ୍ୟପର ଉନ୍ମତକାଣ୍ଡକୁ ନେଇ ଡ଼ାକ୍ତର ମାନେ ଥାନାର ଦ୍ୱାରସ୍ଥ ହୋଇ ଆସାମୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁପାଇଁ ଦାବି କରିଥିବା ଜଣାପଡ଼ିଛି।ଘଟଣାରୁ ପ୍ରକାଶ ବୁଧବାର ସନ୍ଧ୍ୟାରେ ମାର୍ଶାଘାଇ ଗ୍ରାମର ସୁର ବେହେରାଙ୍କ ପୁଅ ଉନା ବେହେରା (୨୩) ମାର୍ଶାଘାଇର ଠିପି ଖୋଲା ମଦ ଦୋକାନରୁ ଅତ୍ୟଧିକ ମଦ୍ୟପାନ କରି ମଦ ଦୋକାନୀର କର୍ମଚାରୀ ମାନଙ୍କ ସହ ମାଡ଼ପିଟି କରି କ୍ଷତବିକ୍ଷତ ହୋଇଥିଲା। ଚିକିତ୍ସା ପାଇଁ ମାର୍ଶାଘାଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ଡ୍ରେସର ଙ୍କୁ ଦୁର୍ବ୍ୟହାର କରିଥିଲା। ଡ଼ାକ୍ତର ଆସି ପହଂଚି ବାରୁ ଏକ ଭଙ୍ଗା ମଦ ବୋତଲ ଧରି ସମସ୍ତଙ୍କୁ ମାରି ଗୋଡ଼ାଇଥିଲା। ପରିସ୍ଥିତ ଅଣାୟତ ହେବାରୁ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଆସିବା ବେଳକୁ ଆସାମୀ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଏନେଇ ଗୁରୁବାର ଦିନ ୧୨ ଟା ସମୟରେ ମାର୍ଶାଘାଇ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ମାନେ ଥାନାରେ ପହଂଚି ଆସାମୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଡ଼ାକ୍ତର ଖାନାରେ ଜଣେ ସୁରକ୍ଷା କର୍ମଚାରୀ ନିଯୁକ୍ତ କରିବାକୁ ଦାବି କରିଥିଲେ। ଏହାର ଏକକିତା ନକଲ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଛନ୍ତି ବୋଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଅକ୍ଷୟ କୁମାର ଦାସ ସୂଚନା ଦେଇଛନ୍ତି। ଏବାବଦରେ ମାର୍ଶାଘାଇ ପୋଲିସ ୧୨୮/୧୮ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିବା ସହ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣେ ସୁରକ୍ଷା କର୍ମିଙ୍କୁ ନିଯୁକ୍ତି ଦେଇଥିବା ଥାନା ଅଧିକାରୀ କାଳନ୍ଦି ବେହେରା ପ୍ରକାଶ କରିଛନ୍ତି।

# ଶିବଶକ୍ତି ଟ୍ୟୁଟୋରିଆଲ୍ସ ପକ୍ଷରୁ ବୃକ୍ଷ ରୋପଣ



**କେନ୍ଦ୍ରାପଡ଼ା :** ସ୍ଥାନୀୟ ଅଯୋଧ୍ୟା ନଗର ସ୍ଥିତ ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରର କାକଟ ଲକ୍ ସ୍ଥିତ ଶିବଶକ୍ତି ଟ୍ୟୁଟୋରିଆଲ୍ସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧକ୍ଷ ଅରୁଣ କୁମାର ସାହୁ ପରିଚାଳନା କରିଥିବା ବେଳେ ଏଥିରେ ଯୋଗ ଦେଇଥିଲେ ଶକ୍ଷୟତ୍ରୀ ତଥା ସାହିତ୍ୟିକା ଅନସୂୟା ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ, ସ୍ୱେଚ୍ଛାସେବୀ କିଶୋର କୁମାର ସାହୁ, ନିଳୟକାନ୍ତ ନାୟକ, ଅନନ୍ତ ଗୋପାଳ ସାହୁ, ଭାସ୍କର ବେହେରା, ଅଞ୍ଜନା ସାହୁ, ପୁଣ୍ୟଉତ୍କଳ ମହିଳା ମହାସଂଘର ସଭାନେତ୍ରୀ ସସ୍ମିତା ସାହୁ, ସଂପାଦିକା ଅନୁପମା ସାହୁ, କୋଷାଧକ୍ଷା ବ୍ରଜେଶ୍ୱରୀ ସାହୁ ପ୍ରମୁଖ। ଏହି ଅବସରରେ ଟ୍ୟୁଟୋରିଆଲ୍ସର ଛାତ୍ରଛାତ୍ରୀ ଓ ଉକ୍ତ ଦୃଷ୍ଟିହୀନ ବିଦ୍ୟାଳୟ ଏବଂ କଜଳା ସ୍ଥିତ ମୂକ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଭାବ ବିନିମୟର ଆସର ଘଟିଥିଲା। ଉକ୍ତ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ ସ୍ୱେଚ୍ଛାସେବୀ ସନ୍ତୋଷ କୁମାର ବସନ୍ତ ରାଏ ଓ ଟ୍ୟୁଟୋରିଆଲ୍ସର କର୍ମକର୍ତ୍ତା ସୁମିତ୍ରା ସିଂ, ପ୍ରିୟଙ୍କା ଜେନା, ଭାଗ୍ୟଶ୍ରୀ ପରିଡ଼ା ଓ ଅଙ୍କିତା ଦାସ ପ୍ରମୁଖ।

# ରାଇଡ୍ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଜୋତା ବଣ୍ଟନ



**କେନ୍ଦ୍ରାପଡ଼ା :** ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁକୁ ଗୁରୁତ୍ୱ ଦେବା ସହ ଶିଶୁଙ୍କ ସୁରକ୍ଷା ଏବଂ ସ୍କୁଲ ଶିକ୍ଷକ ଓ ଶିଶୁଙ୍କ ଅଭିଭାବଙ୍କ ମଧ୍ୟରେ ସୁସମ୍ପର୍କ ତଥା ଉତ୍ତମ ବୁଝାମଣାକୁ ନେଇ 'ସ୍କୁଲ ଟୁ ସ୍କୁଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାଜଗଡ଼ ଗ୍ରାମ ସ୍ଥିତ ରାଜଗଡ଼ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ରାଇଡ୍' ପକ୍ଷରୁ ଆୟୋଜିତ ହୋଇଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସରପଞ୍ଚ ପଦ୍ମନାଭ ପ୍ରତିହାରୀ। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟନାରାୟଣ ମିଶ୍ର ଯୋଗଦେଇଥିବା ବେଳେ ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ୍‌ର ଆର୍ଥିକ ଋଣ ପରାମର୍ଶଦାତା ବାମଦେବ ସାହୁ, ଜିଲ୍ଲା କୃଷି ବିଜ୍ଞାନକେନ୍ଦ୍ରର ବୈଜ୍ଞାନିକ ନମିତା ମହାପାତ୍ର, ସ୍କୁଲର ଚେୟାରମ୍ୟାନ୍ ବାସୁଦେବ ରାଉତ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟକାନ୍ତ ରାଉତ, ସ୍ୱେଚ୍ଛାସେବୀ ତଥା ସାମ୍ବାଦିକ ଅନ୍ତଗୋପାଳ ସାହୁ ଓ ବସନ୍ତ ଦାସ ପ୍ରମୁଖ ଯୋଗଦେଇ ଶିଶୁଙ୍କୁ ଶିକ୍ଷା ଓ ଭବିଷ୍ୟତ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରକଳା, ଝୋଟି ଓ ଗୀତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥି ମାନଙ୍କଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବାସହ ଉପସ୍ଥିତ ୧୩୨ଜଣ ଛାତ୍ରଛାତ୍ରୀଙ୍କୁ ଯୋତା ପ୍ରଦାନ କରାଯାଇଥିଲା। ରାଇଡ୍ ର ସଂପାଦକ କିଶୋର କୁମାର ସାହୁଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଦାସ ଓ ରାଜଗଡ଼ର ବ୍ୟାଙ୍କ ମିତ୍ର ହରପ୍ରିୟା ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହେବାସହ ଶିଶୁଙ୍କ ଉନ୍ନତି ଏବଂ ସ୍ୱଚ୍ଛ ପରିବେଶ ନିମନ୍ତେ ଶିଶୁଙ୍କ ମା' ମାନେ ସ୍କୁଲ୍‌ର ଚତୁର୍ପାଶ ସଫେଇ କରିଥିଲେ।

# ଜିଲ୍ଲାପାଳଙ୍କ ଜନଶୁଣାଣି : ୨୧୮ ଅଭିଯୋଗର ସମାଧାନ

**ଜଗତସିଂହପୁର, (ସୁଶାନ୍ତ ରାଉତ) :** ଜଗତ୍‌ସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍‌ରେ ଆଜି ଜଗତ୍‌ସିଂହପୁର ଜିଲ୍ଲାପାଳ ଯାମିନୀ ଷଡଙ୍ଗୀ ଜନଶୁଣାଣି କରିଥିଲେ। ଏହି ଜନଶୁଣାଣି ଶିବିରରେ ୨୭୦ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୧୮ଟି ଅଭିଯୋଗର ଜିଲ୍ଲାପାଳ ସମାଧାନ କରିଥିଲେ। ଅବଶିଷ୍ଟ ୫୨ଟି ଅଭିଯୋଗକୁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ଶ୍ରୀମତୀ ଷଡଙ୍ଗୀ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଶ୍ରୀମତୀ ଷଡଙ୍ଗୀ ତରିକୁନ୍ଦଠାରେ ବ୍ରଜପାତରେ ମୃତ୍ୟୁ ବରଣ କରିଥିବା ତା'ର ପୁଅକୁ ୨୦୦୦ଟଙ୍କା ରେଡ୍‌କ୍ରସ୍ ପାଣ୍ଠିରୁ ପ୍ରଦାନ କରିଥିଲେ। ଏହାଛଡା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ତିନୋଟି ଅଭିଯୋଗ ଆସିଥିଲା। ଗ୍ରାମର ବିଭିନ୍ନ ସମସ୍ୟା ନେଇ ୧୬ଟି ଅଭିଯୋଗ ଆସିଥିଲା। ରଘୁନାଥପୁର ବ୍ଲକ୍‌ର ୯ଜଣ ସମିତି ସଭ୍ୟ ଓ ସରପଞ୍ଚ ରଘୁନାଥପୁର ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତଦନ୍ତରେ ବ୍ୟାପକ ଅନିୟମିତତା ସମ୍ପର୍କରେ ଅଭିଯୋଗ କରିଥିଲେ। ସେମାନେ ହେଲେ ସରପଞ୍ଚ ସବିତା ମହାନ୍ତି, ଶେଷଦେବ ସେଠୀ, କବିତା ନାୟକ, ଜ୍ୟୋର୍ତିମୟୀ ଜେନା, ସରୋଜ କୁମାର ଦାସ, ଅଭିମନ୍ୟୁ ନାୟକ, ପ୍ରମୋଦ କୁମାର ଜେନା , ସମିତି ସଭ୍ୟ ସଞ୍ଜୟ ସ୍ୱାଇଁ, ମେହେବୁବ୍ ବେଗ୍ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। କରିମୂଳ ଗ୍ରାମର ଭିନ୍ନ କ୍ଷମ ଶିବପ୍ରସାଦ ନାୟକଙ୍କୁ ଜିଲ୍ଲାପାଳ ଏକ ତିନିଚକିଆ ଗାଡି ପ୍ରଦାନ କରିଥିଲେ। ପୁରୁଣାବସନ୍ତ ଅଙ୍ଗନଓ୍ୱାଡି କେନ୍ଦ୍ର ଏବଂ ଧନାଖଳା ନିର୍ମାଣ ପାଇଁ ଅଭିଯୋଗ ହୋଇଥିଲା। ପୁରଣ ଓଡ଼ପଡା ଗ୍ରାମ ପଞ୍ଚାୟତର ଶାନ୍ତି ସିଂ, ଶ୍ୟାମ ସିଂ ଏବଂ ଶାଳିଜଙ୍ଗା ଗ୍ରାମର ଧୋବଣୀ ଦେଇ, ହେମଲତା ମଲ୍ଲିକ୍ ଏବଂ ଚିକିଣିଆ ଗ୍ରାମର ଶରତୀ ମଲ୍ଲିକ୍ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପ୍ରକୋଷ୍ଠରେ ଉତ୍ତରକୂଳ ଗ୍ରାମର ଲତା ଦାସ ତାଙ୍କ ସ୍ୱାମୀ ମରିବାର ଏକବର୍ଷ ପରେ ମଧ୍ୟ ପରିବାର କଲ୍ୟାଣ ଯୋଜନା ଅର୍ଥ ପାଇଁ ଦରଖାସ୍ତ କରିଥିଲେ। କୋଟକଣା ଗ୍ରାମର ଉର୍ବଶୀ ଦାସ ଓ ଧରାଧରପୁର ଗ୍ରାମର ରମା ଦେଇ ପାଇଖାନା ପାଇଁ ଦରଖାସ୍ତ କରିଥିଲେ। ଏହି ଅଭିଯୋଗ ଶିବିରରେ ଜଗତ୍‌ସିଂହପୁର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ୍ ଦାସ, ଜଗତ୍‌ସିଂହପୁର ଆରକ୍ଷୀ ଅଧିକ୍ଷକ ଆର୍.ପ୍ରକାଶ, ଏସ୍.ଡି.ପି.ଓ ଶିବ ଚରଣ ମଲ୍ଲିକ୍, ବିଡିଓ ପଞ୍ଚାନନ ପଟ୍ଟାୟତ, ଅତିରିକ୍ତ ତହସିଲଦାର ମାନସ କୁମାର ତ୍ରିପାଠୀ ଏବଂ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇ ଲୋକମାନଙ୍କର ଅଭିଯୋଗକୁ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ର ଓ ଆନ୍ଧ୍ରକୁ ...

ସେହିପରି ତେଲେଙ୍ଗାନା ସରକାର ଏହି ପ୍ରକଳ୍ପର ବିସ୍ତୃତ ସର୍ବେକ୍ଷଣ ଦାବିରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ଏକ ମାମଲା ଦାଏର କରିଛନ୍ତି। ଗତ ଜୁନ ମାସରେ ପୋଲାଭରମ ପ୍ରକଳ୍ପର ପରିବେଶ ମଞ୍ଜୁରୀ ନେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପତ୍ତି ଉଠାଇଥିଲେ। ସେ ଏ ସଂପର୍କରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କୁ ଏକ ଚିଠି ଲେଖିଥିଲେ। ସେହିପରି ପୋଲାଭରମ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରଖିବା ସଂପର୍କୀତ ନିଷ୍ପତ୍ତିକୁ କେନ୍ଦ୍ର ସରକାର ମଝିରେ ମଝିରେ ସ୍ଥଗିତ ରଖୁଥିବା ନେଇ ଓଡ଼ିଶା ସରକାରଙ୍କୁ କିଛି ସୂଚନା ଦିଆଯାଉ ନଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାହା ଉପରେ ମଧ୍ୟ ଆପତ୍ତି ଉଠାଇଥିଲେ। ଗତ ଜୁଲାଇ ୧୧ ତାରିଖରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ନିଷ୍ପତ୍ତିକୁ ଆଉ ବର୍ଷେ ଯାଏଁ କାର୍ଯ୍ୟକାରୀ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ସରକାର ଏହି ପ୍ରକଳ୍ପକୁ ବିରୋଧ କରିବାର ମୂଳ କାରଣ ହେଲା ଏନେଇ ଓଡ଼ିଶାର ସହମତି ନିଆଯାଇ ନାହିଁ। ପ୍ରକଳ୍ପ ଯୋଗୁଁ ଓଡ଼ିଶାର ମାଲକାନଗିରି ଜିଲ୍ଲାର କେତେକ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ଥିଲେ ବି ସେନେଇ କୌଣସି ସର୍ବେକ୍ଷଣ କରାଯାଇ ନାହିଁ। ଓଡ଼ିଶା ସରକାରଙ୍କୁ ନଜଣାଇ ପୋଲାଭରମ ପ୍ରକଳ୍ପ ବନ୍ଧର ଉଚ୍ଚତା ମଧ୍ୟ ବୃଦ୍ଧି କରାଯାଇଛି। ଛତିଶଗଡ଼ ସରକାର ମଧ୍ୟ ପୋଲାଭରମ ପ୍ରକଳ୍ପକୁ ବିରୋଧ କରୁଛନ୍ତି। ଏହା ସତ୍ତ୍ୱେ କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ଜାତୀୟ ପ୍ରକଳ୍ପର ମାନ୍ୟତା ପ୍ରଦାନ କରିଛନ୍ତି ଓ ପ୍ରକଳ୍ପର ସମସ୍ତ ବ୍ୟୟଭାର ବହନ କରୁଛନ୍ତି।

### ତଟ ସୁରକ୍ଷା ପାଇଁ ...

ଉପରେ ନଜର୍ ରଖିବାକୁ ରାଜ୍ୟରେ ଏବେ ୧୮ଟି ସାମୁଦ୍ରିକ ଥାନା ଓ ସମୁଦ୍ରରେ ପାଟ୍ରୋଲିଂ କରିବାକୁ ୧୫ଟି ବୋଟ ରହିଛି। ଏହା ସତ୍ତ୍ୱେ ବେସରକାରୀ ଭାବେ ରାଜ୍ୟରେ ୨୦ ଲକ୍ଷରୁ ଅଧିକ ବାଂଲାଦେଶୀ ନାଗରିକ ବେଆଇନ୍ ଭାବେ ବସବାସ କରୁଛନ୍ତି। ପୂର୍ବରୁ ଓଡ଼ିଶାରେ ବାସବାସ କରୁଥିବା ବାଂଲାଦେଶୀଙ୍କ ସହାୟତାରେ ଆସାମରୁ ବିତାଡ଼ିତ ବାଂଲାଦେଶୀ ଅନୁପ୍ରବେଶ କରି ପାରନ୍ତି ବୋଲି ମଧ୍ୟ ଗୁଇନ୍ଦା ବିଭାଗ ସୂଚନା ଦେବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଆସାମରୁ ବିଡ଼ାଡ଼ିତ ହେବା ପରେ ସେମାନେ ଓଡ଼ିଶା ଆସିବାର ବହୁ ସମ୍ଭାବନା ରହିଛି। ସୀମାରେ ସୁରକ୍ଷା ବ୍ୟବସ୍ଥା ଏବେ ବି ମୁକୁଳା ପଡ଼ିଛି ବୋଲି ନିକଟରେ ଅଭିଯୋଗ ଆଣିଥିଲେ ସୂଚନା ଅଧିକାରୀ କର୍ମୀ। ଏ ସମ୍ପର୍କରେ ବାଲେଶ୍ୱର ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ କହିଛନ୍ତି ଯେ ଉପକୂଳରେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସେମାନଙ୍କୁ ଚିହ୍ନଟ କରିବା ସହଜସାଧ୍ୟ ନୁହେଁ। ବାଲେଶ୍ୱର, ଗଞ୍ଜାମ, କେନ୍ଦ୍ରାପଡ଼ାରେ ସର୍ବାଧିକ ବାଂଲାଦେଶୀ ରହିଛନ୍ତି ବୋଲି ସରକାରୀ ଭାବେ କୁହାଯିବା ପରେ ରାଜ୍ୟରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ବାଲେଶ୍ୱରର ବାସିନ୍ଦା ହେରମ୍ବ ନାରାୟଣ କହିଛନ୍ତି ଯେ କେବଳ ବାଲେଶ୍ୱର ଜିଲ୍ଲାରେ ବାଂଲାଦେଶୀ ଶରଣାର୍ଥୀଙ୍କ ସଂଖ୍ୟା ୨ ଲକ୍ଷରୁ ଅଧିକ ହେବ। ଜିଲ୍ଲା ପ୍ରଶାସନ ବର୍ଷେ ତଳେ ସ୍ୱତନ୍ତ୍ର ଭାବେ ଅଭିଯାନ କରିଥିଲେ ମଧ୍ୟ ଏମାନଙ୍କ ସଠିକ ସଂଖ୍ୟା ନିର୍ଦ୍ଧାରଣ କରିପାରିନଥିଲେ।

### ସପକ୍ଷରେ ...

ପ୍ରାମାଣିକ ତଥ୍ୟ ଦିଅନ୍ତି, ତାହାହେଲେ ସେମାନଙ୍କୁ ଏହି ସୁବିଧା ମିଳିବ ବୋଲି କୋର୍ଟ କହିଥିଲେ। ପଦୋନ୍ନତିରେ ସଂରକ୍ଷଣ ପ୍ରସଙ୍ଗରେ ସୁପ୍ରିମକୋର୍ଟ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ, ଅନୁସୂଚିତ ଜାତି-ଜନଜାତି ସଂରକ୍ଷଣକୁ ନେଇ ୧୨ ବର୍ଷର ପୁରୁଣା ରାୟକୁ ସମୀକ୍ଷା କରିବାର ଆବଶ୍ୟକତା କ'ଣ? ଏହା ଉପରେ ଆଟର୍ଣ୍ଣି ଜେନେରାଲ ବେନୁଗୋପାଲ କହିଲେ, ଏହି ବର୍ଗଙ୍କୁ ପଦୋନ୍ନତିରେ ସଂରକ୍ଷଣ ସୁବିଧା ଦିଆଯିବା ଯଥାର୍ଥ କି ନୁହେଁ, ଏ ସମ୍ପର୍କରେ ସେ ମନ୍ତବ୍ୟ ଦେବାକୁ ଚାହାଁନ୍ତି ନାହିଁ। କିନ୍ତୁ ଏହି ବର୍ଗ ଉପରେ ଆଜି ବି ଅତ୍ୟାଚାର ହେଉଛି। କୋର୍ଟ ଗତ ଜୁନ୍‌ରେ ଦର୍ଶାଇଥିଲେ ଯେ, ଏହି ପ୍ରସଙ୍ଗରେ ସାମ୍ବିଧାନିକ ବେଞ୍ଚ୍‌ର ଫୈସଲା ଆସିବା ପର୍ଯ୍ୟନ୍ତ ପଦୋନ୍ନତିରେ ସଂରକ୍ଷଣ ଜାରି ରହିବ। ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ଦର୍ଶାଯାଇ ଥିଲା ଯେ ସରକାରୀ ଚାକିରିରେ ପଦୋନ୍ନତିରେ ୨୦୦୬ରେ ଏମ୍ ନାଗରାଜ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଫୈସଲା ଲାଗୁ କରାଯାଇ ପାରେ। ଏହି ଫୈସଲାରେ କୁହାଯାଇଥିଲା, ସରକାରୀ ଚାକିରିରେ ଅନୁସୂଚିତ ଜାତି-ଜନଜାତି କର୍ମଚାରୀଙ୍କୁ ପଦୋନ୍ନତି ଦେବାରେ କ୍ରିମିଲେୟର୍ ନିୟମ ଲାଗୁ ହେବ ନାହିଁ। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠକୁ ଆଟର୍ଣ୍ଣି ଜେନେରାଲ ବେନୁଗୋପାଲ ଏହା ଜଣାଇଛନ୍ତି। ଏହି ଖଣ୍ଡପୀଠ ୨୦୦୬ ରାୟ ବିରୋଧରେ ଆଗତ ଏକାଧିକ ଆବେଦନର ବିଚାର କରୁଛନ୍ତି। ପ୍ରାରମ୍ଭରେ ଖଣ୍ଡପୀଠ ଏହାର ଶୁଣାଣି ଜାରି ରଖିବେ କି ନାହିଁ କିମ୍ବା ଏହାକୁ ୭ ଜଣିଆ ବୃହତ୍ତର ଖଣ୍ଡପୀଠକୁ ଶୁଣାଣି ପାଇଁ ପଠାଇବେ, ତାହା ସ୍ଥିର କରିବେ। ବୃହତ୍ତର ବେଞ୍ଚ୍‌ରେ ଏହାର ବିଚାର ହେଉ ବୋଲି କେନ୍ଦ୍ର ସରକାର ଚାହାନ୍ତି। ସଂରକ୍ଷଣ ବିରୋଧୀ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାଜୀବ ଧାବନ କହିଥିଲେ, ଅନୁସୂଚିତ ଜାତି-ଜନଜାତିଙ୍କ ପାଇଁ ପଦୋନ୍ନତିରେ ସଂରକ୍ଷଣ ସମାନତା ନେଇ ମୌଳିକ ଅଧିକାରର ଉଲ୍ଲଂଘନ କରୁଛି। ଏହା ଦ୍ୱାରା ବହୁ ଯୋଗ୍ୟ ବ୍ୟକ୍ତି ସଂରକ୍ଷଣରୁ ବଞ୍ଚିତ ହେଉଛନ୍ତି। ଇତିମଧ୍ୟରେ ଅନୁସୂଚିତ ଜାତି-ଜନଜାତି ଆଇନ ଉପରେ ଲୋକସଭାରେ ବିଲ୍ ଆଗତ ହୋଇଛି। ସରକାର ଏହାରି ଜରିଆରେ ଅନୁସୂଚିତ ଜାତି-ଜନଜାତି ଆଇନର ମୂଳ ବ୍ୟବସ୍ଥାକୁ ପୁନର୍ବାହାଲ କରିବା ପାଇଁ ଚାହୁଁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ସୁପ୍ରିମକୋର୍ଟ ଏଥିରେ ପରିବର୍ତ୍ତନ ଆଣିବାରୁ ସରକାର ଏଥିନେଇ ଅଧ୍ୟାଦେଶ ଜାରି କରିବା ପରେ ସଂସଦରେ ବିଲ୍ ଆଗତ କରିବାକୁ କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଥିଲା।

### 'ଡୋକଲାମ ବିବାଦ ...

ୟୁହାନ୍ ସମ୍ମିଳନୀ ଦୁଇ ରାଷ୍ଟ୍ରର ପ୍ରତିନିଧିଙ୍କ ପାଇଁ ସକାରାତ୍ମକ ଥିଲା। ଆଲୋଚନା ଅନୁସାରେ ଚୀନ ପ୍ରତିରକ୍ଷା ମନ୍ତ୍ରୀ ଭାରତର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରି ସାମରିକ ସହଯୋଗ ପ୍ରତି ଦୃଷ୍ଟି ଦେବେ। ଉଭୟ ଦେଶର ଲୋକମାନେ ପରସ୍ପର ଭାବ ଆଦାନ ପ୍ରଦାନ କରିବାକୁ ସୁଯୋଗ ପାଇଲେ, ପରସ୍ପର ପ୍ରତି ଆନ୍ତରିକତା ବୃଦ୍ଧି ପାଇବ। ଦ୍ୱେଷ ଭାବ ଦୂର ହୋଇପାରିଲେ, ଶାନ୍ତି ସହାବସ୍ଥାନ କରିବ। ସୂଚନା ଅନୁସାରେ ଡୋକଲାମରେ ଚୀନ ରାସ୍ତା ତିଆରି କରୁଥିବାବେଳେ ଭାରତୀୟ ସେନା ପ୍ରତିବାଦ କରିଥିଲା। ଏଥିରେ ଉଭୟ ଦେଶର ସେନା ମୁହାଁମୁହିଁ ପରିସ୍ଥିତିରେ ଥିଲେ। ସିକିମରେ ଡୋକଲାମରେ ପ୍ରାୟ ୫୦ ଦିନ ଧରି ଉଭୟ ଦେଶରେ ସେନା ମୁହାଁମୁହିଁ ଠିଆ ହେବାପରେ ସ୍ଥିତି ଖରାପ ଆଡ଼କୁ ଗତି କରିଥିଲା। ଚୀନ ନିଜ ସୀମା ଭିତରେ ରାସ୍ତା ତିଆରି କରୁଥିବା ଯୁକ୍ତିକୁ ଭାରତ ଖଣ୍ଡନ କରିଥିଲା। ପରେ ସୁଷମା ସ୍ୱଷ୍ଟ କରିଥିଲେ ଯେ ଚୀନ ଓ ଭୁଟ୍ଟାନ ସୀମା ବିବାଦ ଭିତରେ ଭାରତ ଫସିଯାଇଛି। ତିନିଦେଶର ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିଲେ ବିବାଦର ସରଳ ସମାଧାନ ହୋଇପାରିବ।

### ୪୩ ହଜାର କୋଟି ...

ଦେବାକୁ ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯିବ। ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଓଡ଼ିଶାରେ ଯଥେଷ୍ଟ ସୁଯୋଗ ରହିଛି। ପୁଞ୍ଜିନିବେଶ ଓ ପ୍ରକଳ୍ପ କାର୍ଯ୍ୟକାରିତାରେ ଓଡ଼ିଶା କ୍ରମାଗତ ଭାବେ ଦେଶର ଶ୍ରେଷ୍ଠ ୩ଟି ରାଜ୍ୟ ମଧ୍ୟରେ ରହିଆସିଛି। ରାଜ୍ୟର ଶିଳ୍ପବିକାଶ ଯୋଜନା-୨୦୨୫ ଅନୁଯାୟୀ ୬ଟି ପ୍ରମୁଖ ଫୋକସ୍ କ୍ଷେତ୍ର ମଧ୍ୟରେ କେମିକାଲ ଓ ପେଟ୍ରୋକେମିକାଲ୍ କ୍ଷେତ୍ର ସ୍ଥାନିତ ହୋଇଛି। ଏହି କ୍ଷେତ୍ରରେ ବିକାଶ ପାଇଁ ଏକ ଉତ୍ତମ ବ୍ୟବସାୟିକ ପରିବେଶ, ଭିତ୍ତିଭୂମି ଓ ସୁଦକ୍ଷ ମାନବ ସମ୍ବଳ ଯୋଗାଇ ଦେବା ହେଉଛି ରାଜ୍ୟର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଗାମୀ ଦିନରେ ଓଡ଼ିଶା ଓ ତାଇଓ୍ୱାନ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବ୍ୟବସାୟିକ ସହଯୋଗ ବୃଦ୍ଧି ପାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ। କମ୍ପାନୀର ସଭାପତି ଶ୍ରୀ ଲି ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଶିଳ୍ପ ବିଭାଗର ପ୍ରମୁଖ ସଚିବ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ସିପିସି କର୍ପୋରେସନ୍‌ର ଅଧ୍ୟକ୍ଷ ଶ୍ରୀ ଲିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ନୂଆଦିଲ୍ଲୀରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଆଲୋଚନା କରିଥିଲେ। ପେଟ୍ରୋଲରୁ ବାହାରୁଥିବା ଉଦବୃତ୍ତ ପଦାର୍ଥରୁ ଏହି ଜାତୀୟ ଶିଳ୍ପ ପ୍ରତିଷ୍ଠା ନେଇ ତାଇଓ୍ୱାନ୍ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଗତକାଲି ଏହି ପ୍ରତିନିଧି ଦଳ ପାରାଦୀପ ଗସ୍ତ କରି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

### ହେବନାହିଁ...

ପର୍ଯ୍ୟନ୍ତ ଚାଲିବ ବୋଲି ସେ କହିଛନ୍ତି। ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୁରେନ୍ଦ୍ର କୁମାର କହିଥିଲେ ଯେ ଆସନ୍ତା ୨୦୧୯ ଜାନୁଆରୀ ୪ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଭୋଟର ତାଲିକା ପ୍ରକାଶ ପରେ ନିର୍ବାଚନ ଦିନ ଧାର୍ଯ୍ୟ ହେବ। ତେବେ ଭୋଟର ତାଲିକା କିଭଳି ତ୍ରୁଟିଶୂନ୍ୟ ହେବ ଏବଂ କୌଣସି ଭୋଟର ଯେଭଳି ବାଦ୍ ନ ପଡ଼ିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ। ତେବେ ଯେଉଁମାନଙ୍କ ବୟସ ୨୦୧୯ ଜାନୁଆରୀ ସୁଦ୍ଧା ୧୮ ବର୍ଷ ହୋଇଥିବ ସେମାନେ ନିଜ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରିପାରିବେ। ଯେହେତୁ ଜାନୁଆରୀ ୪ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବାକୁ ଧାର୍ଯ୍ୟ ରଖାଯାଇଛି, ସେ ଦୃଷ୍ଟିରୁ ୨୦୧୮ରେ ସାଧାରଣ ନିର୍ବାଚନ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ସୁରେନ୍ଦ୍ର କୁମାର ସ୍ପଷ୍ଟ କରିଛନ୍ତି। ପ୍ରଥମଥର ପାଇଁ ରାଜ୍ୟରେ ଭୋଟ ଗ୍ରହଣ ବେଳେ ଭିଭିପ୍ୟାଟ୍ ମେସିନ୍ ବ୍ୟବହାର ହେବ। ଏହା ଭାରତ ନିର୍ବାଚନ ଆୟୋଗ ସ୍ଥିର କରିଛନ୍ତି। ଭୋଟରଙ୍କ ବିଶ୍ୱାସ ବୃଦ୍ଧି ପାଇଁ ରାଜ୍ୟର ସବୁ ବୁଥ୍‌ରେ ଭିଭିପ୍ୟାଟ୍ ବ୍ୟବହାର କରାଯିବ, ଫଳରେ ଜଣେ ଭୋଟର କାହାକୁ ଭୋଟ୍ ଦେଇଛନ୍ତି ତାହା ସେ ନିଜେ ଜାଣିପାରିବେ। ତେବେ ଏହି ଭିଭିପ୍ୟାଟ୍ ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ କାର୍ଯ୍ୟକ୍ରମ କରାଯିବା ଉପରେ ସୁରେନ୍ଦ୍ର କୁମାର ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ଗତ ଭୋଟର ତାଲିକା ସଂଶୋଧନ ବେଳେ ୩ କୋଟି ୧୨ ଲକ୍ଷ ୫୭ ହଜାର ୮୦୩ ଜଣ ମତଦାତା ଥିଲେ। ମତଦାନ କେନ୍ଦ୍ର ସଂଖ୍ୟା ୩୫ ହଜାର ୮୯୬ ଥିଲା। ମତଦାନ କେନ୍ଦ୍ର ସମୀକରଣ ମାଧ୍ୟମରେ ମତଦାତାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଆଉ ୧୮ ଶହରୁ ୨ ହଜାରଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନର ଏକଥା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଆଗାମୀ ନିର୍ବାଚନରେ ଗଣମାଧ୍ୟମ ଚାହିଁଲେ ଭୋଟ ଗଣତିର ସିଧାସଳଖ ପ୍ରସାରଣ କରିପାରିବେ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିଭଳି ଭୋଟର ତାଲିକାରେ ଯୁବଗୋଷ୍ଠୀଙ୍କୁ ଅନ୍ତର୍ଭୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଯେହେତୁ ଭାରତ ନିର୍ବାଚନ ଆୟୋଗ ଚଳିତବର୍ଷକୁ 'ସୁଗମ ମତଦାନ ବର୍ଷ' ରୂପେ ଘୋଷଣା କରିଛନ୍ତି ଏହି କାର୍ଯ୍ୟକ୍ରମକୁ ମୁଖ୍ୟତଃ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ନାମ ଭୋଟର ତାଲିକାରେ ଯୋଗ କରାଯିବା ତଥା ସେମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସଂଶ୍ଳିଷ୍ଟ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଏଥିପାଇଁ ମତଦାନ କେନ୍ଦ୍ରରେ ହୁଇଲ୍ ଚେୟାର, ଏନ୍‌ଏସ୍‌ଏସ୍, ସ୍କାଉଟ୍ସ ଗାଇଡ୍ସ ଓ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇ ଶୃଙ୍ଖଳିତ ଭାବରେ ମତଦାନ ସମ୍ପନ୍ନ କରାଯିବ।

### ପ୍ରଥମ ଦଫାରେ ...

ବୃଦ୍ଧି ଘଟି ପାଖାପାଖି ୪ କୋଟି ୬୨ ଲକ୍ଷ ୬୩ ହଜାର ୯୮୩ରେ ପହଞ୍ଚିଛି। ତେଣୁ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ସର୍ବୋଚ୍ଚ ସୀମା ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ବାରମ୍ବାର ଅନୁରୋଧ କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ନିଜେ କେନ୍ଦ୍ରକୁ ଚିଠି ମଧ୍ୟ ଲେଖିଛନ୍ତି। କିନ୍ତୁ କେନ୍ଦ୍ର ପକ୍ଷରୁ ଏନେଇ କୌଣସି ସାକାରାତ୍ମକ ଉତ୍ତର ନମିଳିବା ଫଳରେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ସମସ୍ତ ଗରିବ, ଅସହାୟ ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୩୪ ଲକ୍ଷ ୪୪ ହଜାର ଗରିବ ଲୋକ ଉପକୃତ ହେବେ ବୋଲି କୁହାଯାଇଛି। ଯୋଜନା ବାବଦକୁ ଆବଶ୍ୟକ ହେଉଥିବା ଅର୍ଥ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଭରଣା କରିବେ। ସେହିପରି ଆବଶ୍ୟକ ହେଉଥିବା ବାର୍ଷିକ ଚାଉଳର ପରିମାଣ ରାଜ୍ୟରେ ସଂଗୃହୀତ ହେଉଥିବା ଚାଉଳରୁ ଭରଣା କରାଯିବ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର






## ଶ୍ରମିକ ବଦଳରେ ମେସିନ କରୁଛି କାମ ନେତା, ଅଧିକାରୀ ମାଲେମାଲ

**ଖୋରଧା :** ଜିଲ୍ଲାରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନୀଯୁକ୍ତି ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ କେତେକ ଦୁର୍ନୀତି ଗ୍ରସ୍ତ ଅଧିକାରୀ ଏବଂ କୁଜି ନେତାମାନଙ୍କ ଚକ୍ରାନ୍ତ ଯୋଗୁଁ ଏହାର ସୁଫଳ ସାଧାରଣ ଲୋକେ ପାଇବା ବଦଳରେ ନେତା ଅଧିକାରୀ ମାଲେ ମାଲ ହେବାରେ ଲାଗିଛନ୍ତି। ଜୀବନ ଜୀବିକା ପାଇଁ ଛୋଟ ଛୋଟ ବ୍ୟବସାୟ ଏବଂ ଦିନ ମଜୁରି ଉପରେ ୬୦ ପ୍ରତିଶତ ନିର୍ଭରଶୀଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ତାର ସୁଫଳ ତୃଣମୂଳସ୍ତରରେ ପହଞ୍ଚି ପାରୁନଥିବା ଦେଖିବାକୁ ମିଳୁଛି। ଗାଁ ଗାଁରେ ଶ୍ରମିକମାନଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରିଥିଲେ ମଧ୍ୟ ବହୁ ସ୍ଥାନରେ ଶ୍ରମିକମାନଙ୍କ ବଦଳରେ ମେସିନ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ବ୍ଲକ୍ ଗୁଡ଼ିକରେ ପିସି କାରବାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଗ୍ରାମପଞ୍ଚାୟତସ୍ତରରେ ରାଜନୈତିକ ବ୍ୟକ୍ତିମାନଙ୍କ ପୃଷ୍ଠ ପୋଷକତାରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟରେ ଦୁର୍ନୀତି ହେଉଥିବା ଦେଖିବାକୁ ମିଳୁଛି। ସେମାନେ ସରକାରୀ କର୍ମଚାରୀମାନଙ୍କ ଉପରେ ଚାପ ପ୍ରୟୋଗ କରିବା ସହିତ ମିଥ୍ୟା ମଷ୍ଟରରୋଲ ପ୍ରସ୍ତୁତ କରି ଅର୍ଥକୁ ଆତ୍ମସାତ କରୁଥିବା ଜଣାଯାଇଛି। ବ୍ଲକ୍‌ରେ ଗରିବ ଓ ଶ୍ରମିକ ଶ୍ରେଣୀର ଲୋକଙ୍କୁ ଆର୍ଥିକ ପ୍ରଲୋଭନ ଦେଖାଇ ସେମାନଙ୍କର ହଜାର ହଜାର ସଂଖ୍ୟାରେ ଜବକାର୍ଡ଼ ଠିକାଦାର ଓ ଗ୍ରାମାଞ୍ଚଳର ତଳସ୍ତର ନେତାମାନେ ବନ୍ଧା ରଖିଥିବା ଜଣାଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ମେସିନ ସାହାଯ୍ୟରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟ ଚାଲିଥିବା ଅଭିଯୋଗମାନ ହେଉଛି। ବ୍ଲକ୍ ପ୍ରଶାସନର ନାକତଳେ ଏହି ବେଆଇନ କାର୍ଯ୍ୟ ଚାଲିଛି। ଗୋଟିଏ ପଟେ କାମ ନପାଇ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶହ ଶହ ସଂଖ୍ୟାରେ ଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଥିବା ବେଳେ ସରକାରୀ ଯୋଜନା ଗୁଡ଼ିକରେ ଯଦି ଶ୍ରମିକ ବଦଳରେ ମେସିନ କାମ କରିବ ଏବଂ ରାଜନୈତିକ ଚାପରେ ବ୍ଲକ୍ ପ୍ରଶାସନ ନୀରବ ରହିବେ ସାଧାରଣ ଲୋକଙ୍କୁ ନ୍ୟାୟ ମିଳିବା କଷ୍ଟକର ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜଳ ନିଷ୍କାସନ ପଥ ଅବରୋଧ

### ଗାଁ ରାସ୍ତାରେ ଜମି ରହୁଛି ବର୍ଷାଜଳ

**ମାର୍ଶାଘାଇ :** ମାର୍ଶାଘାଇ ବଜାର ସମେତ ସଲଗ୍ନ କୁମ୍ଭାରସାହି ଏବଂ ବନ୍ଧ ସାହିର ବର୍ଷାଜଳ ନିଷ୍କାସନ ପଥ ଅବରୋଧ ହୋଇଥିବାରୁ ଗ୍ରାମ ରାସ୍ତାରେ ବର୍ଷାଜଳ ଦୀର୍ଘଦିନ ଧରି ଜମି ରହୁଛି। ବନ୍ଧ ସାହିରେ ଏହି ସମସ୍ୟା ଗୁରୁତର ଭାବେ ଉଭା ହୋଇଛି। ନିକଟରେ ଯାଇଥିବା ଜମ୍ବୁ-ମାର୍ଶାଘାଇ କେନାଲର ଶାଖା ୧୮ ନଂ କେନାଲର ପତ୍ତନ ଠାରୁ ଆହୁରି ନିମ୍ନରେ ଥିବା ଏହି ଗ୍ରାମର ରାସ୍ତାରେ ବର୍ଷାଜଳ ଜମି ରହୁଥିବା ଜଣା ପଡିଛି। ଗ୍ରାମର କେନାଲ ପାଖ ରାସ୍ତା ଠାରୁ ଆରମ୍ଭ କରି ସମିତି ସଭ୍ୟ ନିଗମ ପ୍ରସାଦ ରଥଙ୍କ ଘର ସାମନା ପର୍ଯ୍ୟନ୍ତ ବର୍ଷା ଜଳ ରାସ୍ତାରେ ଜମି ରହିଥିବାରୁ ଏହି ରାସ୍ତା ଦେଇ ଯାତାୟତ କରିବା କଷ୍ଟ ହୋଇପଡିଛି। ବର୍ଷାଜଳ ଗ୍ରାମର ଉତ୍ତର ପଟକୁ ବହିଯାଇ ପୁରୁଣା ଅର୍ବାନ ବ୍ୟାଙ୍କ ପାଖ ଦେଇ ଓରିଏଣ୍ଟାଲ କ୍ଲବ ନିକଟରେ ଥିବା ଡ୍ରେନରେ ମିଶି ମାର୍ଶାଘାଇ ମେଡିକାଲର ପଶ୍ଚିମ ପାର୍ଶ୍ୱରେ ଥିବା ମୁଖ୍ୟ ନର୍ଦ୍ଦମାରେ ଜଳ ନିଷ୍କାସିତ ହୋଇଥାଏ।ନିଷ୍କାସନ ପାଇଁ ଥିବା ପଥ ଅବରୋଧ ହୋଇ ଥିବାରୁ ବର୍ଷାଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଛି। ସୂଚନା ଥାଉକି, ମେଡିକାଲ, ମାର୍ଶାଘାଇ କଲେଜ,ବାଳିକା ହାଇସ୍କୁଲ,ସରକାରୀ ହାଇସ୍କୁଲ, ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ପ୍ରଭୃତିକୁ ଏହି ଗ୍ରାମ ରାସ୍ତା ଦେଇ ଲକ୍ ଛକ ପଟରୁ ଦୈନିକ ଶତାଧିକ ଛାତ୍ରଛାତ୍ରୀ,ରୋଗୀ ଏବଂ ପଥଚାରୀ ଯାତାୟତ କରିଥାନ୍ତି। ରାସ୍ତାର ଏପରି ଅବସ୍ଥା ଯୋଗୁ ଯାତାୟତରେ ସମସ୍ୟା ସୃଷ୍ଟି ହେବା ସହିତ ଗ୍ରାମରେ ମାରାତ୍ମକ ରୋଗ ସଂକ୍ରମଣ ହେବାର ସମ୍ଭାବନା ରହିଛି। ଜଳ ନିଷ୍କାସନ ପଥକୁ ଅବରୋଧମୁକ୍ତ କରିବା ପାଇଁ ଦାବି ହେଉଛି।

## ୬୨ ବ୍ଲକ୍‌ରେ ହେବ 'ଲଘୁ ଶସ୍ୟ ମିଶନ୍'

**ଭୁବନେଶ୍ୱର :** ଚାଷୀଙ୍କ ଆୟ ବୃଦ୍ଧି ପାଇଁ ରାଜ୍ୟର ୧୨ଟି ଜିଲ୍ଲାର ୬୨ ବ୍ଲକ୍‌କୁ ମିଲେଟ୍ ମିଶନ୍ 'କ୍ଷୁଦ୍ର ଶସ୍ୟ ମିଶନ' ଅନ୍ତର୍ଭୁକ୍ତ କରାଯାଇଛି। ମୁଖ୍ୟସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟ ସଚିବ ଶ୍ରୀ ପାଢ଼ୀ ଭିଡିଓ କନଫରେନ୍ସ ଜରିଆରେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ମିଶନର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଛନ୍ତି। ସଚିବାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ କୃଷି ସଚିବ ସୌରଭ ଗର୍ଗ କ୍ଷୁଦ୍ର ଶସ୍ୟ ଚାଷ ସମ୍ବନ୍ଧିତ ତଥ୍ୟ ଉପସ୍ଥାପନ କରିଥିଲେ। ମିଲେଟ୍ ଚାଷ ରାଜ୍ୟରେ ପୋଷଣ ନିରାପତ୍ତା ସୃଷ୍ଟି କରିବା ସହ ଚାଷୀଙ୍କ ପାଇଁ ଅଧିକ ଲାଭଜନକ ହେବ ବୋଲି ମୁଖ୍ୟ ସଚିବ ଶ୍ରୀ ପାଢ଼ୀ କହିଥିଲେ। ବ୍ଲକ୍ ସ୍ତରରେ କୃଷକ ସମ୍ପର୍କ ଓ ପରାମର୍ଶ କେନ୍ଦ୍ରର ବୈଠକ ନିୟମିତ ଭାବେ ଆୟୋଜନ କରିବାକୁ ଶ୍ରୀ ପାଢ଼ୀ ପରାମର୍ଶ ଦେଇଥିଲେ। ଚଳିତ ଖରିଫ ଋତୁରେ ପ୍ରତି ୧୫ ଦିନରେ ବୈଠକ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ୍ କ୍ଷୁଦ୍ର ଶସ୍ୟ ସଂଗ୍ରହ ଓ ସଂରକ୍ଷଣ ପାଇଁ ସ୍ଥାନ ନିରୂପଣ କରିବାକୁ ପରାମର୍ଶ ଦେଇଥିଲେ। ଗତବର୍ଷ ରାୟଗଡ଼ା, ନୂଆପଡ଼ା, ମାଲକାନଗିରି, କୋରାପୁଟ, କନ୍ଧମାଳ, କଳାହାଣ୍ଡି ଓ ଗଜପତି ଆଦି ୭ଟି ଜିଲ୍ଲାରେ ୩୦ଟି ବ୍ଲକକୁ ମିଲେଟ୍ ମିଶନରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିସହିତ ସୁନ୍ଦରଗଡ଼, ମୟୁରଭଞ୍ଜ, ବଲାଙ୍ଗୀର ଓ ଗଞ୍ଜାମ ଆଦି ୪ଟି ଜିଲ୍ଲାର ୨୫ଟି ବ୍ଲକରେ ମିଶନର କାର୍ଯ୍ୟ ଆରମ୍ଭ ହୋଇଛି। କେନ୍ଦୁଝର ଜିଲ୍ଲା ଖଣିଜ ଅଞ୍ଚଳ ଉନ୍ନୟନ ଫାଉଣ୍ଡେସନ୍ ଦ୍ୱାରା ଜିଲ୍ଲାର ୭ଟି ବ୍ଲକକୁ ମିଶନ ଅନ୍ତର୍ଭୁକ୍ତ କରାଯାଇଛି। ବରଗଡ଼ ଓ ନବରଙ୍ଗପୁର ଜିଲ୍ଲାରେ ମିଶନ୍ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। କୃଷି ସଚିବ ଶ୍ରୀ ଗର୍ଗ କହିଥିଲେ, ରାଜ୍ୟର ସମସ୍ତ ବ୍ଲକରେ କୃଷକ ସମ୍ପର୍କ କେନ୍ଦ୍ରଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇଛି। ପ୍ରତି ସପ୍ତାହରେ ପଞ୍ଚାୟତ କାର୍ଯ୍ୟାଳୟରେ କୃଷକ ସହାୟକ କେନ୍ଦ୍ର ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାଷ ପାଇଁ ବିହନ ଓ ସାର ଯୋଗାଣ, ଶସ୍ୟବୀମାରେ ଚାଷୀଙ୍କୁ ପଞ୍ଜୀକରଣ, ଅଣରଣୀ ଚାଷୀଙ୍କୁ ବୀମା ଅନ୍ତର୍ଭୁକ୍ତୀକରଣ ସମ୍ପର୍କରେ ବୈଠକରେ ସମୀକ୍ଷା ହୋଇଥିଲା। ବୈଠକରେ ସମବାୟ ବିଭାଗ ସଚିବ ରଞ୍ଜନା ଚୋପ୍ରା, କୃଷି ନିର୍ଦ୍ଦେଶକ ମୁଥୁ କୁମାର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ମୁଖ୍ୟସଚିବଙ୍କ ସମୀକ୍ଷା ବୈଠକ

### 'ଡାଏରୀ ଏକ୍ସପ୍ରେସ୍'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## 'ଘରେ ପହଞ୍ଚିବ ଓମ୍‌ଫେଡ୍ ଉତ୍ପାଦ'

**ଭୁବନେଶ୍ୱର :** ଘରେ ଘରେ ଓମ୍‌ଫେଡ୍ ଉତ୍ପାଦ ପହଞ୍ଚାଇବ ଓମ୍‌ଫେଡ୍‌ର ଅଭିନବ ପ୍ରୟାସ 'ଡାଏରୀ ଏକ୍ସପ୍ରେସ୍'। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟ ନାୟକ ଭୁବନେଶ୍ୱର ଜୟଦେବ ଭବନଠାରେ ପତାକା ଦେଖାଇ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି। ଖାଉଟିମାନଙ୍କ ପାଖରେ ଏହି ଉତ୍ପାଦସବୁକୁ ପହଞ୍ଚାଇବାକୁ ଥିବା 'ଡାଏରୀ ଏକ୍ସପ୍ରେସ୍' ବ୍ୟାଟେରୀ ଚଳିତ ଇ-କାର୍ଟ ବୋଲି ଜଣାଯାଇଛି। ଏହି ଇ-କାର୍ଟ ଗୁଡ଼ିକ ବିଭିନ୍ନ ବର୍ଗର ଖାଉଟିମାନଙ୍କ ସୁବିଧା ନିମନ୍ତେ ଆବସିକ କଲୋନୀ, ଘରୋଇ କମ୍ପ୍ଲେକ୍ସ, ଆପାର୍ଟମେଣ୍ଟ, କାର୍କେଟ ଅଞ୍ଚଳ, ଅବକାଶ ବିନୋଦନ ପାର୍କ, ଶିକ୍ଷାନୁଷ୍ଠାନ ନିକଟରେ ଉପଲବ୍ଧ ହେବ। ବର୍ତ୍ତମାନ ସୁଦ୍ଧା ଓମଫେଡ୍ ୩ଲକ୍ଷ ଦୁଗ୍ଧଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ କରାଯାଇ, ସେମାନଙ୍କୁ ବିକ୍ରୟ ସୁବିଧା ଯୋଗାଇଦେବା ସହ ଗ୍ରାହକମାନଙ୍କୁ ଗୁଣାତ୍ମକ ମାନର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି। ଓମଫେଡ଼ ବ୍ୟାଟେରୀ ଚଳିତ ଇ-କାର୍ଟ ଆସିବା ପରେ ଏଥିରେ ସୁବାସିତ ଦୁଗ୍ଧ ବୋତଲ, ରାବିଡ଼ି, ମିଠାଦହି, ପ୍ୟାକେଟ୍ ଦହି, ସାଧା ଦହି, ଘୋଳ ଦହି, ଲସି, ଛେନାପୋଡ, ଟେବୁଲ ବଟର୍, ପନିର୍, ପେଡ଼ା, ଖୁଆ, ଟିଣପ୍ୟାକ୍ ରସଗୋଲା, ଗୋଲାପଜାମୁନ୍ ସହ ବିଭିନ୍ନ ସ୍ୱାଦର ଆଇସକ୍ରିମ୍ ଉପଲବ୍ଧ ହେବ। ସମସ୍ତ ପ୍ରକାର ସତେଜ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଓମଫେଡ ଦ୍ୱାରା ନିଯୁକ୍ତିପ୍ରାପ୍ତ ବିକ୍ରେତାଙ୍କ ଦ୍ୱାରା ଖାଉଟିମାନଙ୍କୁ ସିଧାସଳଖ ବିକ୍ରୟ କରାଯିବ। ପ୍ରାଥମିକ ଅବସ୍ଥାରେ ଭୁବନେଶ୍ୱର ପାଇଁ ଓମ୍‌ଫେଡ୍ ୧୦ଟି ଇ-କାର୍ଟ ଯୋଗେ ସେବା ଆରମ୍ଭ କରିଛି। ଏକ କୋଟି ଟଙ୍କାର ବ୍ୟୟ ଅଟକଳରେ ଏହି ପ୍ରକଳ୍ପରେ ପରେ ପର୍ଯ୍ୟାୟ କ୍ରମେ ଆଉ ୪୦ଟି କାର୍ଟ ଯୋଡ଼ି ହେବ ଯାହାକି ଭୁବନେଶ୍ୱରର ୬୭ଟି ୱାର୍ଡରେ ଓମ୍‌ଫେଡ୍ ସାମଗ୍ରୀ ଯୋଗାଇବ। କୃଷି ବିକାଶ ଯୋଜନାରେ ମଞ୍ଜୁରୀ ପ୍ରାପ୍ତ ଏହି ପ୍ରୟାସ ଅନୁଯାୟୀ ପର୍ଯ୍ୟାୟକ୍ରମେ କଟକ, ପୁରୀ, ବ୍ରହ୍ମପୁର ଓ ସମ୍ବଲପୁର ଆଦି ସହରରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ଓମ୍ ଫେଡ୍ ଡାଇରେକ୍ଟର ବିଶାଳ ଗଗନ୍ ସୂଚନା ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଓମ୍‌ଫେଡ୍ ଡାଏରୀ ଏକ୍ସପ୍ରେସ୍ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଯାହାକି ଓମ୍‌ଫେଡ୍‌ର ବିଭିନ୍ନ ପ୍ରକାର ସାମଗ୍ରୀ ସହଜରେ ଘରେ ଘରେ ଉପଲବ୍ଧ କରାଇବ। ଭୁବନେଶ୍ୱର ପରେ ଓଡ଼ିଶାର ଅନ୍ୟ ପ୍ରମୁଖ ସହର ଯଥା କଟକ, ପୁରୀ ଏବଂ ସମ୍ବଲପୁରରେ ଏହି ସୁବିଧା ଉପଲବ୍ଧ ହେବ।




## କଳାହାଣ୍ଡି ଖବର

**ଭବାନୀପାଟଣା :** ଅର୍ଥ ଆତ୍ମସାତ ଅଭିଯୋଗରେ ପୂର୍ବତନ ଜିଲ୍ଲା ପରିଷଦ ଥୁଆମୂଳରାମପୁର ବ୍ଲକ୍ ର ଶ୍ରୀ ବଜ୍ର ଭୋଇ ବର୍ତମାନର ସମିତି ସଭ୍ୟ ତିନୋଟି ଚେକ୍ ହେରଫେର କେସ୍ ରେ ଭବାନୀପାଟଣା ସ୍ପେସାଲ ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ତିନି ବର୍ଷ ସଶ୍ରମ କାରାଦଣ୍ଡ ଓ ୬୦,୦୦୦ ଅର୍ଥ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି ।

**ଧର୍ମଗଡ :** ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ରେ ୨୦୫ ଟି ପ୍ରକଳ୍ପ ପାଇଁ ୪ କୋଟି ୧୪ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଧର୍ମଗଡ ଜନସାଧାରଣଙ୍କ ସହିତ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସିଧାସଳଖ କଥାବାର୍ତା କରିଥିଲେ ଓ ଏହାକୁ ତିନି ଚାରି ଦିନ ଭିତରେ ଆରମ୍ଭ କରାଯିବା ପାଇଁ ନିଷ୍ପତି କରାଯାଇଛି ବୋଲି କଳାହାଣ୍ଡି ଜଲ୍ଲାପାଳ ଅଞ୍ଜନ କୁମାର ମାଣିକ ସୂଚନା ଦେଇଥିଲେ।

**ଧର୍ମଗଡ :** ଗତ ୨୮ତାରିଖ୮ ଶନିବାର ଦିନ କଳାହାଣ୍ଡି ଜିଲ୍ଲା ସିଭିଲ୍ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ତାଲୁକ ଆଇନ ସେବା ତରଫରୁ ଆୟୋଜିତ ଲୋକ ଅଦାଲତ ରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ରାମକୃଷ୍ଣ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ।

**ଜୁନାଗଡ :** ୨୦୧୯ ସାଧାରଣ ନିର୍ବାଚନ ପାଖୋ ଆସୁଥିବା ବେଳେ କଳାହାଣ୍ଡି ଜିଲ୍ଲା ସରଗରମ ହେବାରେ ଲାଗିଛି ସ୍ଥିତି ଦୁର୍ବଳ ଥିବା ଅନୁଭବ କରି ବିଧାୟକ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଲୋକ ସଭା ଆସନ ପ୍ରତି ଲୋଲୁପ ଦୃଷ୍ଟି ପକାଉଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଅଛି ।

**ଧର୍ମଗଡ :** ଗତ ମଙ୍ଗଳବାର ସନ୍ଧ୍ୟାରେ ଧର୍ମଗଡ ନିକଟସ୍ଥ ନନ୍ଦ ଗାଁ ଠାରେ ସମବାୟ ଆପଣଙ୍କ ଦ୍ୱାରାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଜୁନାଗଡ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଭା ପରିଚାଳନା କରୁଥିବା ସମୟରେ ଇଚ୍ଛାପୁର ଗାଁ ର ଟଙ୍କଧର ଖର୍ସେଲ କିଛି ବିରୋଧ ଆଚରଣ ପ୍ରଦର୍ଶନ କରିବା ଫଳରେ ବିଧାୟକ ରାଗି ଯାଇ ତାଙ୍କୁ ମାରି ଦେବି ଏଠାରୁ ପଳାଅ ନଚେତ୍ ଜୀବନରେ ମାରିଦେବି ବୋଲି ଧମକ ଦେବାରୁ ଯାଦବ ମହା ସଂଘ ତରଫରୁ ବିଧାୟକଙ୍କୁ ଗିରଫ କରିବା ପାଇଁ ଜନ ଆନ୍ଦୋଳନ ଜାଗି ଉଠିଛି।

## ଜଣାଶୁଣା ବ୍ୟକ୍ତିଙ୍କ ବିୟୋଗରେ ଶୋକସଭା

**ମାର୍ଶାଘାଇ :** ମାର୍ଶାଘାଇ ଅଞ୍ଚଳର ଜଣାଶୁଣଶ ରାଜମିସ୍ତ୍ରୀ ଶରତ ଚନ୍ଦ୍ର ସ୍ୱାଇଁ(୭୨)ଙ୍କ ବିୟୋଗରେ ଯୁବ ରାଜମିସ୍ତ୍ରୀ ଏବଂ ନିର୍ମାଣ ଶ୍ରମିକ ମାନଙ୍କ ତରଫରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ଯଜ୍ଞ ମଠ ପ୍ରାଙ୍ଗଣରେ ବସନ୍ତ ବସନ୍ତିଆଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଶୋକ ସଭାରେ ରମେଶ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିବା ପରେ ସ୍ୱର୍ଗତଃ ସ୍ୱାଇଁଙ୍କର ସ୍ମୃତିଚାରଣ କରିଥିଲେ।ବିଶ୍ୱନାଥ ପ୍ରଧାନ,ଅରବିନ୍ଦ ପ୍ରଧାନ,ସମୀର ସେଠୀ,କାଳନ୍ଦୀ ବେହେରା,ବ୍ରଜକିଶୋର ଦାସ,ଅନନ୍ତ ମାହାଳି,ପ୍ରମୋଦ ଦାସ,ହେମନ୍ତ ବେହେରା,ରମେଶ ଦାସ,ବାବୁ ରାଏ,ଦୁଖିଶ୍ୟାମ ବେହେରା,ରାଜେନ୍ଦ୍ର ପ୍ରଧାନ,ଉତ୍ତମ ସ୍ୱାଇଁ,ସୁର ବସନ୍ତିଆ,ଗଣେଶ୍ୱର ସ୍ୱାଇଁ,ଚିତ ବସନ୍ତିଆ,ବଳରାମ ନାୟକ,ସୁଶାନ୍ତ ଦାସ,ଗୌତମ ବସନ୍ତିଆ,ରମେଶ ଖଟୁଆ,ଦିପ୍ତିରଂଜନ ସାହୁ ,ସୁଦାମ ଖଟୁଆ ଡୋରା ଯେନା,ଧିର ରାଉତ,ଶିବୁ ରାଉତ,ମାଧବ ରାଉତ,କାଳନ୍ଦୀ ସାହୁ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଅଲ୍‌ଟ୍ରା ଟେକ୍ କମ୍ପାନୀର କେନ୍ଦ୍ରାପଡା ଜିଲ୍ଲାର ବୈଷୟିକ ଯନ୍ତ୍ରୀ କୌସ୍ତୁଭ କୁମାର ଧଳ ଏହି ଶୋକ ସଭାରେ ଯୋଗଦେଇଥିଲେ।ସ୍ୱର୍ଗତଃ ସ୍ୱାଇଁଙ୍କ ଅମର ଆତ୍ମାର ସଦଗତି କାମନା କରି ତାଙ୍କ ଠାରୁ ରାଜମିସ୍ତ୍ରୀ କାମ ଶିକ୍ଷାଲାଭ କରି ମାର୍ଶାଘାଇରେ କାର୍ଯ୍ୟକରୁଥିବା ୧୪ ଟି ଗ୍ରୁପ୍‌ର ୨୦୦ରୁ ଅଧିକ ରାଜମିସ୍ତ୍ରୀ ଙ୍କ ସମେତ ୫୦୦ ରାଜମିସ୍ତ୍ରୀ ଏବଂ ଶ୍ରମିକ ଗୁରୁବାର ଦିନ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ସ୍ୱର୍ଗତଃ ସ୍ୱାଇଁ ଦୀର୍ଘ ୮ ବର୍ଷ ହେବ ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ ମଧ୍ୟ ଶ୍ରମ ବିଭାଗ ତରଫରୁ କୌଣସି ପ୍ରକାର ସହାୟତା ପାଇ ନ ଥିବାରୁ ଉପସ୍ଥିତ ନିର୍ମାଣ ଶ୍ରମିକମାନେ କ୍ଷୋଭ ପ୍ରକାଶ କରିଥିଲେ। ଏ ନେଇ ଜିଲ୍ଲା ଶ୍ରମ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ସାହାଯ୍ୟ ପ୍ରଦାନ କରିବାକୁ ଉପସ୍ଥିତ ରାଜମିସ୍ତ୍ରୀ ମାନେ ଦାବି କରିଛନ୍ତି।



## ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

**ସୋନପୁର :** ସ୍ଥାନୀୟ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଆଗାମୀ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦାଶରଥୀ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲାପାଳ ଶ୍ର ଶତପଥୀ ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବୈଠକରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭୂଜଙ୍ଗ ଭୂଷଣ ରାଓ ଆଲୋଚ୍ୟ ବିଷୟବସ୍ତୁ ଉପସ୍ଥାପନା କରିଥିଲେ। ଚଳିତବର୍ଷ ୪୨ ଦଳ ପ୍ୟାରେଟରେ ଭାଗ ନେବେ ବୋଲି ସୂଚାନା ଦେବା ସହିତ ୭ରୁ ୮ଟା ସମୟରେ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ସାତଟାରେ ସମସ୍ତ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବ। ସ୍ଥାନୀୟ ଷ୍ଟାଡିୟମ ପଡିଆରେ ଠାରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡ ଅଭିବାଦନ ଗ୍ରହଣ କରିବା ସହ କୃତୀ ପ୍ରତିଯୋଗୀ ଓ ପ୍ରତିଭାଧାରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିବେ। ବୈଠକରେ ପିଡିଡିଆରଡିଏ ସୁର୍ଯ୍ୟନାରାଣ ଦାସ, ବନଖଣ୍ଡ ଅଦିକାରୀ ରଶ୍ମିରଞ୍ଜନ ନାଏକ, ଏସଡିପିଓ ସୟଦ ମଜିବୁର ରହେମନ, ଡିପିଇପି ସଂଯୋଜକ ବେଣୁଧର ଦାସ, ଶିଶୁ ଶୁରକ୍ଷା ଅଧିକାରୀ ଚତୁରଭୁଜ ଦାସ, କୃଷି ଯୋଜନା ଅଧିକାରୀ ଗଦାଧର ବାରିକ, ନିଳାମ୍ବର ରାୟଗୁରୁ, ରୋବିନ୍ଦ ମହାରଣା, କଇଁରୁ ସ୍ୱାଇଁ, ବେଣି ମାଧବ ବେଦବାକଙ୍କ ସମତେ ସହରର ସମସ୍ତ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଶେଷରେ ଲୋକ ସମ୍ପର୍କ ଅଧିକାରୀ ଭୂଜଙ୍ଗ ଭୂଷଣ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।




## ୨୫୭ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୨ଜଣ ଶିକ୍ଷକ

**ଡାବୁଗାଁ :** ଡାବୁଗାଁ ବ୍ଲକ ସଦର ମହକୁମାର ସର୍ବ ପୁରାତନ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଡାକ୍ତର, ଇଞ୍ଜିନିୟର ଓ ବୈଜ୍ଞାନିକ ହୋଇ ବାହାରିଥିବା ବେଳେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଦୁଇ ଶିକ୍ଷକରେ ପାଠପଢ଼ା ବହୁ ବ୍ୟାଘାତ ସୃଷ୍ଟି କରୁଛି। ଉକ୍ତ ବିଦ୍ୟାଳୟଟି ୧୯୭୦ ମସିହାରେ ସ୍ଥାପିତ ହୋଇଥିବା ବେଳେ ଚଳିତବର୍ଷ ୯ମ ଶ୍ରେଣୀରେ ୧୪୯ ଜଣ ଓ ୧୦ମ ଶ୍ରେଣୀରେ ୧୦୮ଜଣ ଏପରି ମୋଟ ୨୫୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଦୁଇଜଣ ଶିକ୍ଷୟିତ୍ରୀ ଜଣେ ଶିକ୍ଷକ ନିଯୁକ୍ତ ହୋଇଥିଲେ। ସ୍ଥାନୀୟ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଶିକ୍ଷୟିତ୍ରୀ ମଞ୍ଜୁ ସାହୁକାର ଅତିରିକ୍ତ ଭାବେ ଉକ୍ତ ଦାୟିତବ ତୁଲାଉଛନ୍ତି। ଅନ୍ୟପଟେ ବସିବା ନିମନ୍ତେ ଚେୟାର ଓ ଟେବୁଲର ବ୍ୟବସ୍ଥା ନଥିବାରୁ ନବମ ଶ୍ରେଣୀର ଛାତ୍ରଛାତ୍ରୀ ଚଟାଣ ତଳେ ବସି ପାଠ ପଢୁଛନ୍ତି। ଉକ୍ତ ବିଦ୍ୟାଳୟରେ ଦୀର୍ଘବର୍ଷ ହେଲା ହିନ୍ଦୀ, ସଂସ୍କୃତ ଶିକ୍ଷକ ଅବସର ନେବା ପରଠାରୁ ଏଠାରେ ଉକ୍ତ ପଦବୀ ପୂରଣ ନହୋଇ ଖାଲିପଡିଛି। ସେହିପରି ଓଡ଼ିଆ ଓ ଇଂରାଜୀ ଶିକ୍ଷକ ପଦବୀ ଖାଲି ପଡିଛି। ଉକ୍ତ ବିଦ୍ୟାଳୟରେ ଆର୍ଟସ ଶିକ୍ଷକ ୩ଜଣ, ବିଜ୍ଞାନ ଶିକ୍ଷକ ୨ଜଣ, ହିନ୍ଦୀ, ସଂସ୍କୃତ ଶିକ୍ଷକ ୨ଜଣ, ପ୍ରଧାନ ଶିକ୍ଷକ ଜଣେ, ଏପରି ଆଠଜଣ ଶିକ୍ଷକ ପଦବୀ ରହିଥିବା ବେଳେ ମାତ୍ର ଦୁଇଜଣ କିପରି ପାଠ ପଢ଼ାଇବେ ତାହା ଚିନ୍ତାର ବିଷୟ। ସୂଚନାଥାଉ କି, ଉକ୍ତ ବିଦ୍ୟାଳୟରୁ ଡେପୁଟେସନରେ ଜୁନାପାଣି ସ୍କୁଲକୁ ଓ ଏବେ ବିଜ୍ଞାନ ଶିକ୍ଷୟିତ୍ରୀ ମଧୁସ୍ମିତା ଗନ୍ତାୟତଙ୍କୁ ଏଠାରୁ ନେଇ ସିନ୍ଧିଗାଁ ସ୍କୁଲରେ ଅବସ୍ଥାପିତ କରାଯାଇଛି। ଅଧିକ ଶିକ୍ଷକ ଥିଲେ ଏଠାରୁ ନେଇଥିଲେ କାହାରି ଅଭିଯୋଗ ନଥାନାନ୍ତି। ଶିକ୍ଷକ ଏଠାରେ ଆବଶ୍ୟକତା ପଡୁଥିବା ବେଳେ ଏଠାରୁ ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେସନ କରାଇବା କି ରହସ୍ୟ ପ୍ରଶାସନ ହିଁ ଜାଣିଛି। ଗତଦିନରେ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି କରିବାକୁ ଗ୍ରାମବାସୀ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଶିକ୍ଷା ବିଭାଗ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ପରିବର୍ତ୍ତେ ଉକ୍ତ ବିଦ୍ୟାଳୟରୁ ଡେପୁଟେସନ ଓ ବଦଳି କରିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ବ୍ୟସ୍ତ ରହୁଥିବାରୁ ୨ଟି ଶ୍ରେଣୀର ଛାତ୍ରଙ୍କୁ ଜଣେ ମାତ୍ର ଶିକ୍ଷକ ପାଠ ପଢ଼ାଉଛନ୍ତି। ଖେଳ ଶିକ୍ଷକ ହେମନ୍ତ କୁମାର ସାମଲ ଖେଳ ପିରିଅଡ ଖେଳ କରାଇବା ସହ ବାଧ ହୋଇ ପାଠ ପଢ଼ାଉଛନ୍ତି। ତାଙ୍କର ଏପରି କାର୍ଯ୍ୟକୁ ଅଭିଭାବକ ମହଲରେ ସାଧୁବାଦ ଜଣାଯାଇଛି। ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ଅଭିଭାବକମାନେ ନିଜ ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତାରେ ପଡିଛନ୍ତି। ଡାବୁଗାଁର ୧୨ଟି ପଞ୍ଚାୟତବାସୀ ଉକ୍ତ ବିଦ୍ୟାଳୟ ଉପରେ ଭରସା କରିଥିବା ବେଳେ ଶିକ୍ଷକ ଅଭାବ ଯୋଗୁଁ ପୁରାତନ ସୁନାମ ଅର୍ଜନ କରିଥିବା ବିଦ୍ୟାଳୟର ଶିକ୍ଷା ଅଧୋଗତି ଆଡକୁ ଯାଉଛି। ଏଣୁ ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ଓ ଅନ୍ୟ ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି। ଯଦି ଏହାର ସମାଧାନ ତୁରନ୍ତ କରାନଯାଏ, ତେବେ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ପକାଇ ଦିଆଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।




### ଶିକ୍ଷାଦାନ ବାଧାପ୍ରାପ୍ତ

## ନୂତନ ଏସ୍‌ପିଙ୍କ ଦାୟିତ୍ୱ ଗ୍ରହଣ



**ସୋନପୁର :** ସୁବର୍ଣ୍ଣପୁର ଜିଲ୍ଲା ଏସପି ଭାବେ ଦେବୀ ପ୍ରସାଦ ଦାଶ ଯୋଗଦାନ କରିଛନ୍ତି। ଏଠାରେ ଥିବା ପୂର୍ବତନ ଏସ୍‌ପି ପ୍ରଫୁଲ୍ଲ ପାତ୍ରଙ୍କ ଜିଲ୍ଲା ଅଫିସରୁ ଅବସର ପରେ ଶ୍ରୀ ଦାଶ ବିଦ୍ଧିବଦ୍ଧ ଭାବେ ଦାୟିତ୍ୱ ନେଇଛନ୍ତି। ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ, ଅଇନ୍ ଶୃଙ୍ଖଳା ରକ୍ଷା, ସାଇବର କ୍ରାଇମ ନିୟନ୍ତ୍ରଣ ସହ ଜିଲ୍ଲା ପୋଲିସ ପ୍ରଶାସନକୁ ଲୋକାଭିମୁଖୀ କରି ରଖିବା ତାଙ୍କର ପ୍ରଥମ ଦାୟୀତ୍ୱ ବୋଲି ଗଣମାଧ୍ୟମକୁ ତାଙ୍କର ପ୍ରତିକ୍ରିୟା ଦେଇଛନ୍ତି। ସେ ଯୋଗଦାନ କରିବା ପରେ ଜିଲ୍ଲା ପୁଲିସ ବିଭାଗ ତରଫରୁ ସ୍ୱଗତ କରାଯିବ ସହ ଓ ବିଦାୟୀ ଏସ୍‌ପିଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା।



ଚାଷୀଙ୍କୁ ଫସଲ ବୀମା ରାଶି ପ୍ରଦାନ ପ୍ରସଙ୍ଗ : କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟିଲେ ଧର୍ମେନ୍ଦ୍ର ଓ ଜୁଏଲ୍

# 'ଚାଷୀଙ୍କୁ ବୀମା ରାଶି ତୁରନ୍ତ ପ୍ରଦାନ କରାଯିବ'



**ନୂଆଦିଲ୍ଲୀ/ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଓଡ଼ିଶାର ଚାଷୀମାନଙ୍କର ବକେୟା ରାଶି ପ୍ରଦାନକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ୍ କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୁଷ ଗୋୟେଲଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ବୈଠକରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣର ବରିଷ୍ଠ ଅଧିକାରୀ, ଫାଇନାନ୍ସିଆଲ ସର୍ଭିସେସ ବିଭାଗର ଅଧିକାରୀ ତଥା ବିଭିନ୍ନ ବୀମା କମ୍ପାନୀର ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଶାର ଚାଷୀମାନଙ୍କୁ କିଛି ବୀମା ରାଶି ମିଳିବା ପ୍ରକ୍ରିୟା ଦୁଇ ତିନି ଦିନ ମଧ୍ୟରେ ଆରମ୍ଭ ହୋଇଯିବ। ଯେଉଁ ବୀମାରାଶିକୁ ନେଇ ବିବାଦ ରହିଛି, ତାହାର ଶୀଘ୍ର ସମାଧାନ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଚାଷୀମାନଙ୍କୁ ଆଗାମୀ ୨୦ରୁ ୨୫ ଦିନ ମଧ୍ୟରେ ଏହି ରାଶି ମିଳିବ। ଅଗଷ୍ଟ ଶେଷ ସୁଦ୍ଧା ସବୁ ଚାଷୀଙ୍କୁ ବୀମାରାଶି ମିଳିଯିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ନିୟମ ଅନୁସାରେ ରାଜ୍ୟ ସରକାର ଟେଣ୍ଡର୍ କରି ବିଭିନ୍ନ ଇନସ୍ୟୁରାନ୍ସ କମ୍ପାନୀକୁ ଏହି କାମ ଦେଇଥାନ୍ତି । ଦୁଇଟି ରାଷ୍ଟ୍ରାୟତ୍ତ କମ୍ପାନୀ ଓ ଦୁଇଟି ଘରୋଇ କମ୍ପାନୀକୁ କାମ ଦିଆଯାଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାର ତାଙ୍କର ପ୍ରିମିୟମ୍ ଦେଇଥିଲେ। ମାତ୍ର ଫସଲ କଟା ପରେ ସମନ୍ୱୟ ଅଭାବରୁ ଚାଷୀଙ୍କୁ ଫସଲ ବୀମା ମିଳିପାରିନାହିଁ। ଏଗ୍ରିକଲଚରାଲ୍ ଇନସ୍ୟୁରାନ୍ସ କମ୍ପାନୀକୁ ୧୫୬ କୋଟି ଟଙ୍କା ପ୍ରଦାନ କରିବାକୁ ଥିବା ବେଳେ କମ୍ପାନୀ ସେଥିମଧ୍ୟରୁ ୧୫୪ ଟଙ୍କା ପ୍ରଦାନ କରି ସାରିଛି। ସେହିପରି ନ୍ୟାସନାଲ ଇନସ୍ୟୁରାନ୍ସ କମ୍ପାନୀ ଉପରେ ମୋଟ ରାଶି ୭୯୮ କୋଟି ଟଙ୍କା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୧୯୯.୧୯ କୋଟି ଟଙ୍କା ପ୍ରଦାନ କରାଯାଇ ସାରିଛି। ଖରିଫ -୨୦୧୭ ପାଇଁ ଦିଆଯିବାକୁ ଥିବା ୩୫୨ କୋଟି ପ୍ରଦାନ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ରହିଛି ତଥା ଖୁବ ଶୀଘ୍ର ଏହି ରାଶି ପ୍ରଦାନ କରାଯିବ। ସେହିପରି ବଳକା ୧୭୩ କୋଟି ଟଙ୍କାର ବୀମା ରାଶି ପ୍ରଦାନ ନେଇ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରାଯାଉଛି। ଯେଉଁ ରାଶି ପ୍ରଦାନ ନେଇ ବିବାଦ ରହିଛି, ତା'ର ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ କୃଷି ଓ କୃଷକ ମନ୍ତ୍ରାଳୟ, ଫାଇନାନ୍ସିଆଲ ସର୍ଭିସେସ୍ ବିଭାଗ, ଓଡ଼ିଶା ସରକାର ଓ ବିଭିନ୍ନ ବୀମା କମ୍ପାନୀର ପ୍ରତିନିଧି ରହିବେ। ବେସରକାରୀ କମ୍ପାନୀ ଟାଟା ଏଆଇଜି ଇନସ୍ୟୁରାନ୍ସ ଲିମିଟେଡ୍ ଓ ଚୋଳ ଜେନେରାଲ୍ ଇନସ୍ୟୁରାନ୍ସ କମ୍ପାନୀର ଅଧିକାରୀଙ୍କୁ ଡ଼ାକି ଚାଷୀଙ୍କ ବକେୟା ରାଶି ପ୍ରଦାନ କରିବାକୁ ତାଗିଦ କରାଯିବ ବୋଲି ସେ କହିଛନ୍ତି।

## ଏସିଆନ୍ ଗେମ୍ସ

# 'ପଦକ ଜିତିବା ମୋର ଲକ୍ଷ୍ୟ'



**ମୁମ୍ବାଇ :** ଭାରତୀୟ ଶୁଟର୍ ରାହି ସାର୍ନୋବତ୍ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁଥିବା ଏସିଆନ୍ ଗେମ୍ସର ପୋଡିୟମରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛନ୍ତି। ଦୁଇଥରର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିଅନ୍ ଏହି ପିସ୍ତଲ ଶୁଟର୍ ଜଣକ ବର୍ତ୍ତମାନ ଏସିଆନ୍ ଗେମ୍ସ ପାଇଁ ଅଭ୍ୟାସ ଚଳାଇଛନ୍ତି। ନିଜର ପ୍ରସ୍ତୁତି ନେଇ ରାହି କହିଛନ୍ତି, ଆଉ କିଛିଦିନ ପରେ ଏସିଆନ୍ ଗେମ୍ସ ଆରମ୍ଭ ହେବ। ଏହା ପରେ କୋରିଆରେ ବିଶ୍ୱ ଚାମ୍ପିଅନଶିପ୍ ହେବ। ଏହି ଦୁଇଟି ଇଭେଣ୍ଟ ପାଇଁ ମୋର ପ୍ରସ୍ତୁତି ଭଲ ରହିଛି। ଏସିଆନ୍ ଗେମ୍ସ ଚାରିବର୍ଷରେ ଥରେ ଆୟୋଜିତ ହୁଏ ଏବଂ ଏଥିରେ ପଦକ ଜିତିବା ସବୁ ଆଥଲେଟଙ୍କର ଲକ୍ଷ୍ୟ ରହିଥାଏ। ମୁଁ ମଧ୍ୟ ପୋଡିୟମରେ ପହଞ୍ଚିବାକୁ ଚାହେଁ। ସେହିପରି ଜାକର୍ତ୍ତାରେ ସବୁ ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ, କିନ୍ତୁ ଏଥିପାଇଁ ଭାରତୀୟ ମହିଳାମାନେ ପ୍ରସ୍ତୁତ ଅଛନ୍ତି। ଇଞ୍ଚିଅନ୍‌ଠାରେ ଅନୁଷ୍ଠିତ ଏସିଆନ୍ ଗେମ୍ସର ଫାଇନାଲ୍‌ରେ ପହଞ୍ଚି ମୁଁ ୨୫ ମିଟର୍‌ରେ ବ୍ରୋଞ୍ଜ ପଦକ ଜିତିଥିଲି। ୨୦୧୬ରେ ଆହତ କାରଣରୁ ମୁଁ ପୂରା ବର୍ଷ ଶୁଟିଂ ଅଭ୍ୟାସ କରିପାରି ନଥିଲି। କିନ୍ତୁ ୨୦୧୭, ଜାନୁଆରୀ ପରଠାରୁ ମୁଁ ପୁଣିଥରେ ଅଭ୍ୟାସ ଆରମ୍ଭ କରିଛି। ୨୦୧୭ ବର୍ଷ ମୋ ପାଇଁ ମିଶ୍ରିତ ଥିଲା, ଏଥିରେ ମୁଁ ସେଭଳି ଭଲ ପ୍ରଦର୍ଶନ ଦେଇନଥିଲି। ୨୦୧୮ରେ ଦୁଇଟି ବିଶ୍ୱକପ୍ ଆୟୋଜିତ ହୋଇଛି। ଏଥିରୁ ଗୋଟିଏରେ ଚତୁର୍ଥ ଏବଂ ଅନ୍ୟଟିରେ ଆଭରେଜ୍ ପ୍ରଦର୍ଶନ କରିଥିଲି। ଏସିଆନ୍ ଗେମ୍ସ ପରେ ସବୁ ଶୁଟର୍‌ମାନେ ବିଶ୍ୱ ଚାମ୍ପିଅନଶିପ୍‌ରେ ଭାଗ ନେବେ। ତେଣୁ ଏହି ଦୁଇଟି ଇଭେଣ୍ଟ ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ରାହି କହିଛନ୍ତି।

# ଇଂଲଣ୍ଡ ବିପକ୍ଷରେ ୧ ହଜାର ରନ୍ ପୂରଣ କଲେ କୋହଲି



**ବର୍ମିଂହାମ :** ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ଇଂଲଣ୍ଡରେ ଖେଳାଯାଇଥିବା ଚଳିତ ପ୍ରଥମ ଟେଷ୍ଟ୍‌ର ଦ୍ୱିତୀୟ ଦିନରେ ପ୍ରଶଂସନୀୟ ଶତକ ହାସଲ କରିଛନ୍ତି। କୋହଲି ୧୪୯ ରନ୍‌ର ଦମ୍‌ଦାର ଇନିଂସ ଖେଳି ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିବା ସହ ଇଂଲଣ୍ଡ ବିପକ୍ଷରେ ୧ ହଜାର ରନ୍ ପୂରଣ କରିଛନ୍ତି। ହଜାର ରନ୍ ପୂରଣ କରିବା ପାଇଁ କୋହଲିଙ୍କୁ ୨୩ ରନ୍‌ର ଆବଶ୍ୟକତା ଥିଲା। ୩୪ତମ ଓଭର୍‌ରେ ସେ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ଏକ ରନ୍ ନେଇ ତ୍ରୟୋଦଶତମ ଭାରତୀୟ ଭାବେ ଏକ ହଜାର ରନ୍ ପୂରଣ କରିଥିଲେ। ଇଂଲଣ୍ଡ ବିପକ୍ଷରେ ଭାରତୀୟ ବ୍ୟାଟ୍ସମ୍ୟାନ୍‌ଙ୍କ ମଧ୍ୟରେ ୨୫୩୫ ରନ୍ ସହ ସବୁଠାରୁ ଆଗରେ ରହିଛନ୍ତି କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର। ଏଥିରେ ତାଙ୍କର ୭ଟି ଶତକ ଓ ୧୩ଟି ଅର୍ଦ୍ଧଶତକ ରହିଛି। ଭାରତର ଅନ୍ୟ ୧୧ ଜଣ ବ୍ୟାଟ୍‌ସମ୍ୟାନ ହେଲେ ସୁନୀଲ ଗାଭାସ୍କର, ରାହୁଲ୍ ଦ୍ରାବିଡ୍, ଗୁଣ୍ଡାପ୍ପା ବିଶ୍ୱନାଥ, ଦିଲୀପ ଭେଙ୍ଗସରକାର, କପିଳ ଦେବ, ମହମ୍ମଦ ଆଝାରୁଦ୍ଦିନ୍, ବିଜୟ ମଞ୍ଜରେକର, ମହେନ୍ଦ୍ର ସିଂହ ଧୋନି, ଫାରୁକ୍ ଇଞ୍ଜିନିୟର୍, ଚେତେଶ୍ୱର ପୂଜାରା ଓ ରବି ଶାସ୍ତ୍ରୀ।

ଜନ୍ମଦିନରେ ଦାୟିତ୍ୱ ଗ୍ରହଣ କଲେ ନୂଆ ସିପି ସତ୍ୟଜିତ୍ ମହାନ୍ତି

# 'ଅପରାଧକୁ ଦୃଢ଼ ହସ୍ତରେ ଦମନ କରାଯିବ'



**ଭୁବନେଶ୍ୱର :** ଦ୍ୱୈତନଗରୀ ଭୁବନେଶ୍ୱର-କଟକର ଷଷ୍ଠ ପୋଲିସ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ଆଇପିଏସ୍ ଅଫିସର ସତ୍ୟଜିତ୍ ମହାନ୍ତି ପୂର୍ବତନ ପୋଲିସ କମିଶନର ଯୋଗେଶ ବାହାଦୂର ଖୁରାନିଆଙ୍କ ଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ତାଙ୍କର ମୂଳଲକ୍ଷ୍ୟ। ଜନ୍ମଦିନ ଅବସରରେ ତାଙ୍କୁ ଏହି ଗୁରୁଦାୟିତ୍ୱ ମିଳିଥିବାରୁ ସେ ଅତ୍ୟନ୍ତ ଖୁସି ବୋଲି କହିଥିଲେ। ତେବେ ଆଇନ ଶୃଙ୍ଖଳା ରକ୍ଷା ଓ ଧନଜୀବନ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହିତ ଅପରାଧ ଓ ଅପରାଧୀଙ୍କୁ ଦୃଢ଼ ହସ୍ତରେ ଦମନ କରାଯିବ କହିଛନ୍ତି।

# ଭର୍ତ୍ତୃହରିଙ୍କୁ ଶ୍ରେଷ୍ଠ ସାଂସଦ ପୁରସ୍କାର



**ନୂଆଦିଲ୍ଲୀ :** ଗତ ୫ ବର୍ଷ ପାଇଁ ଶ୍ରେଷ୍ଠ ସାଂସଦ ପୁରସ୍କାର ପ୍ରଦାନ କରିଛନ୍ତି ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଡକ୍ଟର ନଜମା ହେପାତୁଲ୍ଲା ୨୦୧୩ ବର୍ଷ ପାଇଁ ଶ୍ରେଷ୍ଠ ସାଂସଦ ପୁରସ୍କାର ପାଇଥିବାବେଳେ ୨୦୧୪ ବର୍ଷ ପାଇଁ ହୁକୁମଦେବ ନାରାୟଣ ଯାଦବ, ୨୦୧୫ ବର୍ଷ ପାଇଁ ଗୁଲାମ ନବୀ ଆଜାଦ, ୨୦୧୬ ପାଇଁ ଦୀନେଶ ତ୍ରିବେଦୀ ଏବଂ ୨୦୧୭ ପାଇଁ ଭର୍ତ୍ତୃହରି ମହତାବ ଏହି ପୁରସ୍କାର ପାଇଛନ୍ତି। ସଂସଦର କେନ୍ଦ୍ରୀୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସାଂସଦମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଭେଙ୍କେୟାହ ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକସଭା ବାଚସ୍ପତି ସୁମିତ୍ରା ମହାଜନ ପ୍ରମୁଖ ଉଦବୋଧନ ଦେଇଥିଲେ। ରାଷ୍ଟ୍ରପତି କୋବିନ୍ଦ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଗୃହର ମର୍ଯ୍ୟାଦା ରକ୍ଷା କରି ଏହି ସାଂସଦମାନେ ବିତର୍କ ଜରିଆରେ ସଂସଦୀୟ ପ୍ରକ୍ରିୟାର ମୂଲ୍ୟ ବୃଦ୍ଧି କରିଛନ୍ତି। ଏହି ସାଂସଦମାନେ ସେମାନଙ୍କର ବୁଦ୍ଧି ଓ ଜ୍ଞାନ ଜରିଆରେ ଆମର ଯୁବ ପିଢ଼ିଙ୍କ ପାଇଁ ଆଦର୍ଶ ଭାବେ ଉପନୀତ ହୋଇଛନ୍ତି। ସେ କହିଛନ୍ତି ଯେ ସାଂସଦମାନେ କେବଳ ଏକ ଦଳର ପ୍ରତିନିଧି ନୁହନ୍ତି ସେମାନେ ଆମ ସାମ୍ବିଧାନିକ ପରିକଳ୍ପନାର ଦ୍ରଷ୍ଟି। ଲୋକମାନେ ବିଶେଷକରି ଗରିବ ଲୋକମାନେ ସେମାନଙ୍କ ପ୍ରତିନିଧିଙ୍କଠାରୁ ଅନେକ କିଛି ଆଶା କରନ୍ତି। ତେଣୁ ସାଂସଦମାନେ ସାଧାରଣ ଲୋକମାନଙ୍କ ଜୀବନର ମାନ ଉନ୍ନତି କରିବା ଦିଗରେ ବିଶେଷ ଭୂମିକା ଗ୍ରହଣ କରିବା ଉଚିତ। ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଭେଙ୍କେୟାହ ନାଇଡୁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଏହି ସାଂସଦମାନଙ୍କର ସଂସଦୀୟ ଭୂମିକା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ। ରାଜ୍ୟଗୁଡ଼ିକର ବିଧାୟକମାନେ ମଧ୍ୟ ଏଥିରୁ ଅନୁପ୍ରାଣୀତ ହେବେ। ତେବେ ଏହି ସାଂସଦମାନଙ୍କର ପୁରସ୍କାର ସମସ୍ତ ସାଂସଦଙ୍କ ପାଇଁ ଆତ୍ମସମୀକ୍ଷା କରିବାର ସୁଯୋଗ ସୃଷ୍ଟି କରିବା ଉଚିତ। ସଂସଦୀୟ କାର୍ଯ୍ୟରେ ବାରମ୍ବାର ବ୍ୟାଘାତ ସୃଷ୍ଟି କରିବା ସହିତ ଗୃହକାର୍ଯ୍ୟ ଅଚଳ କରୁଥିବା ସାଂସଦମାନେ ଏହି ସାଂସଦମାନଙ୍କର ଭୂମିକାରୁ କିଛି ଶିକ୍ଷା ଗ୍ରହଣ କରିବା ଉଚିତ ବୋଲି ସେ କହିଥିଲେ।

# ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ବଢ଼ିଲା

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଓଡ଼ିଶା ମେଡିକାଲ ହେଲ୍‌ଥ ସର୍ଭିସ୍ କ୍ୟାଡ଼ର ନିଷ୍ପତ୍ତି ଅନୁସାରେ ସୁପର ସ୍ପେଶିଆଲିଷ୍ଟ ଓ ପିଜି ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃଦ୍ଧି କରିଛନ୍ତି। ଏମ୍‌ସିଆଇର ସ୍ୱୀକୃତିପ୍ରାପ୍ତ ମେଡିକାଲ କଲେଜରେ କାର୍ଯ୍ୟରତ ଥିବା ସୁପର ସ୍ପେଶିଆଲିଷ୍ଟ ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ମାସିକ ୩୦ ହଜାର ଟଙ୍କା ବୃଦ୍ଧି କରାଯାଇଛି। ସୁପର ସ୍ପେଶିଆଲିଷ୍ଟ ଡାକ୍ତରଙ୍କ ବ୍ୟତୀତ ପିଜି ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ମଧ୍ୟ ମାସିକ ୨୦ ହଜାର ଟଙ୍କା ବୃଦ୍ଧି ହୋଇଛି। ସେହିପରି ପିଜି ଡିପ୍ଲୋମା ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ମାସିକ ୧୦ ହଜାର ଟଙ୍କା ବୃଦ୍ଧି କରାଯାଇଛି। ଡାକ୍ତରଙ୍କୁ ମିଳୁଥିବା ସୁବିଧା ବ୍ୟତୀତ ଏହା ଅତିରିକ୍ତ ଭାବେ ପ୍ରଦାନ କରାଯିବ।

# ଯତୀନ୍ଦ୍ରଙ୍କୁ ରାହା ଦେଖାଇଲା ଏଣ୍ଡ୍ ଓଭର



**ବରଗଡ଼ :** ଦାରିଦ୍ର୍ୟର କଷାଘାତରେ ଷଢୁଥିବା ବରଗଡ଼ ଜିଲ୍ଲା ଅନ୍ତର୍ଗତ ବିଜେପୁର ବ୍ଲକର ପୁରପୁଟା ଗ୍ରାମର ଯୁବକ ଯତୀନ୍ଦ୍ର ମହାନନ୍ଦ ପରିବାର ତଥା ନିଜ ଅଞ୍ଚଳ ପାଇଁ ଆଦର୍ଶ ସୃଷ୍ଟି କରିଛନ୍ତି। ସେ ଓଡ଼ିଶା ସରକାର ଓ ଭାରତ ସରକାରଙ୍କ ଦକ୍ଷତା ବିକାଶ ତାଲିମ 'ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା' ମାଧ୍ୟମରେ ଭୁବନେଶ୍ୱର ସ୍ଥିତ ଏଣ୍ଡ୍ ଓଭର ତାଲିମ ପ୍ରଦାନକାରୀ ସଂସ୍ଥାର ଖଣ୍ଡଗିରି ସେଣ୍ଟରଠାରେ ୱେଲ୍ଡିଂ ଟ୍ରେନିଂ ସମାପ୍ତ କରି ବର୍ତ୍ତମାନ ପୁନେ ଠାରେ ହ୍ୟୁଣ୍ଡାଇ କମ୍ପାନୀରେ ନିଯୁକ୍ତି ପାଇଛନ୍ତି। ମାସକୁ ୧୮ ହଜାର ଟଙ୍କା ବେତନ ପାଇବା ଦ୍ୱାରା ତାଙ୍କ ପରିବାରର ଆର୍ଥିକ ଅବସ୍ଥା ସୁଧୁରି ଯାଇଛି। ଯତୀନ୍ଦ୍ରଙ୍କୁ କୌଶଳ ତାଲିମ ସମ୍ପର୍କରେ ପ୍ରଥମେ ସୂଚନା ଦେଇଥିଲେ ଏଣ୍ଡ୍ ଓଭର ସଂସ୍ଥାର ଗୋଷ୍ଠୀ ସଂଗଠକ ସମାଜସେବୀ ମୁକୁନ୍ଦ ଦାଶ। ପରେ ମୁକୁନ୍ଦଙ୍କ ସହାୟତାରେ ବରଗଡ଼ର ଓରମାସ ସଂସ୍ଥା ଦ୍ୱାରା ଯତୀନ୍ଦ୍ର ମନୋନୀତ ହେବା ସହିତ ତାଲିମ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ନିଜର ସଫଳତା ପାଇଁ ଯତୀନ୍ଦ୍ର ଓରମାସ ଓ ଏଣ୍ଡ୍ ଓଭର ସଂସ୍ଥା ନିକଟରେ କୃତଜ୍ଞ ବୋଲି କହିଛନ୍ତି।



ବରଗଡ଼ : ରାଜଧାନୀର ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ ଅଲିସା ଫାଉଣ୍ଡେସନ ପକ୍ଷରୁ ପିତା-ମାତା ଦିବସ ଅବସରରେ 'ଏକମାତ୍ର'ର ଜିଲ୍ଲା ପ୍ରତିନିଧି ତଥା ସମାଜସେବୀ ମୁକୁନ୍ଦ ଦାଶଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଚିତ୍ର ତାରକା ସବ୍ୟସାଚୀ ମିଶ୍ର।

# 'ସୁବିଧା କେନ୍ଦ୍ର' ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ



**ମାହାଙ୍ଗା :** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର-ଲଳିତଗିରି ବୌଦ୍ଧବିହାର ରାସ୍ତାର ପୁରୁଷୋତ୍ତମପୁରଠାରେ ପୂର୍ତ୍ତବିଭାଗ ପକ୍ଷରୁ ୯୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ପଥପାର୍ଶ୍ୱ ସୁବିଧା କେନ୍ଦ୍ରକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଛନ୍ତି। ବ୍ଲକ୍ ଅଧ୍ୟକ୍ଷ ଶରତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଭାବେ ଶ୍ରୀ ଜେନା ଯୋଗଦେଇ ଲଳିତଗିରି ବୌଦ୍ଧବିହାରକୁ ଆସୁଥିବା ବାହାର ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଏହି କେନ୍ଦ୍ରରେ ଶୌଚଠାରୁ ଆରମ୍ଭ କରି ଚା, କଫି, ଟିଫିନ୍ ଆଦିର ସୁବ୍ୟବସ୍ଥା କରାଯାଇଛି। ସମ୍ମାନିତ ଅତିଥି ଭାବେ ବିଜେଡି ସଭାପତି ରାଜକିଶୋର ଜେନା, ଉପାଧ୍ୟକ୍ଷା ରଶିଦା ବେଗମ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କିଶୋର ସିଂହ, ଜିଲ୍ଲା ପରିଷଦ ସଭ୍ୟା ପ୍ରତିନିଧି କେଶବ ବେହେରା, ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମ ସୁନ୍ଦର ଦାଶ, ମହିଳା ବିଜେଡି ସଭ୍ୟା ପ୍ରଣୟିନୀ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଯୁବ ବିଜେଡି ସଭାପତି ଶରତ ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ପ୍ରଧାନ, ସୁବାସ ଚନ୍ଦ୍ର ସାମଲ, ରଞ୍ଜିତ କୁମାର ସିଂହ, ଜଗନ୍ନାଥ ଜେନା, ହରପ୍ରତାପ ନାୟକ, ଦୀପକ ନାୟକ, ସୁଶାନ୍ତ ଭୂୟାଁ, ସନ୍ଦୀପ ସିଂହ, ତପନ କୁମାର ସିଂହ, ଟିକିଲ ସିଂହ, ଅନିରୁଦ୍ଧ ସିଂହ, ଅନୀଲ ଭୂୟାଁ, ଜ୍ଞାନ ବିଶ୍ୱାଳ, ରଞ୍ଜନ କୁମାର ସ୍ୱାଇଁ, ସୁବାସ ଚନ୍ଦ୍ର ସାମଲ, ପ୍ରଣବ ସିଂହ, ଅକ୍ଷୟ କୁମାର ସାହୁ, ସୁଶାନ୍ତ ସିଂହ, ନାରାୟଣ ଜେନା, କୁଶ ଜେନା ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଯୁବନେତା ବଳରାମ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


PLOT FOR SALE@BHUBANESWAR



Yellow Zone, 30ft wide Road
Mouza :
Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza :
Pandiapada
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** | ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** | ସମ୍ପାଦକ : **ତାରକ ମହାନ୍ତି**